ପୃଷ୍ଠା-୧୨+୮

44

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୬/୨୦୨୧ (୧୨+୮=୨୦ ପୃଷ୍ଠା) | Bhubaneswar, Friday, November 26/2021 | ★★★★

୪୮ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




### ଟେଷ୍ଟ ପଦାର୍ପଣରେ ଶ୍ରେୟାସଙ୍କ ଅର୍ଦ୍ଧଶତକ

ନ୍ୟୁଜିଲାଣ୍ଡ ବିପକ୍ଷରେ ପଦାର୍ପଣ କ୍ରିକେଟ ଟେଷ୍ଟ ମ୍ୟାଚ ଖେଳି ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶ୍ରେୟାସ ଆୟାର। ୧୨

୧୦

### ଲକ୍ଷେ ଟଙ୍କାରେ ମେହେନ୍ଦି କରାଇବେ କାଟ୍ରିନା

ବଲିଉଡ୍ ଅଭିନେତ୍ରୀ କାଟ୍ରିନା କେଫ୍ ଏବଂ ଅଭିନେତା ଭିକି କୌଶଲଙ୍କ ବିବାହ ପୂର୍ବରୁ ମେହେନ୍ଦି ଉତ୍ସବ ଲାଗି କାଟ୍ରିନା ଲକ୍ଷେ ଟଙ୍କାରେ ମେହେନ୍ଦି କରାଇବେ।



# ପୁରୁଷଙ୍କୁ ଟପିଲେ ମହିଳା

## ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ୧,୦୨୦

### ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ



ନୂଆଦିଲ୍ଲୀ, ୨୫।୧୧

ଭାରତରେ ପ୍ରଥମ ଥର ପାଇଁ ମହିଳାଙ୍କ ସଂଖ୍ୟା ପୁରୁଷ ସଂଖ୍ୟାକୁ ଟପିଯାଇଛି। ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍)ର ୫ମ ପର୍ଯ୍ୟାୟ ସର୍ବେକ୍ଷଣ ଅନୁଯାୟୀ ଦେଶରେ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ୧,୦୨୦ ରହିଛି। ରାଜ୍ୟଗୁଡ଼ିକ ମଧ୍ୟରେ କେରଳରେ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ସର୍ବାଧିକ ୧,୧୨୧ ରହିଥିବା ସର୍ଭେରୁ ଜଣାପଡ଼ିଛି। ଚତୁର୍ଥ ପର୍ଯ୍ୟାୟ ସର୍ଭେରେ ସେଠାରେ ମହିଳାଙ୍କ ଅନୁପାତ ୧,୦୪୯ ଥିଲା। ଓଡ଼ିଶାରେ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ୧,୦୬୩ ରହିଛି, ଯାହାକି ଚତୁର୍ଥ ପର୍ଯ୍ୟାୟ ସର୍ଭେ ☞ପୃଷ୍ଠା-୪

# ଭାରତ ୧୩-୧ରେ କାନାଡ଼ାକୁ ହରାଇଲା

ଭୁବନେଶ୍ୱର,୨୫।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଏକାଧିକ ରେକର୍ଡ ସୃଷ୍ଟି ହୋଇଛି। ଗୋଟିଏ ଦିନରେ ୭୦ଟି ଗୋଲ ହୋଇଥିବାବେଳେ ଭାରତ ୧୩-୧ ଗୋଲରେ କାନାଡ଼ାକୁ ପରାସ୍ତ କରିଛି। ଭାରତ ପକ୍ଷରୁ ସଞ୍ଜୟ ଓ ଅରିଜିତ ସିଂ ହୁଣ୍ଡାଲ ହ୍ୟାଟ୍ରିକ ଅର୍ଜନ କରିଥିଲେ ଏବଂ ଓଡ଼ିଶାର ଅଭିଷେକ ଲାକ୍ରା ଗୋଲ ସ୍କୋର କରିବା ଥିଲା ମ୍ୟାଚର ଅନ୍ୟତମ ଆକର୍ଷଣ। ସେହିପରି ଗୋଟିଏ ମ୍ୟାଚରେ ସ୍ପେନ ୧୭-୦ ଗୋଲରେ ବିଜୟୀ ହୋଇ ବିରଳ ରେକର୍ଡର ମଧ୍ୟ ଅଧିକାରୀ ହୋଇଛି। ଫ୍ରାନ୍ସଠାରୁ ବୁଧବାର ହାରିଥିବା ଭାରତର ଏହା ଚଳିତ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହୋଇଥିବାବେଳେ ୱାଇଲ୍ଡକାର୍ଡ ଏଣ୍ଟ୍ରି ଯୋଗେ ଖେଳିବା ସୁଯୋଗ ପାଇଥିବା କାନାଡ଼ା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରି କ୍ୱାର୍ଟର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ପୂର୍ବ ମ୍ୟାଚରେ ଏହି ଦଳ ୦-୧ରେ ପୋଲାଣ୍ଡଠାରୁ ପରାସ୍ତ ହୋଇଥିଲା। ଭାରତର ଅରିଜିତ ସିଂ ହୁଣ୍ଡାଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

### ଜୁନିୟର ହକି ବିଶ୍ୱକପ

## ଗୋଟିଏ ଦିନରେ ୭୦ ଗୋଲ

ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଗୋଲବର୍ଷା ହୋଇଥିଲା। ୫ଟି ମ୍ୟାଚରେ ମୋଟ ୭୦ଟି ଗୋଲ ହୋଇଥିଲା, ଯାହାକି ଏକ ରେକର୍ଡ। ପ୍ରଥମ ୪ଟି ମ୍ୟାଚରେ ଆର୍ଜେଣ୍ଟିନା ୧୪-୦ ଗୋଲରେ ଇଜିପ୍ଟ, ନେଦରଲାଣ୍ଡ ୧୨-୫ ଗୋଲରେ ଦକ୍ଷିଣ କୋରିଆ, ସ୍ପେନ ୧୭-୦ ଗୋଲରେ ଆମେରିକା ଓ ଫ୍ରାନ୍ସ ୭-୧ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଥିଲା।

ପ୍ରଥମ କ୍ୱାର୍ଟର ବେଳକୁ ଭାରତ ୨-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ବୁଧବାର ଫ୍ରାନ୍ସ ବିପକ୍ଷ ମ୍ୟାଚରେ ହ୍ୟାଟ୍ରିକ ଗୋଲ ଦେଇଥିବା ଉତ୍ତମ ସିଂ ଗୁରୁବାର ଘରୋଇ ଦଳ ପକ୍ଷରୁ ଗୋଲ ସ୍କୋରିଂ ଅଭିଯାନ ଆରମ୍ଭ କରିଥିଲେ। ମ୍ୟାଚର ୬ଷ୍ଠ ମିନିଟରେ ଏହି ଫିଲ୍ଡ ☞ପୃଷ୍ଠା-୪

# ଶିଶୁଙ୍କୁ ସମ୍ପୂର୍ଣ୍ଣ ଟିକାକରଣରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ଶିଶୁଙ୍କୁ ସମ୍ପୂର୍ଣ୍ଣ ଟିକାକରଣରେ ଓଡ଼ିଶା ଆଗରେ ରହିଛି। ଏ କ୍ଷେତ୍ରରେ ଓଡ଼ିଶାର ହାର ଦେଶରେ ସର୍ବାଧିକ ରହିଥିବାବେଳେ ଜାତୀୟ ହାରଠାରୁ ମଧ୍ୟ ଅଧିକ। ଦେଶରେ ୧୨ରୁ ୨୩ମାସ ବୟସ୍କ ଶିଶୁଙ୍କୁ ସମ୍ପୂର୍ଣ୍ଣ ଟିକାକରଣ ହାର ୭୬% ଥିବାବେଳେ ଓଡ଼ିଶାରେ ୯୦.୫% ରହିଛି। ଗତ ପାଞ୍ଚବର୍ଷ ତଳେ ଦେଶରେ ଏହି ହାର ୬୨% ଥିବାବେଳେ ଏବେ ୭୬%କୁ ବୃଦ୍ଧି ପାଇଛି। ସେହିଭଳି ଅନ୍ୟ ଶ୍ରେଷ୍ଠ ରାଜ୍ୟଗୁଡ଼ିକ ମଧ୍ୟରେ ହେଉଛି ହିମାଚଳ ପ୍ରଦେଶ (୮୯.୩ ପ୍ରତିଶତ), ତାମିଲନାଡୁ (୮୯.୨ ପ୍ରତିଶତ), ପଶ୍ଚିମବଙ୍ଗ (୮୭.୮ ପ୍ରତିଶତ), କର୍ଣ୍ଣାଟକ (୮୪.୧ ପ୍ରତିଶତ) ଏବଂ ଗୋଆ (୮୧.୯ ପ୍ରତିଶତ) ରହିଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଚ୍ଏଫ୍ଏସ୍-୫)ରୁ ଜଣାପଡ଼ିଛି।

ସମ୍ପୂର୍ଣ୍ଣ ଟିକାକରଣ ଅର୍ଥ ହେଉଛି, ଶିଶୁମାନେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟିକାକୁ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ କରିବା। ଓଡ଼ିଶାରେ ଜଣେ ପିଲା ସରକାରୀ ସୁବିଧାରେ ☞ପୃଷ୍ଠା-୪






### ଆଜିର ସମ୍ପାଦକୀୟ

ଗ୍ରୀନ୍ ବିଜ୍‌ନେସ

# ଏମ୍‌ବିବିଏସ୍, ବିଡିଏସ୍ ନାମଲେଖା ୨୯ରୁ ଆବେଦନ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

୨୦୨୧-୨୨ ସେସନ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ସମେତ ହାଇଟେକ୍ ମେଡିକାଲ କଲେଜ (ଘରୋଇ)ରେ ଥିବା ଏମ୍‌ବିବିଏସ ଓ ବିଡିଏସ୍ ସିଟଗୁଡ଼ିକରେ ନାମଲେଖା ଏନ୍ଇଇଟି(ୟୁଜି) ୨୦୨୧ ମେରିଟ୍ ଲିଷ୍ଟ ଅନୁସାରେ ହେବ। ଏ ନେଇ ଗୁରୁବାର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ପକ୍ଷରୁ ☞ପୃଷ୍ଠା-୪







# ନକଲି ଡାକ୍ତର ଗିରଫ, ଔଷଧ ସହ ସରଞ୍ଜାମ ଜବତ

**ବୁଗୁଡ଼ା,୨୫।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ ଛକରେ ଥିବା ପୂଜା କ୍ଲିନିକ ଉପରେ ଚଢ଼ାଉ କରି ବେଆଇନ ଭାବେ ଚିକିତ୍ସା କରି ଆସୁଥିବା ଜଣେକ ନକଲି ଡାକ୍ତରଙ୍କୁ ଗୁରୁବାର ବାଲିପଦର ଫାଣ୍ଡି ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ଏଥିସହ ଉକ୍ତ କ୍ଲିନିକରୁ ବିଭିନ୍ନ ଔଷଧ ସହ ଚିକିତ୍ସାରେ ବ୍ୟବହୃତ ଅନେକ ପ୍ରକାର ସରଞ୍ଜାମ ଜବତ କରାଯାଇଛି। ଗିରଫ ନକଲି ଡାକ୍ତର ଜଣକ ହେଲେ ପଶ୍ଚିମବଙ୍ଗ ନଦିୟା ଜିଲା ଚକଧା ଥାନା ଅନ୍ତର୍ଗତ ସିମୁରାଲି ଗ୍ରାମର ଦିଲୀପ ବିଶ୍ୱାସ। ଏନେଇ ବୁଗୁଡ଼ା ଥାନାରେ ୬୨୦/୨୧ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବାଲିପଦର ଫାଣ୍ଡି କଳମ୍ବ ଛକରେ ଦିଲୀପ ପୂଜା ନାମକ ଏକ ବେସରକାରୀ କ୍ଲିନିକ ଖୋଲି ଆଜକୁ ପ୍ରାୟ ୨୫ ବର୍ଷ ହେଲା ଲୋକମାନଙ୍କୁ ଚିକିତ୍ସା କରି ଆସୁଥିଲେ। ଏପରିକି ସେଠାରେ ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର ମଧ୍ୟ ଚାଲୁଥିଲା। ବୁଧବାର ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସଦଳବଳ ଉକ୍ତ ବେଆଇନ କ୍ଲିନିକ ଉପରେ ଚଢ଼ାଉ କରିଥିଲେ। ସେଠାରେ ଡାକ୍ତର କହୁଥିବା ଦିଲୀପଙ୍କୁ ପ୍ରମାଣପତ୍ର କିମ୍ବା କୌଣସି ସରକାରୀ ଅନୁମତି ପାଇଥିବା ବିଷୟରେ ତଦନ୍ତ କରିଥିଲେ। କିନ୍ତୁ ଏସବୁ କୌଣସି ପ୍ରମାଣପତ୍ର ନ ଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପରେ ନକଲି ଡାକ୍ତରଙ୍କୁ ଥାନାକୁ ଆଣି ପଚରାଉଚରା କରିବାରେ ପୋଲିସ କୌଣସି ପ୍ରମାଣପତ୍ର ପାଇ ନ ଥିଲା। ପରେ ତାଙ୍କୁ ଗିରଫ କରିବା ସହ କ୍ଲିନିକରୁ ବ୍ଲଡପ୍ରେସର ମେଶିନ, ଷ୍ଟେଥୋ, ଷ୍ଟାମ୍ପ, ଲେଟର ପ୍ୟାଡ୍, କଇଁଚି ଆଦି ବିଭିନ୍ନ ସରଞ୍ଜାମ ମଧ୍ୟ ଜବତ କରିଛି।

## ବେଆଇନ କ୍ଲିନିକରେ ଚଢ଼ାଉ



ଚିକିତ୍ସା କରୁଛନ୍ତି ନକଲି ଡାକ୍ତର।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

**ବାରିପଦା ଅଫିସ/ବାଲିଆପାଳ,୨୫।୧୧(ସ୍ୱ.ପ୍ର.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ବାରିପଦା ଆଇଟିଡିଏର ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ଘରେ କଟକ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ମୟୂରଭଞ୍ଜ, ବାଲେଶ୍ୱର ଓ ଭୁବନେଶ୍ୱର ସମେତ ୧୧ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ବାଲେଶ୍ୱର ଜିଲା ଭୋଗରାଇସ୍ଥିତ ଶ୍ୱଶୁରଘର ସମେତ ବାଲିଆପାଳ କୋଠାଘର, ବାରିପଦାସ୍ଥିତ ପୈତୃକ ଘର, ଭଞ୍ଜପୁର ଓ ବୈଶିଙ୍ଗା ସ୍ଥିତ ଭଡ଼ାଘର, କାର୍ଯ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ ୩ଟି ସ୍ଥାନରେ ଥିବା କୋଠାଘରେ ଚଢ଼ାଉ ଜାରି ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ହେବା ପରେ ସେ ଭିଜିଲାନ୍ସ ସ୍କାନରରେ ଥିଲେ। ତାଙ୍କ ଘରୁ ନଗଦ ୧୩ଲକ୍ଷ ୬୦ହଜାର ଜବତ ହୋଇଛି। ଭୁବନେଶ୍ୱରର ବରଗଡ଼ରେ ଥିବା ୫୬ଲକ୍ଷ ୬୨ହଜାର ଟଙ୍କାର ଏକ ୪ମହଲା ବିଶିଷ୍ଟ ଘର, ଶୈଳଶ୍ରୀବିହାରରେ ଏକ ଫ୍ଲାଟ, କଳିଙ୍ଗ ବିହାରରେ ଏକ ଅର୍ଦ୍ଧନିର୍ମିତ ଘର, ବାଲେଶ୍ୱରର ଏକ ୪ମହଲା ଘର, ବାଲେଶ୍ୱରର ତିନୋଟି ଜମିର ପ୍ଲଟ, ଗୋଟିଏ ୪ ଚକିଆ ଓ ୩ଟି ଦୁଇ ଚକିଆ ଯାନ ଠାବ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି। ଏହି ଚଢ଼ାଉରେ ୧୦ ଡିଏସ୍‌ପି, ୪ ଇନ୍ସପେକ୍ଟର ଓ ୩୦ କର୍ମଚାରୀ ସାମିଲ ଥିଲେ।



ସନ୍ତୋଷ ଦାସ।

# ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ହତ୍ୟା

**ମାଲକାନଗିରି,୨୫।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ଜଣଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ପୂର୍ବରୁ ଆତ୍ମସମର୍ପଣ କରିଥିବା ମାଓବାଦୀ ତଥା ନଡକେଲ ଗ୍ରାମ ନିବାସୀ ସୁକଡାଲ କଶ୍ୟପ(ସୁକ୍କୁ)। ମାଓବାଦୀ ଭୈରମଗଡ଼ ଏରିଆ କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି ଏ ନେଇ ସୂଚନା ଦିଆଯାଇଛି। ସୁକ୍କୁ ୨୦୧୮ରେ ମାଓବାଦୀ ସଙ୍ଗଠନ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ସେ ସଙ୍ଗଠନ ଛାଡ଼ିବା ସହ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର ଓ ଲୁଟ ଆଦି ଘଟଣାରେ ସମ୍ପୃକ୍ତ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

























**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୦୦,୬୪,୦୬୬ | ୫୧,୯୬,୭୬୧ | ୨୩,୫୧,୦୮,୯୭୫ |
| ଭାରତ | ୩,୪୫,୪୪,୮୮୨ | ୪,୬୬,୯୮୦ | ୩,୩୯,୬୭,୯୬୨ |
| ଓଡ଼ିଶା | ୧୦,୪୮,୦୦୯ | ୮୪୦୧(+୫୩) | ୧୦,୩୭,୧୫୨ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର


## ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେ.ଇ.) ରୋଗ ବିଷୟରେ କେତୋଟି ଜାଣିବା କଥା

ଜେ.ଇ. ରୋଗ କଣ ?
• ଜାପାନିଜ୍ ଏନ୍‌ସେଫାଲାଇଟିସ୍ (ଜେ.ଇ.)ଏକ ଭୂତାଣୁ ଜନିତ ରୋଗ । ଏହି ରୋଗରେ ମୁଖ୍ୟତଃ ୧୫ ବର୍ଷରୁ କମ୍ ପିଲାମାନେ ଅଧିକ ଆକ୍ରାନ୍ତ ହୋଇଥାନ୍ତି ।

ଏହି ରୋଗ ବ୍ୟାପେ କିପରି ?
• ମାଇ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଏହି ରୋଗ ବ୍ୟାପିଥାଏ ।

ଲକ୍ଷଣ ଓ ପ୍ରତିକାର ?
• ଅତ୍ୟଧିକ ଜ୍ୱର ହେବା, ବାଉଳିଚାଉଳି ହେବା, ବାତ ମାରିବା ତଥା ବେହୋସ୍ ହୋଇଯିବା । ଏପରି କୌଣସି ଲକ୍ଷଣ ଦେଖାଦେଲେ ଅତିଶୀଘ୍ର ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ନେଇ ଚିକିତ୍ସା କରାନ୍ତୁ ।




ଏହି ରୋଗରୁ ସୁରକ୍ଷିତ ରହିବା ପାଇଁ
• ଦେହକୁ ପୁରା ଘୋଡାଇ ରଖିଲା ପରି ପୋଷାକ ପିନ୍ଧିବେ ।
• ପ୍ରତିଦିନ ମଶାରୀ ଟାଣି ଶୋଇବେ ।
• ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶା ନିବାରକ ମଲମ ବା ତେଲ(ନିମ୍ବ/କରଞ୍ଜ) ଲଗାଇବା ସହିତ ଘରେ ନିମ୍ବପତ୍ର କିମ୍ବା ଝୁଣା ଧୂଆଁ ଦେବେ ।
• ଘର ଭିତରେ ଓ ଆଖପାଖରେ ପାଣି ଜମିବାକୁ ଦେବେନାହିଁ ।
• ଘୁଷୁରୀମାନଙ୍କୁ ଜନବସତି ଠାରୁ ୩-୪ କି.ମି. ଦୂରରେ ରଖିବେ ।
• ପିଲାମାନଙ୍କୁ ଘୁଷୁରୀ ତଥା ପାଣିପକ୍ଷୀ ରହୁଥିବା ସ୍ଥାନ ନିକଟରେ ଖେଳିବା ବୁଲିବା ପାଇଁ ଛାଡିବେ ନାହିଁ ।

DSPL-272

ଜେ.ଇ. ପ୍ରବଣ ଜିଲ୍ଲାମାନଙ୍କରେ ପିଲାମାନଙ୍କୁ ଜେ.ଇ. ଟୀକାକରଣ ନିଶ୍ଚୟ କରାନ୍ତୁ ।
ଏହି ରୋଗର ଆବଶ୍ୟକୀୟ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା ।
• ସର୍ବଦା ମାସ୍କ ବ୍ୟବହାର କରନ୍ତୁ
• ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
• ୨ମିଟର ଶାରିରୀକ ଦୂରତା ବଜାୟ ରଖନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0094/2122

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା


# ଶ୍ୱଶୁରଘର ଆଗରେ ମାଣ ବସାଇଲେ ବୋହୂ

ବ୍ରହ୍ମପୁର ଅଫିସ,୨୫।୧୧

ନ୍ୟାୟ ଗୁହାରି କରି ଶ୍ୱଶୁର ଘର ଆଗରେ ଧାରଣାରେ ବସିଛନ୍ତି ବୋହୂ। ଗୁରୁବାର ଚତୁର୍ଥ ଦିନରେ ମଧ୍ୟ ବୋହୂ ତଥା ଛତ୍ରପୁରର ତପସ୍ୱିନୀ ଦାସ ଧାରଣା ଜାରି ରଖିଛନ୍ତି। ଧାରଣାସ୍ଥଳରେ ତପସ୍ୱିନୀ ମାଣବସା ଗୁରୁବାର ପାଳନ କରି ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରି ନ୍ୟାୟ ଭିକ୍ଷା କରିଛନ୍ତି। ଦୀର୍ଘ ୪ଦିନ ହେଲା ବ୍ରହ୍ମାନଗରଠାରେ ବଧୂ ବେଶ ହୋଇ ସେ ସ୍ୱାମୀଙ୍କୁ ଫେରି ପାଇବା ଦାବିରେ ଧାରଣା ଜାରି ରଖିଛନ୍ତି। ସେପଟେ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଯାହା ଆଦେଶ ଆସିବ ତାକୁ ପାଳନ କରିବେ ବୋଲି ଶ୍ୱଶୁର ପ୍ରମୋଦ କୁମାର ସାହୁ କହିଛନ୍ତି। ଅନ୍ୟପଟେ ପୋଲିସ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିପାରୁ ନାହିଁ। ପ୍ରକାଶ ଯେ, ତପସ୍ୱିନୀ ଓ ବ୍ରହ୍ମପୁରର ଯୁବ ଡାକ୍ତର ସୁମିତ କୁମାର ସାହୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଗତବର୍ଷ କୋର୍ଟରେ ବିବାହ କରିବା ସହ ଏକାଠି ରହିଥିଲେ। ଗତ କିଛି ମାସ ହେବ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ତାଙ୍କୁ ନିର୍ଯାତନା ଦେଇଥିବା ନେଇ ବ୍ରହ୍ମପୁର ମହିଳା ଥାନାରେ ତପସ୍ୱିନୀ ଅଭିଯୋଗ କରିଥିଲେ। ଏହା ପରେ ସୁମିତଙ୍କ ପରିବାର ଲୋକେ ମାମଲା ଉଠାଇବା ପାଇଁ ତାଙ୍କୁ ମନାଇବା ସହ ବାହାଘର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ୨୨ ତାରିଖରେ ବାହାଘର ଲଗ୍ନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଶ୍ୱଶୁର ଘରଲୋକ କୌଣସି ଆୟୋଜନ କରି ନ ଥିବାରୁ ତପସ୍ୱିନୀ ବଧୂ ବେଶ ହୋଇ ଜଣେ ସାମାଜିକ କର୍ମୀଙ୍କ ସହ ଶ୍ୱଶୁର ଘର ଆଗରେ ଧାରଣା ଜାରି ରଖିଛନ୍ତି।

ତପସ୍ୱିନୀଙ୍କୁ ପଚାରିବାରୁ ନ୍ୟାୟ ଓ ମୋର ଅଧିକାର ପାଇଁ ମୁଁ ଏବେ ଶ୍ୱଶୁରଘର ଦାଣ୍ଡରେ ଧାରଣାରେ ବସିଛି। ମୋତେ କେହିବି ନ୍ୟାୟ ଦେଉନାହାନ୍ତି। ନ୍ୟାୟ ମିଳିବା ଯାଏ ଧାରଣାରେ ବସିବି ବୋଲି କହିଛନ୍ତି। ମାଣବସା ଗୁରୁବାର ଶାଶୁଙ୍କ ସହ ମିଶି ଘର ଭିତରେ ପାଳନ କରିବା କଥା। କିନ୍ତୁ ଶ୍ୱଶୁର ଘର ଲୋକ ମୋତେ ଘର ଭିତରକୁ ଯିବାକୁ ଅନୁମତି ଦେଉନାହାନ୍ତି। ତେଣୁ ମାଣବସା ଗୁରୁବାର ବ୍ରତ ଶ୍ୱଶୁରଘର ପିଣ୍ଡାରେ ପାଳନ କରିଲି। ଏହି ବ୍ରତ ସମସ୍ତଙ୍କ ମଙ୍ଗଳ ପାଇଁ କରୁଛି ବୋଲି ତପସ୍ୱିନୀ କହିଛନ୍ତି।

# ଆକାଶ ଇଣ୍ଡିଆର ଆଉ ଜଣେ ନିର୍ଦ୍ଦେଶକ ଗିରଫ

**୩ କୋଟିର ଚିଟ୍‌ଫଣ୍ଡ ଠକେଇ ଘଟଣା**

■ ପୂର୍ବରୁ ଏମ୍‌ଡିଙ୍କ ସମେତ ୩ ଗିରଫ ହୋଇଥିଲେ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚିଟ୍‌ଫଣ୍ଡ ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗୁରୁବାର ଅର୍ଥ ଲଗାଣକାରୀ ସଂସ୍ଥା ଆକାଶ ଇଣ୍ଡିଆ ମଲ୍ଟି କମ୍ପ୍ଲେକ୍ସ ଲିମିଟେଡ୍‌ର ଆଉଜଣେ ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେ ହେଲେ ସୁଦର୍ଶନ ସେନାପତି। ତାଙ୍କୁ ଇଓଡବ୍ଲ୍ୟୁ ଗୁରୁବାର କଟକସ୍ଥିତ ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ପୂର୍ବରୁ ସମ୍ପୃକ୍ତ ସଂସ୍ଥାର ଏମ୍‌ଡି କେଦାରନାଥ ସାହୁ, ନିର୍ଦ୍ଦେଶକ ସୁରାଶ ଚନ୍ଦ୍ର ସାହୁ ଏବଂ ଚିଫ୍ ଏକ୍ସିକ୍ୟୁଟିଭ୍ ସୁବାଶ ଚନ୍ଦ୍ର ମହାନ୍ତିଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। କଟକରେ ଆକାଶ ଇଣ୍ଡିଆ ମଲ୍ଟି କମ୍ପ୍ଲେକ୍ସ ଲି.ର ମୁଖ୍ୟାଳୟ ସମେତ ଭୁବନେଶ୍ୱର ଡୁମ୍‌ଡୁମାରେ ପଞ୍ଜୀକୃତ କାର୍ଯ୍ୟାଳୟ, ନିଆଳି, ଚାରିଛକ, ପୁରୀ, ଅସ୍ତରଙ୍ଗ, ବାଡ଼ଗଗାଁ, ପାଣିକୋଇଲି, ବ୍ରହ୍ମଗିରି ଓ ଜଗତ୍‌ସିଂହପୁରରେ ଉପଶାଖା ଖୋଲିଥିଲା। ୨୦୧୧ରୁ ୨୦୧୬ ମଧ୍ୟରେ କମ୍ପାନୀ ବିଭିନ୍ନ ସ୍କିମ୍ ଖୋଲିଥିଲା। ଜମା ଟଙ୍କା ଦୁଇଗୁଣ ଲୋଭ ଦେଖାଇ ଜମାକାରୀଙ୍କଠାରୁ ବହୁ କୋଟି ଟଙ୍କା ସଂଗ୍ରହ କରି କର୍ମଚାରୀମାନେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଦେବେନ୍ଦ୍ର କୁମାର ନାୟକ ନାମକ ଜମାକାରୀ ୨୦୧୭ ମେ'ରେ ଅଭିଯୋଗ କ୍ରମେ ଇଓଡବ୍ଲ୍ୟୁ ମାମଲା ରୁଜୁ କରିଥିଲା।


ସୁଦର୍ଶନ ସେନାପତି

# ଚୋରା ଚାଲାଣ ବେଳେ ବଜ୍ରକାପ୍ତା ଉଦ୍ଧାର, ୨ ଅଟକ

ଠାକୁରମୁଣ୍ଡା,୨୫।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରେ ଗୁରବାର ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ଓ ସାତକୋଶିଆ ବନ କର୍ମଚାରୀ ଚଢ଼ାଉ କରି ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ପଦ୍ମପୁର ଅଞ୍ଚଳର ୨ ଅଭିଯୁକ୍ତଙ୍କୁ ବନ ବିଭାଗ ଅଟକ ରଖି ପଚରା ଉଚରା କରୁଛି। ବଜ୍ରକାପ୍ତା ଚୋରା ଚାଲାଣ କରାଯାଉଥିବା ସମ୍ପର୍କରେ ଖବର ପାଇ ସାତକୋଶିଆ-ନଦା ରାସ୍ତାରେ ଏସ୍‌ଟିଏଫ୍ ଓ ବନ କର୍ମଚାରୀ ଚଢ଼ାଉ କରି ଥିଲେ। ଅଧିକ ତଦନ୍ତ ଜାରି ରହିଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ।

# ଏମ୍ସରେ ଅନ୍ୟ ୨ ବିଭାଗରେ ଆରମ୍ଭ ହେବ ଏମ୍‌ସିଏଚ୍, ଡିଏମ୍ କୋର୍ସ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ଭୁବନେଶ୍ୱର ଏମ୍ସରେ ସୁପରସ୍ପେଶାଲିଟି ସେବା ବୃଦ୍ଧି ପାଇବ। ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଏମ୍‌ସିଏଚ୍ ଓ ନେଫ୍ରୋଲୋଜି ବିଭାଗରେ ଡିଏମ୍ କୋର୍ସ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏନେଇ ଚୂଡ଼ାନ୍ତ ପ୍ରକ୍ରିୟା ଶେଷ ହୋଇଛି। ଗତ ୨୧ ତାରିଖ ଓ ଗୁରୁବାର ନୂଆଦିଲ୍ଲୀ ଏମ୍ସ, ପୁଡୁଚେରୀ ଜେଆଇପିଏମ୍‌ଇଆର୍ ଏବଂ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରୁ ଆସିଥିବା ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିଛନ୍ତି। ବିଶେଷଜ୍ଞ ଦଳ ଦୁଇ ବିଭାଗର ଭିତ୍ତିଭୂମି ସହିତ ଗବେଷଣାକୁ ନେଇ ରହିଥିବା ବ୍ୟବସ୍ଥା ସହିତ ଅନ୍ୟାନ୍ୟ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଦୁଇ ବିଭାଗରେ ସୁପରସ୍ପେଶାଲିଟି କୋର୍ସ ଆରମ୍ଭ ହେବା ନେଇ ସବୁଜ ସଙ୍କେତ ଦେଇଛନ୍ତି। ଏପରି ହେଲେ ଉପରୋକ୍ତ ଦୁଇ ପ୍ରମୁଖ ବିଭାଗରେ ପ୍ରତିବର୍ଷ ଦୁଇଟି କରି ଡିଏମ୍/ଏମ୍‌ସିଏଚ୍ ସିଟ୍ ବୃଦ୍ଧି ପାଇବ। ଏହା ଗବେଷଣାକୁ ଅଧିକ ତ୍ୱରାନ୍ୱିତ କରିବା ସହ ଗୁଣବତ୍ତାସମ୍ପନ୍ନ ରୋଗୀ ସେବାରେ ସହାୟକ ହେବ। ଏହାକୁ ମିଶାଇଲେ ବର୍ତ୍ତମାନ ଭୁବନେଶ୍ୱର ଏମ୍ସର ୧୬ ବିଭାଗରେ ଡିଏମ୍/ଏମ୍‌ସିଏଚ୍ କୋର୍ସ ପ୍ରଚଳନ ହେବ। ଏନେଇ ଭୁବନେଶ୍ୱରର ଏମ୍ସ ନିର୍ଦ୍ଦେଶିକା ଡା. ବି ଗୀତାଞ୍ଜଳୀ ଉଚ୍ଚମାନର ରୋଗୀ ସେବା ନିମନ୍ତେ ଅନୁଷ୍ଠାନ ବଦ୍ଧପରିକର ଥିବା ପ୍ରକାଶ କରିଛନ୍ତି। ଏମ୍‌ସିଏଚ୍ ଓ ଡିଏମ୍ କୋର୍ସର ପ୍ରଚଳନ ଏମ୍ସ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ନେଫ୍ରୋଲୋଜି ବିଭାଗରେ ଅଧିକ ଗବେଷଣାର ସୁଯୋଗ ଆଣିଦେବ। ଏହା ପରୋକ୍ଷରେ ସାଧାରଣ ଲୋକଙ୍କ ଉପକାରରେ ଲାଗିବ ବୋଲି ଡା. ଗୀତାଞ୍ଜଳି ମତବ୍ୟକ୍ତ କରିଛନ୍ତି।



**ଆଜିର ମନ୍ତବ୍ୟ**

"ମୋଦି ସରକାର ଅର୍ଥନୀତି, ସୀମା ସୁରକ୍ଷା, ଜାତୀୟ ନିରାପତ୍ତା ଓ ବୈଦେଶିକ ନୀତି ସମେତ ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଏଥିପାଇଁ ଦାୟୀ କିଏ?

– ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପାର ରାଜ୍ୟ ସଭା ସଦସ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଦିଦେବ୍ ପରିବାରବର୍ଗ


ବନ୍ଦନା ପରିବାରବର୍ଗ


ନାନୁ ପରିବାରବର୍ଗ


ସିଦ୍ଧି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୪ ଫୁଟର ନାଗ ଉଦ୍ଧାର

**ନିରାକାରପୁର,୨୫।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମର କାଳିଆ ପ୍ରଧାନଙ୍କ ଘରୁ ଏକ ସାଢେ ୪ ଫୁଟର ନାଗସାପକୁ ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡ଼ିଦିଆଯାଇଛି। ସାପଟି ପ୍ରଧାନଙ୍କ ଘରେ ପଶିଯାଇଥିବା ଦେଖି ପରିବାର ଲୋକ ଭୟଭୀତ ହୋଇପଡ଼ିଥିଲେ। ପରେ ସେମାନେ ନିରାକାରପୁରର ସାପ ଧରାଳି ଉମ୍ଭରଧର ରାଉତରାୟଙ୍କୁ ଖବର ଦେଇଥିଲେ। ଉମ୍ଭରଧର ପହଞ୍ଚି ଘର ଭିତରୁ ସାପଟିକୁ କୌଶଳକ୍ରମେ ଧରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଦଉଡ଼ି ଦଉଡ଼ି ଯେତେ
ମୁଁ ପଳାସି ପଳାସି ସେତେ।**

ଶକ୍ତିମାନ ବ୍ୟକ୍ତି କାମଟିକୁ ଅତି ସହଜରେ କରିପାରେ। ଗନ୍ତବ୍ୟ ସ୍ଥଳରେ ସହଜରେ ଓ ଶୀଘ୍ର ପହଞ୍ଚିପାରେ। ବେଶି ପରିଶ୍ରମ କରିବାକୁ ପଡେନାହିଁ। ଅନ୍ୟ ତୁଳନାରେ ନିଜର ଦକ୍ଷତା ବା ଶ୍ରେଷ୍ଠତା ପ୍ରତିପାଦନ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁନି କି ମୁନି
ସରି ନୁହେଁ।**

ଧୈର୍ଯ୍ୟର ସହ କାର୍ଯ୍ୟ କଲେ ଅସାଧ ସାଧନ କରାଯାଇପାରେ ବା କାର୍ଯ୍ୟ ସଫଳ ହୋଇଥାଏ। ଧୀରସ୍ଥିର ଚିତ୍ତ ବିନା ସଫଳତା ପ୍ରାପ୍ତି ଅସମ୍ଭବ। ସେହିପରି ମୌନ ରହୁଥିବା ଲୋକ ମୁନିଠାରୁ ମଧ୍ୟ ବଡ଼ ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବୌଦ୍ଧରେ ହେବ ୨୦ହଜାର ଲିଟର ଦୁଗ୍ଧପ୍ଲାଣ୍ଟ

**ବୌଦ୍ଧ/ସୋନପୁର,୨୫।୧୧(ସ୍ୱପ୍ର/ନି.ପ୍ର.)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନରେ ସାମିଲ ହୋଇଛି ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲା। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂରେ ଏହି ଯୋଜନାର ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ବଣ୍ଟନ କରିଥିଲେ। ବୌଦ୍ଧ ଜିଲା ଷ୍ଟାଡିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ବଣ୍ଟନ ସହିତ ୨୦କୋଟି ଟଙ୍କାର ୨୨ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହିତ ୪୬୩ କୋଟି ଟଙ୍କାର ୫୭ ଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବୌଦ୍ଧ ଜିଲା ଦୁଗ୍ଧ ଉତ୍ପାଦ କ୍ଷେତ୍ରରେ ଭଲ କାର୍ଯ୍ୟ କରିଛି। ଏହାକୁ ଆଖି ଆଗରେ ରଖି ଆଗାମୀ ଦିନରେ ଏଠାରେ ଚାଷୀଙ୍କ ପାଇଁ ୨୦ହଜାର ଲିଟରର ପ୍ଲାଣ୍ଟ କରାଯିବ। ସେ ଆହୁରି କହିଥିଲେ ଯେ, ବୌଦ୍ଧ ଜିଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ କାର୍ଡ ଯୋଜନାରେ ସାମିଲ ହୋଇଛି। ଏଥିରେ ଜିଲାର ୩ ଲକ୍ଷ ୭୨ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ। ବୌଦ୍ଧ କାର୍ଯ୍ୟକ୍ରମରେ ଅତିଥି ଭାବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, କଣ୍ଟାମାଳ ବିଧାୟକ ମହିଧର ରଣା, ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ଯୋଗ ଦେଇଥିଲେ।

ସେହିପରି ସୁବର୍ଣ୍ଣପୁର ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂ ଯୋଗେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏଥିସହ ୭୯.୨୨କୋଟି ଟଙ୍କାରେ ୬୭ ପ୍ରକଳ୍ପ ଉଦ୍‌ଘାଟନ ଓ ୧୪୮.୦୪ କୋଟି ଟଙ୍କାରେ ୩୫ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାର ଇଷ୍ଟଦେବୀ ଜୟ ମା ସୁରେଶ୍ୱରୀ କହି ନିଜର ଭାଷଣ ଆରମ୍ଭ କରିଥିଲେ। ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଳସେଚନ ପାଇଁ ବହୁତ କିଛି କାମ ହୋଇଛି। ୭ ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟର କୋଠା ନିର୍ମାଣ ଚାଲିଛି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରାଜ୍ୟବାସୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଏବେ ସ୍ମାର୍ଟ କାର୍ଡ ହିଁ ଟେନସନ ଦୂର କରିବ ବୋଲି କହିଥିଲେ। ସୋନପୁର ନୂତନ ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ପୂଜାରୀ, ବାଣିଜ୍ୟ, ପରିବହନ ଓ ଯୋଜନା ରୂପାୟନ ବିଭାଗ ମନ୍ତ୍ରୀ ବେହେରା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଉପସ୍ଥିତ ଥିଲେ। ସୁଲତା ଦେଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ୫–ଟି ସଚିବ ଭି.କେ.ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂରେ ଯୋଗ ଦେଇଥିଲେ।

# ଟିକା ପରେ ହୋଇପାରେ ସଂକ୍ରମଣ

**ସମ୍ବଲପୁର,୨୫।୧୧(ବ୍ୟୁରୋ)**

## ଭିମ୍‌ସାର ଡାକ୍ତରୀ ଟିମ୍‌ର ଗବେଷଣା
### ବୁଷ୍ଟର ଡୋଜ ନେବାକୁ ପରାମର୍ଶ

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରର ଏକ ଡାକ୍ତରୀ ଟିମ୍ ଗବେଷଣା କରି କୋଭିଡ୍ ଟିକା ନେବା ପରେ ମଧ୍ୟ ସଂକ୍ରମଣ ହୋଇପାରେ ବୋଲି ସୂଚନା ଦେଇଛନ୍ତି। ଅନ୍ୟ ବ୍ଲଡ ଗ୍ରୁପ ଅପେକ୍ଷା ଓ–ପଜିଟିଭ, ବି–ପଜିଟିଭ ବ୍ଲଡ ଗ୍ରୁପରେ ସଂକ୍ରମଣ ହାର ଅଧିକ ବୋଲି ସେମାନେ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହା ସହ ଦ୍ୱିତୀୟ ଡୋଜ୍ ଟିକା ପରେ ଆଣ୍ଟିବଡି କ୍ଷମତା କମିଯାଉଛି। ତେଣୁ ଉଚିତ ସମୟରେ ବୁଷ୍ଟର ଡୋଜ ନେବାକୁ ପରାମର୍ଶ ଦେଇଛନ୍ତି।

କୋଭିଡ୍ ଟିକା ନେବା ପରେ ମଣିଷର ଆଣ୍ଟିବଡି ଉପରେ ଗବେଷଣା କରିବାକୁ ଏକ ଟିମ୍ ଗଠନ ହୋଇଥିଲା। ଏଥିରେ ଡାକ୍ତର ସଞ୍ଜୀବ କୁମାର ମିଶ୍ର, ଡାକ୍ତର ସୁବ୍ରତ କୁମାର ନାଏକ, ଡାକ୍ତର ରାଜୀବ କୁମାର ନନ୍ଦ, ଡାକ୍ତର ସୁମନ୍ତ ସାହୁଙ୍କ ସହ ଭୁବନେଶ୍ୱର ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ସାମିଲ ହୋଇଥିଲେ। ଦ୍ୱିତୀୟ ଡୋଜ୍ ନେଇଥିବା କେତେଜଣ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ମୋଟ ୧୨୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ସେମାନଙ୍କ ପ୍ରଥମ ଡୋଜ୍ ୧ ମାସ ପରେ ଦ୍ୱିତୀୟ ଡୋଜ ନେବାର ୬ ମାସ ପରେ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ଡାକ୍ତର ମିଶ୍ର କହିଛନ୍ତି, ଟିକା ନେବା ପରେ ଆଣ୍ଟିବଡି ଓ ସଂକ୍ରମଣ ହେବା ଆଶଙ୍କା ନେଇ ଗବେଷଣା କରାଯାଇଥିଲା। ଦ୍ୱିତୀୟ ଡୋଜ ନେବା ପରେ ଆଣ୍ଟିବଡି କ୍ଷମତା କମିବାରେ ଲାଗିଥାଏ। ଓ' ପଜିଟିଭ ଓ ବି' ପଜିଟିଭ ବ୍ଲଡ ଗ୍ରୁପରେ ଏହି ସଂଖ୍ୟାର ହାର ଅଧିକ ଦେଖିବାକୁ ମିଳିଥିଲା। ଏପରି କି ୭ ଜଣଙ୍କ ସମ୍ପୂର୍ଣ୍ଣ ଆଣ୍ଟିବଡି କ୍ଷମତା ନାହିଁ। ଭିମ୍‌ସାରରେ ପରୀକ୍ଷାମୂଳକ ଭାବେ ଗବେଷଣା କରାଯାଇଛି। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ଅଧିକ ବିପଦରେ କାମ କରୁଛନ୍ତି। ତେଣୁ ସମୟ ଅନୁସାରେ ବୁଷ୍ଟର ଡୋଜ ନେବାର ଆବଶ୍ୟକତା ରହିଛି। ଟିକା ନେବା ପରେ ମଧ୍ୟ ଅବହେଳା ନ କରି କୋଭିଡ୍ କଟକଣା ପାଳନ କରିବାକୁ ପଡିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଭିମ୍‌ସାରରେ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ କୋଭିଡ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଆଉ ୪ ଜଣଙ୍କୁ ମିଶାଇ ମୋଟ ସଂକ୍ରମିତ ସଂଖ୍ୟା ୫୧ରେ ପହଞ୍ଚିଛି। ୫ ହଷ୍ଟେଲକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଓ ୪ ଗୋଟି ହଷ୍ଟେଲକୁ ବଫର ଜୋନ ଭାବେ ଜିଲା ପ୍ରଶାସନ ଘୋଷଣା କରିଛି।


# classifieds Everyday
0674-2580101, 2549302

automobile

**SALE**

Verna-2017, SwiftDezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736

real estate

**SALE**

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

925sqft. 4th floor Corner flat near KEC and NH-316 Vishal Garden for sale, Price Rs. 28,00,000 negotiable. 8917425581, 9438081019. D-59884

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

**Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710.** D-71740

କେନ୍ଦ୍ରାପଡ଼ା ଗରାପୁରସ୍ଥ ହନୁମାନ ମନ୍ଦିର ପାଖରେ 2.5 ଗୁଣ୍ଠର ଏକ SC ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ 9437013139/ 9861526386. D-22375

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71909

6BHK duplex 52,00,000/- finishing Hanspal, ready to move simplex 34,00,000/-: 9668194157. D-70977

**Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117.** D-71741

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ଼କୁ ଲାଗି sqft.-499/-ରେ ପ୍ଲଟ୍ ଦିଆଯାଉଛି। 9776121547. D-22297

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8908122121.** D-71729

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

to-let

Space Available for Office, service Centre, Godown, Shop at Lane-12 Bapuji nagar, Bhubaneswar. Contact-9437081583 D- 70976

**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040.** D-22211

House for rent at Ekamra Villa (Office-Cum-Residence), 9437504102. D-65924

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71823

One hour any therapy by expert therapist @800 only. 9078484455. D-71443

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Refreshing your mind and body with the best therapy. 7873794731. D-71907

Newly open SPA Offer price @ 599/-, positively health benefits. 8455987557. D-71442

Take wellness realx massage ladies/ gents therapist @800/-. 7008773793. D-71438

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ପୁରୁଷଙ୍କୁ ଟପିଲେ...

ବେଳେ ୧,୦୩୬ ରହିଥିଲା। କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଲାକ୍ଷାଦ୍ୱୀପ ଓ ପଣ୍ଡିଚେରୀରେ ମହିଳାଙ୍କ ଅନୁପାତ ସର୍ବାଧିକ ରହିଥିବା ସର୍ଭେରେ ଦର୍ଶାଯାଇଛି। ଦେଶରେ ମହିଳା ଗାଏବ ହୋଇଯାଉଥିବା ୧୯୯୦ରେ ନୋବେଲ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ କହିଥିଲେ। ସେତେବେଳେ ଭାରତରେ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ଥିଲା ୯୨୭। ୧୯୯୨ରେ ପ୍ରଥମ ଏନ୍‌ଏଫ୍‌ଏଚ୍‌ଏସ୍ ସର୍ଭେ ଆରମ୍ଭ ହୋଇଥିଲା। ୨୦୦୫-୦୬ରେ ହୋଇଥିବା ତୃତୀୟ ପର୍ଯ୍ୟାୟ ସର୍ଭେରେ ପୁରୁଷ ମହିଳା ସଂଖ୍ୟା ସମାନ ରହିଥିଲା।

ତେବେ ଚତୁର୍ଥ ପର୍ଯ୍ୟାୟ ବେଳକୁ ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ୯୯୧କୁ ହ୍ରାସ ପାଇଥିଲା। ୨୦୧୯-୨୧ରେ ହୋଇଥିବା ପଞ୍ଚମ ପର୍ଯ୍ୟାୟ ସର୍ଭେରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କୁ ଟପିଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଉକ୍ତ ରିପୋର୍ଟରେ ଜନସଂଖ୍ୟା, ପ୍ରଜନନ ହାର, ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ପୋଷଣ ତତ୍ତ୍ୱ ସମ୍ପର୍କିତ ତଥ୍ୟ ପ୍ରକାଶ ପାଇଛି। ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମହିଳାଙ୍କ ସଂଖ୍ୟା ଅଧିକ ରହିଛି। ଅନ୍ୟପକ୍ଷରେ ମୋଟ ଜନ୍ମହାର (ଟିଏଫ୍‌ଆର୍) ହ୍ରାସ ପାଇଥିବାରୁ ଜନସଂଖ୍ୟା ନିୟନ୍ତ୍ରଣରେ ରହିଛି। ରିପୋର୍ଟ ଅନୁଯାୟୀ ମହିଳାଙ୍କ ହାରାହାରି ପିଲା ଜନ୍ମ ୨.୨ରୁ ୨କୁ ଖସିଛି। କଣ୍ଟ୍ରାସେପ୍ଟିଭ ପ୍ରିଭିଲାନ୍ସ ରେଟ୍(ସିପିଆର୍) ୫୪%ରୁ ୬୭%କୁ ବୃଦ୍ଧି ପାଇଛି ବୋଲି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ଦ୍ୱିତୀୟ ପର୍ଯ୍ୟାୟ ଡାଟାରୁ ଜଣାପଡ଼ିଛି। କେବଳ ବିହାର, ମେଘାଳୟ, ମଣିପୁର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶରେ ଟିଏଫ୍‌ଆର୍ ୨ରୁ ଅଧିକ ରହିଛି। ବିହାରରେ ଟିଏଫ୍‌ଆର୍ ୩ ଥିବା ଜଣାପଡ଼ିଛି। ଜନସଂଖ୍ୟା ନିୟନ୍ତ୍ରଣରେ ଥିବା ସତ୍ତ୍ୱେ ୨୦୪୦-୫୦ ବେଳକୁ ଭାରତ ବିଶ୍ୱର ସବୁଠୁ ଜନବହୁଳ ଦେଶ ହେବାକୁ ଯାଉଥିବା ଜାତିସଂଘ ପକ୍ଷରୁ ଆକଳନ କରାଯାଇଛି। ସେହି ସମୟରେ ଭାରତର ଲୋକସଂଖ୍ୟା ୧୬୦ରୁ ୧୮୦ କୋଟିରେ ପହଞ୍ଚିବ ବୋଲି କୁହାଯାଇଛି। ମୋଟ ୭୦୭ ଜିଲାର ୬.୧ ଲକ୍ଷ ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା।

## ଶିଶୁଙ୍କୁ ସମ୍ପୂର୍ଣ୍ଣ...

୧୨ଟି ଟିକା ନେଇଥାନ୍ତି। ଉକ୍ତ ସର୍ବେକ୍ଷଣ ରିପୋର୍ଟ ଅନୁସାରେ, ୨୦୧୫-୧୬ରେ ଓଡ଼ିଶାରେ ସମ୍ପୂର୍ଣ୍ଣ ଟିକାକରଣ ଶିଶୁଙ୍କ ସଂଖ୍ୟା ୭୮.୬ ପ୍ରତିଶତ ଥିଲା, ଯାହାକି ସଦ୍ୟତମ ଜାତୀୟ ଆକଳନ ତୁଳନାରେ ଭଲ ଅଟେ। ସେହିଭଳି ଓଡ଼ିଶାରେ ୧୨-୨୩ ମାସ ବୟସର ୯୮.୧ ପ୍ରତିଶତ ପିଲା ଅଧିକାଂଶ ଟିକା ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ଗ୍ରହଣ କରିଛନ୍ତି। ୯୯.୧ ପ୍ରତିଶତ ପିଲା ଗ୍ରାମାଞ୍ଚଳର ହୋଇଥିବାବେଳେ ୯୧.୮ ପ୍ରତିଶତ ସହରାଞ୍ଚଳରେ ଅଛନ୍ତି। ସହରାଞ୍ଚଳର ୧.୪ ପ୍ରତିଶତ ପିଲା, ଯେଉଁମାନେ କି ଘରୋଇ ସୁବିଧାଗୁଡ଼ିକରେ ସେମାନଙ୍କର ଟିକା ନେଇଛନ୍ତି। ୯୭.୩ ପ୍ରତିଶତ ପିଲା ବିସିଜି ଟିକା ଗ୍ରହଣ କରିଥିବାବେଳେ ୯୪.୪ ପ୍ରତିଶତ ପିଲାଙ୍କର ତିନୋଟି ଡୋଜ୍ ପେଣ୍ଟା କିମ୍ବା ହେପାଟାଇଟିସ୍-ବି ଟିକା ନେଇଛନ୍ତି।

## ୨୯ରୁ ଆବେଦନ...

ସୂଚନା ଦିଆଯାଇଛି। ମୋଟ ୧,୯୫୦ଟି ଏମ୍‌ବିବିଏସ୍ ଓ ୩୬୩ଟି ବିଡିଏସ୍ ସିଟ୍‌ରେ ନାମଲେଖା ପାଇଁ ଆସନ୍ତା ୨୯ ତାରିଖରୁ ଅନ୍‌ଲାଇନ କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହେବ। ଏ ସମ୍ପର୍କିତ ସବିଶେଷ ତଥ୍ୟ ଓଜେଇଇର ୱେବ୍‌ସାଇଟ www.ojee.nic.in/www.odishajee.comରେ ଉପଲବ୍ଧ ରହିଛି। ଏହି କାଉନସେଲିଂ ୩ଟି ପର୍ଯ୍ୟାୟରେ ହେବ। ସିଟ୍ ଖାଲି ରହିଲେ ଏକ ମପ୍-ଅପ୍ ରାଉଣ୍ଡ ହେବ ବୋଲି ଓଜେଇଇ ସୂଚନା ଦେଇଛି।

## ଭାରତ ୧୩-୧ରେ...

ଗୋଲ ହୋଇଥିଲା। ଏହାର ୨ ମିନିଟ ପରେ ଅଧିନାୟକ ବିବେକ ସାଗର ପ୍ରସାଦ ଆଉ ଏକ ଫିଲ୍ଡ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୧୧ତମ ମିନିଟରେ କାନାଡ଼ାକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଭାରତୀୟ ଡିଫେଣ୍ଡରମାନେ ତାହାକୁ ଚମତ୍କାର ଭାବେ ସେଭ୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୭ତମ ମିନିଟରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ କନ୍‌ଭର୍ସନ ସମୟରେ କାନାଡ଼ା ଖେଳାଳିମାନେ ବିପଜ୍ଜନକ ଢଙ୍ଗରେ ବାଧା ଦେଇଥିବାରୁ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। କୌଣସି ତ୍ରୁଟି ନ କରି ସଞ୍ଜୟ ଏହାକୁ ଗୋଲରେ ପରିଣତ କରିଥିଲେ। ୨୧ତମ ମିନିଟରେ ଭାରତ ପେନାଲ୍ଟି କର୍ନର ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିବାବେଳେ ୨୭ତମ ମିନିଟରେ ମନିନ୍ଦର ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୪-୦ରେ ପହଞ୍ଚାଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରର ଶେଷ ମୁହୂର୍ତ୍ତରେ ଅର୍ଥାତ୍ ୩୦ତମ ମିନିଟରେ କାନାଡ଼ାକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଖ୍ରିଷ୍ଟୋଫର ଟାର୍ଡିଫ ଏହାକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। କାନାଡ଼ା ଦଳରେ ଅଧ ଡଜନେରୁ ଉର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବ ଖେଳାଳି ଖେଳୁଥିଲେ। ତେଣୁ କାନାଡ଼ା ଗୋଲ ଦେବାପରେ ୱେଷ୍ଟଷ୍ଟାଣ୍ଡ ଗ୍ୟାଲେରିରେ ଉପସ୍ଥିତ ଥିବା କାନାଡ଼ା ଖେଳାଳିଙ୍କ ପରିବାର ପତାକା ହଲାଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନ ୪-୧ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୨ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିଲା। ଏହାର ସଦୁପଯୋଗ କରି ଗୋଲ ଦେଇଥିଲେ ସଞ୍ଜୟ। ମ୍ୟାଚରେ ଏହା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ଆକ୍ରମଣାତ୍ମକ ଖେଳ ଜାରି ରଖି ଭାରତ ୩୪ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ତେବେ କାନାଡ଼ା ଗୋଲକିପର ଏହାକୁ ସେଭ୍ କରି ଦେଇଥିଲେ। ମାତ୍ର ଭାରତୀୟ ଖେଳାଳିମାନେ ଗୋଲପୋଷ୍ଟ ଭିତରେ ବଲ ରଖି ୩୫ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ଆଣିଥିଲେ। ଏହାକୁ ଚମତ୍କାର ଢଙ୍ଗରେ ଶୁଟ୍ କରିଥିଲେ ୧ ନମ୍ବର ଜର୍ସି ପରିହିତ ସର୍ଦ୍ଧାନନ୍ଦ ତିୱାରୀ। ଫଳରେ ଭାରତର ଅଗ୍ରଣୀ ବ୍ୟବଧାନ ୬-୧ରେ ପହଞ୍ଚିଥିଲା। ୪୦ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ କନଭର୍ଟ କରିଥିଲେ ଅରିଜିତ ସିଂ ହୁନ୍ଦାଲ। ତୃତୀୟ କ୍ୱାର୍ଟର ଶେଷ ବେଳକୁ ଭାରତ ୭-୧ ଗୋଲରେ ଅଗ୍ରଣୀ ହୋଇଥିଲା। ଅନ୍ତିମ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ରଣନୀତି ବଜାୟ ରଖିଥିଲା। ଚମତ୍କାର ଟେକ୍ନିକ ବଜାୟ ରଖି ୪୭ତମ ମିନିଟରେ ଉତ୍ତମ ସିଂ ଏକ ଫିଲ୍ଡ ଗୋଲ ଦେଇଥିଲେ। ଏହା ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। କେବଳ ସେତିକି ନୁହେଁ ୫୦ ଓ ୫୧ତମ ମିନିଟରେ ଆଉ ୨ଟି ଫିଲ୍ଡ ଗୋଲ ଦେଇ ଅରିଜିତ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୫୩ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ ସର୍ଦ୍ଧାନନ୍ଦ। ୫୫ତମ ମିନିଟରେ ଭାରତକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମଟି ମିସ୍ ହୋଇଥିବାବେଳେ ଦ୍ୱିତୀୟଟିକୁ ଓଡ଼ିଶା ଖେଳାଳି ଅଭିଷେକ ଲାକ୍ରା ଗୋଲରେ ପରିଣତ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ କୌଣସି ଓଡ଼ିଆ ଖେଳାଳି ଗୋଲ ଦେବା ଏହା ପ୍ରଥମ ଥିଲା। ୫୮ତମ ମିନିଟରେ ଭାରତୀୟ ଖେଳାଳିମାନେ ପେନାଲ୍ଟି କର୍ନର ମିସ୍ କରିଥିଲେ ହେଁ ୫୯ତମ ମିନିଟରେ ସଞ୍ଜୟ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଫଳରେ ଭାରତ ୧୩-୧ ଗୋଲରେ ବିଜୟୀ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଧନାଧିପତି କର୍ମଭାବସ୍ଥ ହେତୁ ଆର୍ଥିକ ଦିଗରୁ ଲାଭବାନ୍ ହେବେ। କିନ୍ତୁ ଶନିଙ୍କ ପ୍ରଭାବରୁ ଭ୍ରାତୃ ବିରୋଧ, ସହକର୍ମୀ ସହ ଝଗଡ଼ାଜନିତ ଅଶାନ୍ତି ଅନୁଭବ କରିପାରନ୍ତି। ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ବିରକ୍ତି ହେତୁ ଆପଣଙ୍କୁ ଭଲ ଲାଗିବ ନାହିଁ। ମାତ୍ର ରଚନାତ୍ମକ କାର୍ଯ୍ୟ,ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** – ରବି ଓ ବୁଧ ଅଷ୍ଟମସ୍ଥ ଯୋଗୁ ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ପ୍ରଶାସନିକ ଅସ୍ଥିରତା ଦୂରହେବା ସଙ୍ଗକୁ ଯେକୌଣସି ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇ ପାରିବେ। ରାଜନୀତି, ଆଇନ ଓ ଅଦାଲତ କ୍ଷେତ୍ରରେ ଦୃଢ଼ ସମର୍ଥନ ଅବ୍ୟାହତ ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢ଼ାଇପାରନ୍ତି।

**ମିଥୁନ** – ବ୍ୟସ୍ତତା କାରଣରୁ କୌଣସି କାମ ଶୃଙ୍ଖଳିତ ଭାବରେ କରିପାରିବେ ନାହିଁ। ବୁଧଙ୍କ କୁପ୍ରଭାବଜନିତ ବନ୍ଧୁଙ୍କୁ କଡା ଭାଷା ପ୍ରୟୋଗ କଲେ ଶତ୍ରୁତା ଅର୍ଜନ କରିବେ। ଯେଉଁ କ୍ଷେତ୍ରରେ ଯାହା ଚିନ୍ତା କରିବେ ଶେଷ ସମୟରେ ଓଲଟ ପାଲଟ ହୋଇଯିବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ସତର୍କତାର ସହିତ କାମ ନ କଲେ ଅନୁତାପ କରିବାକୁ ପଡ଼ିବ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ନରମି ରହି ପାରିଲେ ହିଁ ସୁଫଳ ପାଇବେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶିନୀ କ୍ରୋଧ ପ୍ରକାଶ କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ବାଣିଜ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି କରିବେ।

**ସିଂହ** – ଦଶମସ୍ଥ ରାହୁଙ୍କ ଯୋଗୁ ଅତୀତର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। କୋଣଭାବସ୍ଥ ବୁଧ ହେତୁ ଅର୍ଥଲାଭର ଯୋଗ ରହିଛି, ଯାହାକି ବହୁପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ।

**କନ୍ୟା** – କେତୁ ଯୁକ୍ତ ମଙ୍ଗଳ ହେତୁ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ପାଖ ପଡ଼ୋଶୀମାନେ ସମସ୍ୟା ବହୁଳ କରିପାରନ୍ତି। ଯାନ ବାହନରେ ସତର୍କ ରହିବା ଭଲ ନଚେତ୍ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ପିଲାଙ୍କ କୃତିତ୍ୱରୁ ଗର୍ବ ଅନୁଭବ କରିବେ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା** – ଆଜି ଦିନଟିରେ ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ। ଈର୍ଷା ପରାୟଣ ବନ୍ଧୁଙ୍କ ପ୍ରାୟୋଜିତ ଚକ୍ରାନ୍ତ ସ୍ୱରୂପ କର୍ମକ୍ଷେତ୍ରରେ ଅଭିଯୋଗ ଆସିବ। ତୃତୀୟସ୍ଥ ରବି ଓ ବୁଧ ହେତୁ ପଡ଼ୋଶୀଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ସକାଶେ ମନ ବଳାଇବେ। କୌଣସି ନୂତନ କର୍ମାରମ୍ଭ ସକାଶେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା** – ଭାଗ୍ୟକର୍ମାଧିପ ରାଶିରେ ଥିବାରୁ ଆପଣଙ୍କ ପ୍ରତ୍ୟେକ ଅଭାବନୀୟ ପରିସ୍ଥିତି ଆଜି ହିଁ ସୁଧୁରି ଯିବ। ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** – ଉପଚୟଭାବସ୍ଥ ବୃହସ୍ପତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ବିଷାଦିତ କରିପାରେ। ଆପଣଙ୍କ ଲୋକ ପ୍ରିୟତା ପଡୋଶୀଙ୍କ ଈର୍ଷାପରାୟଣତାକୁ ବୃଦ୍ଧି କରବି। କେତେକ ନୂତନ କାମର ପରିକଳ୍ପନା କରିବେ, କିନ୍ତୁ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିପାରନ୍ତି। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**ମକର** – ଆଜି ଆପଣ କର୍ମକ୍ଷେତ୍ରରେ ଯୁକ୍ତି ଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। କିନ୍ତୁ ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ଆଶା ରହିଛି। ହଠାତ୍ ଜଣେ ଅପରିଚିତଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ** – ଜନ୍ମରାଶିରେ ବୃହସ୍ପତିଙ୍କ ପ୍ରଭାବରେ ସ୍ଥାନାନ୍ତରର ସମ୍ଭାବନା ରହିଛି। କୌଣସି ନୂତନ କର୍ମାରମ୍ଭ କିମ୍ବା ଯୋଜନା ସକାଶେ ମନ ବଳାଇପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ପଡ଼ି କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**ମୀନ** – ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ଘରେ ମଧ୍ୟ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ସୂଚନା ରହିଛି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇପାରନ୍ତି।




ଆଲୁମିନିୟମ ଏବଂ ବିଦ୍ୟୁତ ଶକ୍ତି । ଦସ୍ତା-ସୀସା-ରୁପା । ତୈଳ ଏବଂ ଗ୍ୟାସ । ତମ୍ବା । ଲୁହା ପଥର ଏବଂ ଇସ୍ପାତ

ଶୂନ୍ୟ କ୍ଷତି, ଶୂନ୍ୟ ବର୍ଜ୍ୟବସ୍ତୁ ଏବଂ ଶୂନ୍ୟ ନିର୍ଗମନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ



# ଗ୍ରୀନ୍ ବିଜ୍‌ନେସ




ଜୋହାନ ରକ୍‌ଷ୍ଟ୍ରୋମ୍
ନିର୍ଦ୍ଦେଶକ,ପଟ୍ସଡାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚ

ଟୋବିୟାସ୍ ରାଫେଲ
ସହ ସଂସ୍ଥାପକ, ଫୁଟୁରିଷ୍ଟ ଇନ୍‌ଷ୍ଟିଚ୍ୟୁଟ ଫର୍ ସସ୍‌ଟେନେବଲ ଟ୍ରାନ୍ସଫରମେଶନ

ଚଳିତ ବର୍ଷ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୨୬) ବିଫଳ ନ ହେଲେ ବି ଅଧିକ ସଫଳ ହେବ ବୋଲି ଯାହା ଆଶା କରାଯାଉଥିଲା ତାହା ହୋଇପାରିଲା ନାହିଁ। ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ସେଠାରେ ବିଶ୍ୱ ନେତାଗଣ କିଛି ନୂଆ ବୁଝାମଣା କରିଛନ୍ତି ସତ, ହେଲେ ବିଶ୍ୱ ସ୍ତରରେ ସବୁଜଗୃହ ବାଷ୍ପ ନିର୍ଗମନ ଯେଉଁଭଳି ହ୍ରାସ ହେବା କଥା ତାହା ଏଯାବତ ହୋଇପାରିନାହିଁ। କେତେକ ଦେଶର ଜଳବାୟୁ ସଂକଳ୍ପ ମଜଭୁତ ହୋଇଥିବାବେଳେ ଲକ୍ଷ୍ୟ ହାସଲରେ ପଦକ୍ଷେପର ଅଭାବ ରହିଛି। କିନ୍ତୁ କପ୍‌୨୬ ସମ୍ମିଳନୀ ଦ୍ୱାରା ସେମାନଙ୍କ ଲକ୍ଷ୍ୟ ହାସଲର ସଂକଳ୍ପ ଦୃଢ ହୋଇଛି। ତଥାପି ଆମେ ଏଥିରେ ଏକ ବୃହତ୍ ନୀତିଗତ ଅନ୍ତର ଦେଖିବାକୁ ପାଉଛୁ। ଜଳବାୟୁ ବିଜ୍ଞାନ ସ୍ପଷ୍ଟ କରିଛି,ଆଗାମୀ ଦିନର ସମୃଦ୍ଧି ଓ ସମାନତା ସକାରାତ୍ମକ ପ୍ରକୃତି, ଶୂନ-କାର୍ବନ ବୈଶ୍ୱିକ ଅର୍ଥନୀତି ଦ୍ୱାରା ସମ୍ଭବ ହୋଇପାରିବ। ଚଳିତ ବର୍ଷରେ ପାଣିପାଗ ସମ୍ପର୍କିତ ଘଟଣାଗୁଡ଼ିକର ତୀବ୍ରତା, ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜେସ୍ (ଆଇପିସିସି)ର ଷଷ୍ଠ ଆକଳନ ରିପୋର୍ଟରେ ପ୍ରଦତ୍ତ ବିଜ୍ଞାନ ଆଧାରିତ ବାର୍ତ୍ତାରୁ ଜଳବାୟୁ ପରିବର୍ତ୍ତନର ଭୟାବହତା ସ୍ପଷ୍ଟ ହୋଇଛି। ବିଶ୍ୱ ଜୈବବିବିଧତା ଏବଂ ପ୍ରକୃତି ଅତ୍ୟଧିକ ସଙ୍କଟର ସାମ୍ନା କରୁଛି। ୨୦୫୦ ସୁଦ୍ଧା ଶୂନ କାର୍ବନ ନିର୍ଗମନ ସ୍ଥିତି ହାସଲ କରିବା ଲାଗି ଆମକୁ ୨୦୩୦ ପୂର୍ବରୁ ନିର୍ଗମନର ଉଲ୍ଲେଖନୀୟ ହ୍ରାସ କରିବାକୁ ପଡ଼ିବ। ହେଲେ ଅନେକ ନୀତି ନିର୍ଦ୍ଧାରକ ଗୋଡଟଣା ନୀତିରେ ମାତିଛନ୍ତି। ଜଳବାୟୁ କାର୍ଯ୍ୟକଳାପ ବିଜ୍‌ନେସ ଉପରେ ବୋଝ ହେବ ବୋଲି ସ୍ୱର ଉତ୍ତୋଳନ କରୁଛନ୍ତି , ଯାହା ବାସ୍ତବିକ ଚିନ୍ତାଜନକ। କିନ୍ତୁ ବହୁ ବିଜ୍‌ନେସ ଲିଡର୍ ସେମାନଙ୍କ କମ୍ପାନୀଗୁଡ଼ିକୁ ଅନେକ ଦିନରୁ ସବୁଜ (ଗ୍ରୀନ୍) ବା ପରିବେଶ ଉପଯୋଗୀ ଧାରାରେ ଆଗକୁ ନେବାରେ ଲାଗିଛନ୍ତି ଓ ସେମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଉଛି। ବିଜ୍‌ନେସ ଲିଡର୍‌ମାନଙ୍କ ମଧ୍ୟରୁ ଅଧିକାଂଶ ବିନା ଦ୍ୱିଧାରେ ଜଳବାୟୁ ବିଜ୍ଞାନ ନିର୍ଯାସକୁ ଗ୍ରହଣ କରିଛନ୍ତି। ଏହି ବ୍ୟାପକ ଧାରା ଗ୍ଲାସ୍‌ଗୋର କପ୍‌୨୬ ସମ୍ମିଳନୀରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ଏଥିରେ ବିଶ୍ୱର ବୃହତ୍ତମ କର୍ପୋରେଶନଗୁଡ଼ିକର ବରିଷ୍ଠ ଏକ୍‌ଜିକ୍ୟୁଟିଭ୍‌ମାନେ ଯୋଗ ଦେଇଥିଲେ।

କପ୍‌୨୬ ସମୟରେ ଆମେ ୨୦ରୁ ଊର୍ଦ୍ଧ୍ୱ ଜର୍ମାନୀ କମ୍ପାନୀର ବିଜ୍‌ନେସ ଲିଡର୍‌ମାନଙ୍କ ସାକ୍ଷାତ୍‌କାର ନେଇଥିଲୁ ଓ ସେମାନଙ୍କ ପରିବେଶ ଉପଯୋଗୀ ତଥା ସ୍ଥାୟୀ ରଣନୀତି ସମ୍ପର୍କରେ ଅନୁଧ୍ୟାନ କରିଥିଲୁ। ୧୦ ଜଣ ଜର୍ମାନୀ ସିଇଓଙ୍କ ମଧ୍ୟରୁ ୯ ଜଣ ଆଗାମୀ ୫ ବର୍ଷରେ ଡିଜିଟାଲାଇଜେଶନଠାରୁ ପରିବେଶ ଉପଯୋଗୀ କାର୍ଯ୍ୟକଳାପ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଜାଣିବାକୁ ପାଇଥିଲୁ। ଏହା ଏକ ବଡ଼ ପରିବର୍ତ୍ତନକୁ ସୂଚାଉଛି। ଅନୁଧ୍ୟାନରେ ଭାଗ ନେଇଥିବା ଅଧିକାଂଶ କମ୍ପାନୀ ୨୦୩୫ ସୁଦ୍ଧା ବା ତା'ପୂର୍ବରୁ ଶୂନ କାର୍ବନ ନିର୍ଗମନ ସ୍ତର ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିଶ୍ୱରେ ବିଜ୍‌ନେସ ଟେନ୍‌ଡରେ ଏହା କରିବା ପାଇଁ ସ୍ଥିର କରିଛନ୍ତି। ସେମାନଙ୍କ ଲକ୍ଷ୍ୟରେ ପହଞ୍ଚିବା ଲାଗି ଆହୁରି କିଛି କାର୍ଯ୍ୟ କରିବାକୁ ବାକି ରହିଛି ବୋଲି ଅଧିକାଂଶ ଲିଡର ସ୍ୱୀକାର କରିଛନ୍ତି। ନିଃସନ୍ଦେହ ଯେ, ପରିବେଶ ଉପଯୋଗୀ ସ୍ଥାୟୀ ବିକାଶ ସିଇଓଙ୍କ କାର୍ଯ୍ୟସୂଚୀର ଶୀର୍ଷରେ ରହିଛି। ଜର୍ମାନୀ ବିଜ୍‌ନେସରେ ଏକ ନୂଆ ବିଷୟ ସାମ୍ନାକୁ ଆସିଥିବା ସର୍ଭେରୁ ଜଣାପଡ଼ିଛି। କମ୍ପାନୀଗୁଡ଼ିକ ବିଜନେସ୍ ସଞ୍ଚାଳନ ଲାଇସେନ୍ସ ଜାରି ରଖିବା ପାଇଁ ଏକ ପରିବେଶ ଉପଯୋଗୀ ସ୍ଥାୟୀ ରଣନୀତି ଆପଣାଇବା ସକାଶେ ବିଚାର କରୁଛନ୍ତି। ପରିବେଶ ଉପଯୋଗୀ ନିରନ୍ତର ବିକାଶରେ ବିଜ୍‌ନେସ୍ ସୁଯୋଗ ରହିଛି ବୋଲି ବହୁ କମ୍ପାନୀ ଅନୁଭବ କରୁଛନ୍ତି ଏବଂ ଅଧିକ ସିଇଓ ବ୍ୟକ୍ତିଗତ ସ୍ତରରେ ଏହାର ଦାୟିତ୍ୱ ନେଇଛନ୍ତି।

ଉଚ୍ଚ ଶିଳ୍ପଭିତ୍ତିକ ଅର୍ଥ ବ୍ୟବସ୍ଥା ସମ୍ପନ୍ନ ରାଷ୍ଟ୍ର ଜର୍ମାନୀ ତା ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଧିମା ନ କରି କାର୍ବନ ନିର୍ଗମନ କମାଇବା ପ୍ରକ୍ରିୟାରେ ଆଗୁଆ ହେବାକୁ ଚାହୁଁଛି। ଜର୍ମାନୀ ସିଇଓଙ୍କ ଦୃଷ୍ଟିକୋଣରେ, ପ୍ରଗତି କେବଳ ଗ୍ରୀନ୍ ଟେକ୍‌ନୋଲୋଜି ଅଭାବରୁ କି ପ୍ରମୁଖ ଅଂଶୀଦାରଙ୍କ ସମର୍ଥନ ବିନା ପଛାଉ ନାହିଁ, ବରଂ ଏହା ଅତ୍ୟଧିକ ବ୍ୟବସାୟିକ ଖର୍ଚ୍ଚ ବା କ୍ଷତି ଯୋଗୁ ହେଉଛି। ସର୍ଭେରେ ୬୦% କମ୍ପାନୀର ପରିବେଶ ଉପଯୋଗୀ ଏବଂ ଲାଭଦାୟକ ଉତ୍ପାଦ ଯୋଗାଇବାରେ ସମସ୍ୟା ଲାଗି ରହିଥିବା ଜଣାପଡ଼ିଛି। ତଥାପି ଏବେ କାର୍ଯ୍ୟକାରୀ ଅନେକ ପରିବେଶ ଉପଯୋଗୀ ଯୋଜନାରୁ ସଫଳ ମିଳି ସାରିଲାଣି ଏବଂ ପରିବେଶ ଉପଯୋଗୀ ଉତ୍ପାଦଗୁଡ଼ିକର ବିକ୍ରିର ସୁଯୋଗ ବୃଦ୍ଧି ପାଇଲେ କ୍ଷତି ଧୀରେ ଧୀରେ ହ୍ରାସ ପାଇବ ବୋଲି ସିଇଓମାନେ ମତ ଦେଇଛନ୍ତି।

କମ୍ପାନୀଗୁଡ଼ିକର ସଞ୍ଚାଳନ ଧାରାର ପରିବର୍ତ୍ତନ କରିବାକୁ ତିନି ପ୍ରକାର କାର୍ଯ୍ୟ କରିବାକୁ ପଡ଼ିବ। ପ୍ରଥମତଃ, ସେମାନଙ୍କୁ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଉପଯୋଗ ବା ନଷ୍ଟ ପ୍ରକ୍ରିୟା ବନ୍ଦ କରି କାର୍ବନ ନିର୍ଗମନ ଜନିତ ପ୍ରଭାବ କମାଇବାକୁ ହେବ। ଦ୍ୱିତୀୟରେ ଅନୁସୃତ ପଦ୍ଧତି ତଥା ବ୍ୟବସାୟିକ ରଣନୀତି ମାଧ୍ୟମରେ କଠିନତା ଦୂର କରି ଶତତ ବିକାଶ ଲକ୍ଷ୍ୟରେ ଯୋଗଦାନ କରିବାକୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦର ଗୁଣବତ୍ତା ବଢ଼ାଇବାକୁପଡ଼ିବ। ତୃତୀୟରେ ସମସ୍ତ ଅଂଶୀଦାରଙ୍କ ସହଯୋଗରେ କମ୍ପାନୀଗୁଡ଼ିକ ଅନ୍ୟମାନଙ୍କ ହୃଦୟ ଜିତିବା ଭଳି କାର୍ଯ୍ୟ କରିବା ଆବଶ୍ୟକ। ଉପଭୋକ୍ତା ଭାବେ ଆମ ବ୍ୟବହାର ବଦଳାଇ, ଭୋଟର ଭାବେ ସ୍ପଷ୍ଟ ନୀତିକୁ ସମର୍ଥନ କରି, ବୈଜ୍ଞାନିକ ଭାବେ ନୂଆ ଜ୍ଞାନ ସାମ୍ନାକୁ ଆଣି ଏବଂ ନୀତି ନିର୍ଦ୍ଧାରକ ଭାବେ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଓ ଢାଞ୍ଚା ଆରମ୍ଭ କରିବାରେ ଆମେ ସମସ୍ତେ ପ୍ରଭାବ ପକାଇପାରିବା।

ସର୍ଭେରେ ସାମିଲ ଜର୍ମାନୀ କମ୍ପାନୀଗୁଡ଼ିକ ମଧ୍ୟରୁ କେତେକ ଉତ୍ପାଦ ବିକାଶ କରିବା ପୂର୍ବରୁ ଜଳବାୟୁ ଉପରେ କ'ଣ ପ୍ରଭାବ ରହିଛି ତାହା ଆକଳନ କରିବାକୁ ଗ୍ରୀନ ଡିଜିଟାଲ ଟ୍ୱିନ୍ ( ଉତ୍ପାଦର ବାସ୍ତବ ପ୍ରଭାବ ଆକଳନ କରିବାର ଏକ ଭର୍ଚୁଆଲ ମଡେଲ) ଉପଯୋଗ କରୁଛନ୍ତି। ଅନ୍ୟମାନେ ଉତ୍ପାଦର କାର୍ବନ ନିର୍ଗମନ ସମ୍ପର୍କରେ ଯୋଗାଣ କାରୀ ଓ ଉପଭୋକ୍ତାଙ୍କୁ ଜଣାଉଛନ୍ତି। ତେବେ ଆମକୁ ସବୁ କ୍ଷେତ୍ରରେ ଅନେକ ବିଜ୍‌ନେସ କର୍ପୋରେଟ ପରିବେଶ ଉପଯୋଗୀ ଯୋଜନା କରିବାକୁ ହେବ ଓ ତାହାକୁ ଅର୍ଥ ଯୋଗାଇ ଦେବାକୁ ପଡ଼ିବ। ଅନ୍ୟମାନେ କିଭଳି ଏଭଳି ରଣନୀତି ଆପଣାଇବେ ସେଥିପାଇଁ ବହୁ ଜର୍ମାନୀ କମ୍ପାନୀ ପରିବେଶ ଉପଯୋଗୀ ଆତ୍ମାସାତର ହେବାକୁ ସେମାନଙ୍କ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏକ ସୁରକ୍ଷିତ, ସ୍ୱାସ୍ଥ୍ୟପ୍ରଦ, ପରିବେଶ ଉପଯୋଗୀ ବିଶ୍ୱ ସୃଷ୍ଟି କରିବା ଲାଗି ଏହି ମଡେଲଗୁଡ଼ିକ ଶୀଘ୍ର ସମ୍ପ୍ରସାରିତ ହେବା ଦରକାର। ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକରେ ସାମଞ୍ଜସ୍ୟ ନାହିଁ। ଫଳରେ ଏହା ଜଳବାୟୁ ଏବଂ ଜୈବମଣ୍ଡଳକୁ ଲାଭ ଦେବା ବଦଳରେ ଅଧିକ ପ୍ରଦୂଷିତ, ନଷ୍ଟ ଓ ଅସ୍ଥିର କରିଦେଉଛି। ଆମକୁ ବିଜ୍‌ନେସକୁ ନୂଆ ଢାଞ୍ଚା ଦେବା ଭଳି ଜଳବାୟୁ ବିଜ୍ଞାନ ଭିତ୍ତିକ ନୀତି ତୁରନ୍ତ ଗ୍ରହଣ କରିବାକୁ ହେବ। ହେଲେ କପ୍‌୨୬ରେ ଏହା ଉପରେ କିଛି ପ୍ରକାଶ ପାଇଲା ନାହିଁ କି ଆଗକୁ ହେବାର ସମ୍ଭାବନା ନାହିଁ। ଆମକୁ ୨୦୨୨ରେ ଜର୍ମାନୀରେ ହେବାକୁ ଥିବା ଜି୭ ସମ୍ମିଳନୀରେ ଅତିରିକ୍ତ କାର୍ଯ୍ୟପଦ୍ଧତି ଆରମ୍ଭ କରିବାକୁ ପଡ଼ିବ । ଏପରିକି ବିଜ୍ଞାନ ଆଧାରିତ 'କ୍ଲାଇମେଟ୍ ଜି୩' ଗଢିବାକୁ ପଡ଼ିପାରେ।

ଅଧିକରୁ ଅଧିକ କମ୍ପାନୀ ବିଜ୍ଞାନ ଆଧାରିତ ଲକ୍ଷ୍ୟ ଗ୍ରହଣ କରିବା ଦରକାର। ଏହା କାର୍ବନ ନିର୍ଗମନ ହ୍ରାସ କରିବା ସହ ସୀମିତ ସଂସାଧନର ସଂରକ୍ଷଣ କରିପାରିବ। ଆମ ସମ୍ମୁଖରେ ବହୁ ଆହ୍ୱାନ ରହିଥିଲେ ବି ଅଧିକ ସୁଯୋଗ ରହିଛି। ସବୁ କ୍ଷେତ୍ରରେ ଓ ସବୁ ସ୍ତରରେ ଏବେଠାରୁ କାର୍ବନ ନିର୍ଗମନ କମାଇବା ପାଇଁ କାର୍ଯ୍ୟ ଆରମ୍ଭ କରିବା ଦରକାର। ଅନୁଧ୍ୟାନରୁ ଜଣାପଡ଼ିଛି, ସବୁ ବିଜ୍‌ନେସ ଲିଡର୍ ବିଜ୍ଞାନ ଉପରେ ସହମତ ହେଉଛନ୍ତି ଏବଂ ସେମାନଙ୍କ ସଞ୍ଚାଳନ ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ତେବେ ସଭିଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ନିଶ୍ଚିତ କରିବାକୁ ଆବଶ୍ୟକ ଢାଞ୍ଚା ନୀତି ନିର୍ଦ୍ଧାରକମାନେ ଏବେ ଯୋଗାଇଦେବେ କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି।

# ଇମ୍ୟୁନୁ କେତେ ସବଳ



ଡା. ପ୍ରଫୁଲ୍ଲ କୁମାର ଦାସ

ଆପଣ କ'ଣ ସବୁବେଳେ ଥଣ୍ଡା ଜ୍ୱର ଅଥବା ସର୍ଦ୍ଦିରେ ପୀଡ଼ିତ ହେଉଛନ୍ତି? ଋତୁ ବଦଳିବା ସଙ୍ଗେ ସଙ୍ଗେ ଆପଣଙ୍କର ଶରୀରର ଅବସ୍ଥା ବଦଳିଯାଉଛି? କାମ ଆରମ୍ଭ କରୁ କରୁ ଆପଣ ଥକି ପଡୁଛନ୍ତି? ଯଦି ଏସବୁର ଉତ୍ତର 'ହଁ' ତା'ହେଲେ ଆପଣ ଏକଥା ଜାଣି ରଖନ୍ତୁ ଯେ, ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା ବା ଇମ୍ୟୁନୁ ସିଷ୍ଟମ ଦୁର୍ବଳ ହୋଇଗଲାଣି। ଏକଥା ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ଶରୀରର ଇମ୍ୟୁନୁ ସିଷ୍ଟମ ଦୁର୍ବଳ ହେବା ଦ୍ୱାରା ଶରୀରକୁ ନାନାଦି ରୋଗ ଖୁବ୍ ସହଜରେ ଆକ୍ରାନ୍ତ କରି ପାରିଥାଏ। ଏକଥା ସ୍ୱୀକାର୍ଯ୍ୟ ଯେ, ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଗଲେ ଲୋକମାନେ ରୋଗରେ ପଡ଼ନ୍ତି। ଏକଥା ସମସ୍ତେ ସ୍ୱୀକାର କରିବେ, ଶରୀରର ଇମ୍ୟୁନୁ ସିଷ୍ଟମ ହେଉଛି ମଣିଷ ପାଇଁ ଏକ ବରଦାନ ସଦୃଶ, ଯାହାକୁ ଅତି ଯତ୍ନ ସହକାରେ ସବଳ ରଖିବା ଆମ ସମସ୍ତଙ୍କ ଏକ ପ୍ରାଥମିକ ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଏକଥା କୁହାଯାଏ ଯେ, ମଣିଷର ଜୀବନ ଖାଲି ସଂଘର୍ଷ ଆଉ ସଂଘର୍ଷ । ମଣିଷ ଯେ ଖାଲି ବାହ୍ୟ ଶକ୍ତି ଅଥବା ଦେଖିପାରୁଥିବା ଶକ୍ତିଗୁଡ଼ିକ ବିରୋଧରେ ସଂଘର୍ଷ କରେ ତା'ନୁହେଁ ଅଧିକନ୍ତୁ ଅନେକ ଅଦୃଶ୍ୟ ଶକ୍ତିକୁ ବି ସାମ୍ନା କରିବାକୁ ପଡ଼ିଥାଏ। ବାସ୍ତବରେ ପ୍ରତ୍ୟେକ ଦିନ ଆମେ ନିୟୁତ ନିୟୁତ କୀଟାଣୁ, ଭୂତାଣୁଙ୍କର ସାମ୍ନା କରିଥାଉ। କିନ୍ତୁ ଆମ ଭିତରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଏମାନଙ୍କର ସାମ୍ନା କରିବା ସତ୍ତ୍ୱେ ସୁସ୍ଥ ସବଳ ରହିଥାନ୍ତି। କିନ୍ତୁ ଅନେକ ଅସୁସ୍ଥ ହେବାର କାରଣ ହେଉଛି ଦୁର୍ବଳ ଇମ୍ୟୁନୁ ସିଷ୍ଟମ। ଯେଉଁମାନେ କୀଟାଣୁ, ଭୂତାଣୁଙ୍କର ସାମ୍ନା କରି ବି ସୁସ୍ଥ ରହିପାରନ୍ତି ସେମାନଙ୍କର ଇମ୍ୟୁନୁ ସିଷ୍ଟମ ବା ରୋଗ ପ୍ରତିରୋଧକ ଶକ୍ତି ସୁସ୍ଥ, ସବଳ ଥିବାବେଳେ ଯେଉଁମାନେ ଅଳ୍ପକେ ରୋଗରେ ପଡ଼ନ୍ତି ସେମାନଙ୍କ ଇମ୍ୟୁନୁ ସିଷ୍ଟମ ଦୁର୍ବଳ ହୋଇପଡ଼ିଥାଏ। ଏତେ ସବୁ ଆଲୋଚନା ପରେ ଏଭଳି ପ୍ରଶ୍ନଟିଏ ମନରେ ଉଠିବା ସ୍ୱାଭାବିକ ଯେ, ଏହି ଇମ୍ୟୁନୁ ସିଷ୍ଟମ ବା ରୋଗ ପ୍ରତିରୋଧକ ଶକ୍ତି କ'ଣ। ବୈଜ୍ଞାନିକ ତଥ୍ୟ ଅନୁଯାୟୀ ଏହା ହେଉଛି ଶରୀରର ଏକ ପ୍ରତିରୋଧୀ ବ୍ୟବସ୍ଥା, ଯାହା ଆମକୁ ସକଳ ରୋଗବ୍ୟାଧି ଦାଉରୁ ସୁରକ୍ଷିତ ରଖେ । ଆମ ଶରୀରକୁ ପ୍ରବେଶ କରୁଥିବା ଅନିଷ୍ଟକାରୀ ଶକ୍ତିଗୁଡ଼ିକୁ ଏହି ବ୍ୟବସ୍ଥା କାବୁ କରିନିଏ। ଫଳରେ ଆମେ ସୁସ୍ଥ ରହିପାରୁ । ନିକଟରେ ମହାମାରୀ କରୋନା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଏହାର ମୁଖ୍ୟ କାରଣ ଦୁର୍ବଳ ଇମ୍ୟୁନୁ ସିଷ୍ଟମ ବୋଲି କୁହାଯାଉଛି। ଗବେଷକଙ୍କ ମତରେ କରୋନା, ସ୍ୱାଇନ୍‌ଫ୍ଲୁ ଠୁ ଆରମ୍ଭ କରି ଦୁରାରୋଗ୍ୟ କର୍କଟ ବ୍ୟାଧି ପର୍ଯ୍ୟନ୍ତ ସବୁକିଛିର ମୂଳ କାରଣ ଦୁର୍ବଳ ଇମ୍ୟୁନୁ ସିଷ୍ଟମ୍। ଇମ୍ୟୁନୁ ସିଷ୍ଟମ୍ ଦୁର୍ବଳ ହେବା ପଛରେ ରହିଛି ଅନେକ କାରଣ। ଏ ସବୁ ପଛରେ ରହିଛି ମଣିଷର ବେପରୁଆ ଭାବ। ଏକ ଗବେଷଣାରୁ ଜାଣିବାକୁ ମିଳିଛି, ବିଶ୍ୱର ପ୍ରାୟ ୭୫ ପ୍ରତିଶତ ଲୋକଙ୍କର ଇମ୍ୟୁନୁ ସିଷ୍ଟମ ଦୁର୍ବଳ। ବିଶେଷ କରି କମ୍ ଶୋଇବା, ଖାଇବା, ପିଇବା, ବଦଭ୍ୟାସ, ଅତ୍ୟଧିକ ମାନସିକ ଚାପ, ଆଣ୍ଟିବାୟୋଟିକ୍ ସେବନ, ମଦ୍ୟପାନ ଆଦି ଅଭ୍ୟାସ ଦ୍ୱାରା ଶରୀର ଇମ୍ୟୁନୁ ସିଷ୍ଟମ ଅତିମାତ୍ରାରେ ପ୍ରଭାବିତ ହୋଇଥାଏ ।

ଯଦି ମଣିଷ ନୀରୋଗ ରହିବା ପାଇଁ ଚାହୁଁଛି ତା'ହେଲେ ତାକୁ ସର୍ବପ୍ରଥମେ ନିଜର ଇମ୍ୟୁନୁ ସିଷ୍ଟମକୁ ସୁସ୍ଥ ତଥା ସବଳ ରଖିବାକୁ ପଡ଼ିବ। ସେଥିପାଇଁ ଆମକୁ ପ୍ରଥମେ ବ୍ୟବସ୍ଥିତ ହେବାକୁ ପଡ଼ିବ ତଥା ପରେ ଶୃଙ୍ଖଳିତ ଜୀବନଚର୍ଯ୍ୟା ଆପଣାଇବାକୁ ହେବ। ଯେତେଦୂର ସମ୍ଭବ ରିଲାକ୍ସ ରୁହନ୍ତୁ ଏବଂ ଭରପୂର ନିଦରେ ଶୁଅନ୍ତୁ । ଦିନରେ ଅନ୍ତତଃ କିଛି ସମୟ ଆରାମ କରନ୍ତୁ। ଏହାଦ୍ୱାରା ଦିନ ସାରା ଖର୍ଚ୍ଚ ହୋଇଥିବା ଶକ୍ତି ପୁନଃ ସଞ୍ଚିତ ହୋଇଥାଏ। ଖାଦ୍ୟ ପଦାର୍ଥରେ ପୋଷକ ତତ୍ତ୍ୱ ସାମିଲ କରିବା ନିତାନ୍ତ ପ୍ରୟୋଜନ। ଏହାଦ୍ୱାରା ଶରୀରକୁ କେବଳ ଶକ୍ତି ମିଳେନାହିଁ, ଅଧିକନ୍ତୁ ଶରୀରରେ ଅଧିକରୁ ଅଧିକ ହ୍ୱାଇଟ୍ ବ୍ଲଡ୍ ସେଲ୍ ବା ଶ୍ୱେତ ରକ୍ତକଣିକା ସୃଷ୍ଟି ହୋଇଥାଏ। ଉଲ୍ଲେଖ ପ୍ରୟୋଜନ ଯେ, ଏହି ଶ୍ୱେତ ରକ୍ତ କଣିକାଗୁଡ଼ିକ ହେଉଛନ୍ତି ଶରୀରର ଇମ୍ୟୁନୁ ସିଷ୍ଟମ। ମାଛ, ମାଂସ, ଫଳ, ପନିପରିବା, କ୍ଷୀର, ଛେନା ଆଦି ଆବଶ୍ୟକ ପରିମାଣରେ ଖାଆନ୍ତୁ। ଏହାଦ୍ୱାରା ଶରୀର ସୁସ୍ଥ ରହେ। ଅର୍ଗାନିକ ଫୁଡ୍ ଖାଇବା ଉପରେ ପ୍ରାଥମିକତା ଦିଅନ୍ତୁ। ହାର୍ଭାର୍ଡ ମେଡିକାଲ ସ୍କୁଲର ଅଧ୍ୟୟନରୁ ଜାଣିବାକୁ ମିଳିଛି ଯେ, ଚା'ରେ ରହିଥିବା ରାସାୟନିକ ତତ୍ତ୍ୱ ସଂକ୍ରମଣରେ ଲଢ଼ିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ସେହିଭଳି ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ । ତେବେ ଗ୍ରୀନ୍ ଟି' ହେଲେ ସବୁଠୁ ଭଲ। ଖାଦ୍ୟରେ ନିୟମିତ ରସୁଣ, ଅଦା, ହଳଦୀ ଆଦି ସାମିଲ କରିବା ଆବଶ୍ୟକ। ଏଗୁଡ଼ିକର ରୋଗପ୍ରତିରୋଧକ ଶକ୍ତି ରହିଛି। ଅତ୍ୟଧିକ ମାନସିକ ଚାପରେ ରୁହନ୍ତୁ ନାହିଁ କିମ୍ବା ହତାଶ ହୁଅନ୍ତୁ ନାହିଁ । ଚାପରେ ରହିବା କିମ୍ବା ହତାଶବୋଧ ଦ୍ୱାରା ଶରୀରର ଇମ୍ୟୁନୁ ସିଷ୍ଟମ ଦୁର୍ବଳ ହୋଇଥାଏ। ଏହିସବୁ ବିଷୟକୁ ଗୁରୁତ୍ୱ ଦେଲେ ଜଣେ ସୁସ୍ଥ, ସବଳ ଜୀବନ ଯାପନ କରିପାରିବ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ:୯୪୩୭୦୨୩୪୪୩**

## ଏଇ ଭାରତରେ

ଟ୍ରାଫିକ୍‌ରେ ସାବୁନ ବିକ୍ରି କରୁଥିବା ଜଣେ ପିଲା ନିଷ୍ଠା ବଳରେ ଡାକ୍ତର ହୋଇ ଗ୍ରହଣଖଣ୍ଡିଆ ସମସ୍ୟା ଜଡ଼ିତ ପିଲାମାନଙ୍କର ମାଗଣାରେ ଅପରେଶନ କରୁଛନ୍ତି। ଏଭଳି ଅଭିଯାନ ଚଳାଉଥିବା ଡାକ୍ତର ହେଲେ ଡା. ସୁବୋଧ କୁମାର ସିଂ। ରହୁଛନ୍ତି ଉତ୍ତରପ୍ରଦେଶର ବାରାଣସୀରେ। ସେ ଏବେ ସୁଦ୍ଧା ୩୭,୦୦୦ ପିଲାଙ୍କ ଅପରେଶନ କରି ଗ୍ରହଣଖଣ୍ଡିଆ ସମସ୍ୟା ଦୂର କରିପାରିଛନ୍ତି। ଫଳରେ ୨୫୦୦ ପରିବାର ଉପକୃତ ହୋଇଛନ୍ତି। ସୁବୋଧଙ୍କୁ ୧୩ ବର୍ଷ ହୋଇଥିବା ବେଳେ ତାଙ୍କ ପିତାଙ୍କ ଦେହାନ୍ତ ହୋଇଯିବା ପରେ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡ଼ିଥିଲା । ପରେ ତାଙ୍କ ବଡ଼ ଭାଇ ପରିବାର ଚଳାଇଥିଲେ । ହେଲେ ତାହା ପର୍ଯ୍ୟାପ୍ତ ନ ଥିଲା। ଏଣୁ ସୁବୋଧ ପଢ଼ିବା ସମୟରେ ସାବୁନ, କ୍ୟାଣ୍ଡେଲ ଆଦି ବିକ୍ରି କରି କିଛି ରୋଜଗାରେ କରୁଥିଲେ। ପରେ ମେଡିକାଲ ସାଇନ୍ସରେ ଡିଗ୍ରୀ ହାସଲ କରି ୧୯୯୯ରେ ଚାକିରିରେ ଯୋଗ ଦେଇଥିଲେ। ପରେ ୨୦୦୪ରେ ଜି.ଏସ୍. ମେମୋରିଆଲ ହସ୍ପିଟାଲ ନିର୍ମାଣ କରି ସେବେଠାରୁ ସେ ମାଗଣାରେ ମେଡିକାଲ କ୍ୟାମ୍ପମାନ ଆୟୋଜନ କରି ଗ୍ରହଣଖଣ୍ଡିଆ ପିଲାମାନଙ୍କ ଅପରେଶନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୯୬

- ରୁଷିଆର କେତେକ ପ୍ରକଳ୍ପରୁ ସମୃଦ୍ଧ ୟୁରାନିୟମ କିଣିବା ପାଇଁ ରୁଷିଆ ଓ ଆମେରିକା ମଧ୍ୟରେ ପାଞ୍ଚ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ।
- ହିମାଚଳ ପ୍ରଦେଶର ରାମପୁର ନିକଟରେ ବସ୍ ଦୁର୍ଘଟଣା ଘଟି ୨୪ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଫୁଟପାଥରେ ହକର ଉଚ୍ଛେଦ ପାଇଁ କଲିକତା ପୌରପରିଷଦ ପକ୍ଷରୁ 'ଅପରେଶନ ସନଶାଇନ' ଆରମ୍ଭ।

# ଆସ ଛବି ତୋଳିବା



ଅକ୍ଷୟ କୁମାର ମିଶ୍ର

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ସମଗ୍ର ଦେଶରେ ଅମୃତ ମହୋତ୍ସବ ନାମରେ ବିଭିନ୍ନ କାର୍ଯ୍ୟକ୍ରମ ଯେ ହାତକୁ ନିଆଯାଇଛି ଏହା ଗଣ ମାଧ୍ୟମରେ ପ୍ରକାଶିତ ଫଟୋଚିତ୍ରଗୁଡ଼ିକ ଉପରେ ଦୃଷ୍ଟି ପଡ଼ିଲେ ବୁଝିହେଉଛି। କାର୍ଯ୍ୟକ୍ରମଗୁଡ଼ିକର ସଫଳତା ସମ୍ପର୍କରେ ତଥ୍ୟ ସଂଗୃହୀତ ହେଉ ବା ନ ହେଉ ସେଠାରେ ଉଠିଥିବା ଫଟୋଚିତ୍ରର ପ୍ରେରଣ ଓ ପ୍ରସାରଣ ଦିଗରେ ସମସ୍ତେ ଯେ ଯତ୍ନବାନ ଏହା ଅତି ସହଜରେ ବୁଝିହେଉଛି। ଆଜିକାଲି ଏହି ଅଘୋଷିତ ସ୍ଲୋଗାନଟି ସମସ୍ତଙ୍କ ମଗଜରେ ଏମିତି ଭର୍ତ୍ତି ହୋଇଯାଇଛି ଯେ ଏଥିପାଇଁ କାହାକୁ କହିବାକୁ ପଡୁନି କି ବୁଝାଇବାକୁ ପଡୁନି। ସଭିଏ ଘୋଷା ପଦ ପରି ଘୋଷି ହେଉଛନ୍ତି 'ଆସ ଛବି ତୋଳିବା।'

ଅତୀତର ସ୍ମୃତିକୁ ସାଇତି ରଖିବା ପାଇଁ କିଛି ଆଗ ଧାଡ଼ିର ଲୋକ ଫଟୋ ଉଠାଇ ଆଲବମ୍‌ରେ ରଖୁଥିଲେ। ଆଉ କିଛି ଲୋକ ପରିବାରର ଫଟୋ, ସାଙ୍ଗ ସାଥୀ ମେଳର ଫଟୋ ଉଠାଇ ରଖୁଥିଲେ। ଆଜି ଯେଉଁ ସବୁ ଫଟୋ ଉଠୁଛି ସ୍ମୃତି ସାଇତିବା ପାଇଁ ନୁହଁ ବରଂ ଆତ୍ମ ପ୍ରଚାର ଲାଗି। ସବୁଠି ଏକ ଅସମ୍ଭବ ପ୍ରତିଯୋଗିତା। ଫଟୋ ଉଠାଇବା ପାଇଁ ଠେଲାପେଲା। ସ୍କୁଲ କଲେଜ, ଅଫିସ ଦପ୍ତର, ସଂଘ ସଂଗଠନ, ସଚିବାଳୟ, ନ୍ୟାୟାଳୟ ସର୍ବତ୍ର ଛବି ତୋଳିବାର ପ୍ରତିଯୋଗିତା ଚାଲିଛି। କୌଣସି ଜାତୀୟ ପର୍ବ ହେଉ ବା ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ, ଜୟନ୍ତୀ ପାଳନ ହେଉ ଅବା ସ୍ମୃତିଚାରଣ ସଭା ହେଉ, ଉଦ୍‌ଘାଟନ ଉତ୍ସବ ହେଉ କିମ୍ବା ଅନ୍ୟ କୌଣସି ଉତ୍ସବ ହେଉ ସବୁଠି ମୁଖ୍ୟ ପ୍ରସଙ୍ଗରୁ ନଜର ହଟିଯାଇ ଛବି ତୋଳିବା ଉପରେ ଦୃଷ୍ଟି ନିବଦ୍ଧ ରହୁଛି। କ୍ୟାମେରା ସମ୍ମୁଖକୁ ଆସିବାର ପ୍ରତିଯୋଗିତା ଚାଲିଛି।

ଏବେ ଏହି ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରୁଛି ଆମ ସରକାରୀ ବ୍ୟବସ୍ଥା ଆପଣେଇ ଥିବା କିଛି ମାର୍ଗଦର୍ଶିକା। ଆଜିକାଲି ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ବିଭିନ୍ନ ଉତ୍ସବ, ମହୋତ୍ସବ, ମେଳା ନାମରେ ଏବଂ ଯୋଜନାଗୁଡ଼ିକ ଆଗରେ ଅଥବା ପଛରେ ଦେଶ କିମ୍ବା ରାଜ୍ୟ ନାମ ଯୋଡ଼ିଦେଇ ନାମିତ କରାଯାଉଛି। ତୃଣମୂଳସ୍ତରରେ ଏହିସବୁ କାର୍ଯ୍ୟକ୍ରମଗୁଡ଼ିକ କେମିତି କରାଗଲା ତା'ର ଫଟୋଚିତ୍ର ପଠାଇବାକୁ ନିର୍ଦ୍ଦେଶ ଆସୁଛି। ଫଳରେ କାର୍ଯ୍ୟକ୍ରମ ହେଉ ବା ନ ହେଉ ବ୍ୟାନର ଟଙ୍ଗେଇ ଆଠ ଦଶ ଜଣ ଆବଶ୍ୟକ ମୁଦ୍ରାରେ ଛିଡ଼ାହୋଇ ଯାଇ ଫଟୋ ଉଠାଇ ପ୍ରେରଣ ହେଉଛି। ବେଳେ ବେଳେ କିଛି ନ ଥାଇ କମ୍ପ୍ୟୁଟର ମାଧ୍ୟମରେ ପୁରୁଣା ଛବିକୁ ନୂଆ ରୂପ ଦେଇ ଭୂତ ବ୍ୟାନର ସେଟିଂ କରି ଫଟୋ ପଠାଯାଉଛି। ପରିଷ୍କାର ସ୍ଥାନରେ ଅଳିଆ ଢାଳିଦେଇ ଧୋବ ଫରଫର ପୋଷାକ ପିନ୍ଧିଥିବା ବାବୁମାନଙ୍କର ଝାଡୁଧରି ସଫେଇ କରୁଥିବା ଦୃଶ୍ୟ, ନିଜ ବାଡ଼ି ବଗିଚାରେ କେବେହେଲେ ଫୁଲ ଚାରାଟିଏ ରୋପଣ କରି ନ ଥିବା ବାବୁଙ୍କର ଗଛ ଲଗାଉଥିବା ଛବି, କୃଷି ସମ୍ପର୍କରେ ବିନ୍ଦୁବିସର୍ଗ ଧାନ ଧାରଣା ନ ଥିବା ବାବୁ କୃଷିମନ୍ତ୍ରୀ ବନିଗଲା ପରେ ଅକ୍ଷୟତୃତୀୟାରେ ଲଙ୍ଗଳ କରୁଥିବା ଫଟୋ ଜନସାଧାରଣଙ୍କ ମନରେ କେଉଁ ପ୍ରକାର ପ୍ରଭାବ ପକାଉଥିବ ତା' ପ୍ରତି ଆଦୌ ଭ୍ରୂକ୍ଷେପ ନ କରି ଫଟୋ ଉଠାଇବା ପାଗଳାମିରେ ଲିପ୍ତ ସମସ୍ତେ। ଆଉ କିଛି ଫଟୋଚିତ୍ରରେ ଭିକାରୁଣୀକୁ କମ୍ବଳ ବଣ୍ଟନ, ରୋଗୀକୁ ଫଳ ବଣ୍ଟନ କରି ଦାତା ନିଜେ ଆତ୍ମସନ୍ତୋଷରେ ଫାଟି ପଡୁଥିବାର ଦୃଶ୍ୟ। କିଏ ବା ମନ୍ତ୍ରୀଙ୍କ ସହିତ ଫଟୋ ଉଠାଇ ପାଖ ଲୋକ ବୋଲି ପ୍ରଚାର କରିବାରେ ବ୍ୟସ୍ତ, କିଏ ପୁଣି ମନ୍ତ୍ରୀଙ୍କଠାରୁ ମିଛ ସମ୍ବର୍ଦ୍ଧନା ନେବା ସମୟର ଛବି ତୋଳି ନିଜ ଆଲବମ୍‌ରେ ସାଇତି ରଖିବା ନିମନ୍ତେ ବ୍ୟଗ୍ର।

କେତେବେଳେ ଗରିବ କୁଡ଼ିଆରେ ଆଦିବାସୀ ଝିଅ ସହିତ ବସି ପଖାଳ ଖାଇବାର ଦୃଶ୍ୟ ପୁଣି କେଉଁଠି ଧାନ କିଆରିରେ ଧାନକଟାଳିଙ୍କଠୁ ଦାଆ ନେଇ ଧାନ କାଟୁଥିବା ଛବି ଉଠାଇ ଚର୍ଚ୍ଚାକୁ ଆସିବାର ଅଭିସନ୍ଧି ବେଶ୍ ବାରିହୋଇ ପଡୁଛି। ସହରରେ ଶୀତତାପ ନିୟନ୍ତ୍ରିତ କୋଠରିରେ ରହି ମାଆବାପାଙ୍କୁ ମନରୁ ପାସୋରି ଦେଇଥିବା ପୁଅ ସାଙ୍ଗରେ କ୍ୟାମେରାମ୍ୟାନ ଧରି ମାତୃ ଅବା ପିତୃ ଦିବସରେ ନୂଆ ଲୁଗା, ମିଷ୍ଟାନ୍ନ, ଫଳ ଧରି ହାଜର ହେବା ଏବଂ ମାତାପିତାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରୁଥିବା ଫଟୋ ଗଣମାଧ୍ୟମରେ ପ୍ରକାଶ କରିବା ପ୍ରଚାରସର୍ବସ୍ୱ ମନୋବୃତ୍ତିର ବୋଧହୁଏ ଶ୍ରେଷ୍ଠ ଉଦାହରଣ।

ଏଠାରେ ଘାସ କାଟିବାଠାରୁ ଘୋଡ଼ା ଚଢ଼ିବା ଯାଏ ସବୁଥିରେ ରାଜନୀତି । ନୀତି ଶ୍ରେଷ୍ଠ ରାଜନୀତି ବୋଲି କୁହାଯାଉଥିଲା ଏବଂ ସେବା ମନୋଭାବ ବହୁ ଭଲଲୋକଙ୍କୁ ରାଜନୀତି ପ୍ରତି ଆକୃଷ୍ଟ କରୁଥିଲା। ଦେଶ ଓ ଦଶର ସେବା କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆତ୍ମପ୍ରଚାରରେ ମାତି ଜନପ୍ରିୟତା ହାସଲ କରିବା ପ୍ରତି ପ୍ରଲୁବ୍ଧ ହେବା ବହୁ କମ୍ ଲୋକ ଏହି କ୍ଷେତ୍ରରେ ଦେଖାଯାଉଥିଲେ । ସମୟ ବଦଳିବା ସହିତ ରାଜନୀତିର ଚରିତ୍ର ବଦଳି ଯାଇଛି। ସେବା ଅପେକ୍ଷା ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଉଛି। ଫଳରେ ପ୍ରଚାର ପ୍ରସାର ମାଧ୍ୟମରେ ପ୍ରତିଷ୍ଠିତ ହେବାର ରେସ୍‌ରେ ସମସ୍ତେ। ଏଣୁ ଆନ୍ତରିକତା ଥାଉ ବା ନ ଥାଉ ବିଭିନ୍ନ ଜନହିତକର କାର୍ଯ୍ୟରେ ସାମିଲ ହୋଇ ଫଟୋ ଉଠାଇବା ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ ଚାଲିଛି।

ଇଏ ତ ପ୍ରତିଷ୍ଠା ଲାଭ ପାଇଁ ଛବି ତୋଳିବାର ନିଶାରେ ମତୁଆଲା ହେଉଥିବା ଲୋକଙ୍କ କଥା। ଆମ ଯୁବ ଗୋଷ୍ଠୀଙ୍କୁ ଏହି ନିଶାଟା କମ୍ ଧରିନାହିଁ। ସ୍ଥାନ କାଳ ପାତ୍ର ଭୁଲି କେତେକ ଯୁବତୀଯୁବକ ଫଟୋ ଉଠାଇବାରେ ଏମିତି ନିଜକୁ ନିମଜ୍ଜିତ କରି ଦେଉଛନ୍ତି ଯେ ଅଜାଣତରେ ମହା ବିପତ୍ତିକୁ ଟାଣି ଆଣୁଛନ୍ତି। ଚଳନ୍ତା ଟ୍ରେନରେ ଫଟୋ ଉଠାଇବା ବେଳେ ତଳକୁ ଖସିପଡ଼ିବା, ନୌକାରେ ଥାଇ ସେଲ୍‌ଫି ନେବା ସମୟରେ ନଦୀ ଗର୍ଭରେ ପଡ଼ିଯିବା, ପାହାଡ଼ ତଳକୁ ପଡ଼ିଯିବା, ସମୁଦ୍ରର ଉତ୍ତାଳ ଜୁଆରରେ ଭାସିଯାଇ ପ୍ରାଣ ହରାଇବାର ଖବର ପ୍ରତିଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି।

ଉପର ମହଲାରୁ ତଳ ମହଲା, ସରକାରଠାରୁ ସଂଗଠନ, ପୌଢ଼ରୁ ପ୍ରବୀଣ, ମନ୍ତ୍ରୀ ଠାରୁ ତନ୍ତ୍ରୀ, ସାଧୁରୁ ସନ୍ଥ ସଭିଙ୍କ ଭିତରେ ଥିବା ଏହି ଅଦ୍ଭୁତ ନିଶାକୁ ଦେଖିଲା ପରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କଥା ମନେ ପଡ଼ିଯାଉଛି। ରୋଗୀର ସେବା ଶୁଶ୍ରୂଷା କରିବା ଜୀବନର ପରମ ଧର୍ମ ବୋଲି ଯାହାଙ୍କର ବିଚାରବୋଧ ଥିଲା, ବନ୍ୟା ପ୍ରପୀଡ଼ିତଙ୍କୁ ଚୁଡ଼ା ଚାଉଳ ବାଣ୍ଟିବାକୁ ଯାଇ ଯିଏ ନିଜର ଏକମାତ୍ର ପୁଅକୁ ଚିରଦିନ ପାଇଁ ହରାଇ ଥିଲେ ସେ କେବେ ଆତ୍ମ ପ୍ରଚାରର ଦୌଡ଼ରେ ସାମିଲ ନ ଥିଲେ। ଏପରି କି ୧୯୨୮ରେ ଯେତେବେଳେ ପଞ୍ଜାବ କେଶରୀ ଲାଲା ଲଜପତ ରାୟ ତାଙ୍କ ସମ୍ପାଦନାରେ ପରକା ପାଉଥିବା 'ଅସୁଖୀ ଭାରତ' ପତ୍ରିକାରେ ପ୍ରକାଶ କରିବା ନିମିତ୍ତ ଗୋପବନ୍ଧୁଙ୍କୁ ଏକ ଫଟୋ ମାଗନ୍ତେ ଦାସେ ଆପଣେ ଫଟୋଟିଏ ଦେଇ ପାରି ନ ଥିଲେ।

ଏହା ହିଁ ହେଉଛି ଆତ୍ମପ୍ରଚାର ବିବର୍ଜିତ ତ୍ୟାଗପୂତ ଜୀବନ। ଫଟୋର ଆବଶ୍ୟକତା ପଡ଼ିନି ତାଙ୍କର ମାନବବାଦର ପରିଚୟ ପାଇବା ପାଇଁ। ମୃତ୍ୟୁ ତାଙ୍କୁ ମାରିପାରିନି। ଚଦର ଘୋଡ଼େଇ ଥିବା ସେହି ଲୋକଟିର ଫଟୋ ଏବେ ବି ଘରେଘରେ ଟଙ୍ଗାହୋଇ ନିଇତି ପୂଜା ପାଉଛି। ସେମିତି ଛବିର କିବା ପ୍ରୟୋଜନ, ଯାହାକୁ ଦେଖିବା ପରେ ଲୋକଙ୍କର ହାତ ଦୁଇଟି ଆପଣାଛାଏଁ ଯୋଡ଼ିହୋଇ ନ ଗଲା? ଏଣୁ କ୍ୟାମେରାର ପରଦାରେ ଆଭାସୀ ପ୍ରତିବିମ୍ବ ହେବାର ପ୍ରତିଯୋଗିତାରୁ ନିଜକୁ ମୁକ୍ତ କରି ଲୋକଙ୍କ ହୃଦୟ କନ୍ଦରରେ ଅମ୍ଳାନ ଛବିଟିଏ ହୋଇ ରହିବା ପାଇଁ ଉଦ୍ୟମ କଲେ ଛବି ତୋଳିବା ଲୋଡ଼ା ହେବ ନାହିଁ।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା, ମୋ:୭୦୦୮୦୭୩୫୯୯**

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 3 | | | 1 | |
| | | | 8 | | 5 | | | 2 |
| 9 | | 7 | | | | | | |
| 3 | 5 | | | | | | | |
| 2 | | 9 | | | 1 | 3 | | |
| | | | | | | 4 | | |
| 1 | | | | | | | 5 | |
| | 6 | 8 | 9 | | | | | 1 |
| | | | 4 | | 6 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 7 | 1 | 5 | 2 | 4 | 6 | 3 |
| 4 | 6 | 2 | 7 | 8 | 3 | 5 | 9 | 1 |
| 5 | 3 | 1 | 9 | 6 | 4 | 2 | 7 | 8 |
| 7 | 4 | 3 | 5 | 9 | 8 | 6 | 1 | 2 |
| 2 | 8 | 9 | 4 | 1 | 6 | 7 | 3 | 5 |
| 6 | 1 | 5 | 2 | 3 | 7 | 8 | 4 | 9 |
| 1 | 2 | 6 | 3 | 7 | 5 | 9 | 8 | 4 |
| 9 | 5 | 8 | 6 | 4 | 1 | 3 | 2 | 7 |
| 3 | 7 | 4 | 8 | 2 | 9 | 1 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରରେ ଲୋକମାନେ ସର୍ବଶକ୍ତିମାନ୍

ମହାଶୟ,

ଦୀର୍ଘଦିନ ପେଟ୍ରୋଲ, ଡିଜେଲ ଓ ଖାଇବା ତେଲ ଦର ଅବିଶ୍ରାନ୍ତ ଓ ଅବିଚାରିତ ଭାବେ ବୃଦ୍ଧି ପାଇବା ପରେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଓ ଡିଜେଲ ଲିଟର ପିଛା ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ରାଜ୍ୟ ସରକାରମାନେ ମଧ୍ୟ ଭାଟ୍ କିଛି ମାତ୍ରାରେ ହ୍ରାସ କରିଛନ୍ତି। ଏହାଛଡ଼ା କେନ୍ଦ୍ର ସରକାର ଖାଇବା ତେଲ ଉପରେ ମଧ୍ୟ ଶୁଳ୍କ ହ୍ରାସ କରିଛନ୍ତି। ଦୀର୍ଘଦିନ ଧରି ଦରଦାମ ବୃଦ୍ଧି ଯୋଗୁ ଜନସାଧାରଣ ହନ୍ତସନ୍ତ ହେବା ପରେ ଏବେ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି। ମାତ୍ର ଏହା ଯଥେଷ୍ଟ ନୁହେଁ। ଦର ଆହୁରି ହ୍ରାସ ପାଇବା ଉଚିତ। ଏବେ ସାଧାରଣରେ ଆଲୋଚନା ହେଉଛି ଯେ, ସମ୍ପ୍ରତି ଅନୁଷ୍ଠିତ ଉପନିର୍ବାଚନରେ ଦରଦାମ ବୃଦ୍ଧିଜନିତ ତୀବ୍ର ଜନଅସନ୍ତୋଷ ଯୋଗୁ ଶାସକ ଦଳ ହିମାଚଳପ୍ରଦେଶ, ପଶ୍ଚିମବଙ୍ଗ, କର୍ଣାଟକ ଓ ରାଜସ୍ଥାନରେ ପରାଜିତ ହେବା ପରେ କେନ୍ଦ୍ର ସରକାର ବାଧ୍ୟ ହୋଇ ଭୋଟରଙ୍କ ମତାମତକୁ ସମ୍ମାନ ଦେଇ ଏଭଳି ପଦକ୍ଷେପ ନେଇଛନ୍ତି। ଏଥିରୁ ସ୍ପଷ୍ଟ ହୋଇଯାଇଛି ଯେ, ଗଣତନ୍ତ୍ରରେ ଲୋକମାନେ ହିଁ ସର୍ବଶକ୍ତିମାନ୍।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଦୁନିଆ ଭିତରେ ତୁମେଟି ଚାଲିବା ଜାଣ
ସେ ଯେଉଁ ଆଘାତେ ଥରି ଉଠେ ତବ ପ୍ରାଣ,
ବାଜେ ନାହିଁ ସେ ତ ପଶୁପକ୍ଷୀ ତରୁପରେ
ବାଜି ଉଠେ ଯାହା ମଣିଷ କୁଡିଆ ଘରେ।
–(ତୁମେଟି ଚାଲିବା ଜାଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨୯ରେ ଲଘୁଚାପ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ): ଦକ୍ଷିଣ ଆଣ୍ଡାମାନ ସାଗରରେ ଆଉ ଏକ ଲଘୁଚାପ ଦାନ ବାନ୍ଧୁଛି। ଆସନ୍ତା ୨୯ ତାରିଖ ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓଡିଶାରେ ଆକାଶ ମେଘଛନ୍ନ ରହିବା ସହ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ଆକାଶ ମେଘାଚ୍ଛନ୍ନ ରହୁଥିବାରୁ ରାଜ୍ୟରେ ଶୀତ ଏକ ପ୍ରକାର ଗାଏବ ହୋଇଯାଇଛି। ସର୍ବନିମ୍ନ ତାପମାତ୍ରା ୧୫ରୁ ୨୫ ଡିଗ୍ରୀ ମଧ୍ୟରେ ରହୁଛି। ଆସନ୍ତା ଡିସେମ୍ବର ପହିଲା ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଅନୁମାନ କରାଯାଇଛି।

### ଏମ୍ଏମ୍ସିସି ଟିମ୍ ଚାମ୍ପିୟନ

**ମା' ହିଙ୍ଗୁଳା କପ୍ କ୍ରିକେଟ ଟୁର୍ନାମେଣ୍ଟ**

କଳିଙ୍ଗନଗର,୨୫।୧୧(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳ ଅଧୀନ ଯଖପୁରା ଖେଳ ପଡ଼ିଆରେ ଚମା ହିଙ୍ଗୁଳା କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ମ୍ୟାଚ ଏମ୍ଏମ୍ସିସି, ଦାନିଆବର ଏବଂ ଆର୍ସିସି ୱାରିୟର୍ସ, ରାଂସୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍ଏମ୍ସିସି ୪୯ ରନରେ ଆରସିସି ୱାରିୟର୍ସକୁ ହରାଇ ଚାମ୍ପିୟନ ହୋଇଛି। ଏମ୍ଏମ୍ସିସି କ୍ରିକେଟ ଦଳର ଅଧିନାୟକ ରୁଦ୍ର ନାରାୟଣ ଦାସ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳର ପ୍ରାରମ୍ଭିକ ବ୍ୟାଟସ ମ୍ୟାନ ପ୍ରଦୀପ କୁମାର ରାଉତଙ୍କ ବ୍ୟକ୍ତିଗତ ୯୬ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ଏମ୍ଏମ୍ସିସି ୨୦୯ ରନ କରିଥିଲା। ଜବାବରେ ଆର୍ସିସି ୱାରିୟର୍ସ ୮ ଉଇକେଟରେ ୧୬୦ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ସନ୍ଦୀପ ପରିଡା ୪୭ ରନ କରିଥିଲେ। ଏମ୍ଏମ୍ସିସି ଦଳର ସନ୍ତୋଷ ସେଠୀ ଦୁଇ ଓଭରରେ ୧୪ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌କୁ ରମେଶ ମହାରଣା, ଦୁର୍ଗା ପ୍ରସାଦ ପଟ୍ଟନାୟକ, ମକରଧ୍ୱଜ ଦାସ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସୁକିନ୍ଦା ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦାନଗଦି ବ୍ଲକ ବିଜେଡି ସଭାପତି ଦିଲୀପ ନାୟକ, ବିଜେଡି ନେତା ତ୍ରିଲୋଚନ ଧଳ, ସନ୍ଦୀପ ବରୁଣ ଜେନା, ଶରତ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦୀପ କୁମାର ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଜିତେନ୍ଦ୍ର ଜେନାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍, ସନ୍ତୋଷ ସେଠୀଙ୍କୁ ବେଷ୍ଟ ବୋଲର, ରୁଦ୍ର ନାରାୟଣ ଦାସଙ୍କୁ ବେଷ୍ଟ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ମାଣତିରା ଏବଂ ଯଖପୁରା ପଞ୍ଚାୟତର ବହୁ ଭେଟେରାନ୍ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଆଜି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ଜଟଣୀ,୨୫।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ୯ମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମାବର୍ତ୍ତନ ସମାରୋହରେ ଭାରତରେ ଥିବା ଅଷ୍ଟ୍ରେଲିଆ ହାଇକମିଶନର ବ୍ୟାରି ଓ ଫ୍ୟାରେଲ ଏଓ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରିଦର୍ଶକ ରୂପେ ଯୋଗଦେଇ ସମାବର୍ତ୍ତନ ଉତ୍ସବକୁ ଅଧକ୍ଷତା କରିବେ।



ଜୁନିୟର ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ କାନାଡ଼ା ବିପକ୍ଷ ମ୍ୟାଚ୍‌ରେ ବିଜୟ ହାସଲ ପରେ ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି।

# ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିବ ଅଙ୍ଗନୱାଡ଼ି କେନ୍ଦ୍ର

**ଜିଲାପାଳଙ୍କୁ ଦୁଇ ସଚିବଙ୍କ ଚିଠି**

- ବନ୍ଦ ସ୍କୁଲର କୋଠା ବି ବ୍ୟବହାର କରିହେବ
- ସହଯୋଗ କରିବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା ହେବ। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଛି। ଏନେଇ ଗୁରୁବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଅନୁ ଗର୍ଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ମିଳିତ ଭାବେ ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲେଖ ରହିଛି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ାଘରେ ଅଥବା କମ୍ୟୁନିଟି ସେଣ୍ଟରରେ ପରିଚାଳିତ ହେଉଛି। ତେଣୁ ଏଭଳି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ପାଇଁ ଯଥା ସମ୍ଭବ ସରକାରୀ ବିଦ୍ୟାଳୟ ପରିସରରେ କୋଠା ନିର୍ମାଣ କରାଯାଉ। ଏଥିପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଥାସମ୍ଭବ ସହଯୋଗ କରିବେ। ଅନ୍ୟପକ୍ଷରେ, କମ୍ ପିଲା ଥିବାରୁ ରାଜ୍ୟର ଅଧିକାଂଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ଅନ୍ୟ ବିଦ୍ୟାଳୟ ସହିତ ମିଶି ଯିବା ଫଳରେ ଅନେକ ସ୍କୁଲ ବନ୍ଦ ହୋଇଯାଇଛି। କିନ୍ତୁ ସେହି କୋଠାଗୁଡ଼ିକ ମଜବୁତ ସ୍ଥିତିରେ ଅଛି। ସେଠାରେ ପାନୀୟ ଜଳ, ଶୌଚାଳୟ ଓ ରୋଷେଇ ଘର ବ୍ୟବସ୍ଥା ରହିଛି। ତେଣୁ ଏଭଳି କୋଠାରେ ଅଙ୍ଗନୱାଡ଼ି ପରିଚାଳିତ ହେବାରେ କୌଣସି ଅସୁବିଧା ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସେହିପରି ସରକାରୀ ସ୍କୁଲ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର କରିବା ପାଇଁ ସରକାରଙ୍କ ପଲିସି ରହିଛି। ତେଣୁ ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀ, ଏସ୍ଏମ୍ସି, ପ୍ରଧାନଶିକ୍ଷକ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆବଶ୍ୟକ ନାହିଁ। ଯଦି କୌଣସି ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ା ଘରରେ ଚାଲିଛି ଏବଂ ସେହି ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ କ୍ଲାସ୍‌ରୁମ୍ ରହିଛି, ତେବେ ନୂତନ ବିଲ୍ଡିଂ ନିର୍ମାଣ ନ ହେବା ପର୍ଯ୍ୟନ୍ତ ସେହି ଅତିରିକ୍ତ କ୍ଲାସ୍‌ରୁମ୍‌ରେ ଅଙ୍ଗୱାଡ଼ି କେନ୍ଦ୍ର ଚାଲିବା ପାଇଁ ଅନୁମତି ଦିଆଯାଇପାରିବ। କିନ୍ତୁ କୌଣସି ପରିସ୍ଥିତିରେ ବି ସ୍କୁଲ ବାରଣ୍ଡାରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

# ଅଭିଯୁକ୍ତ ଅଡିଟରଙ୍କୁ ୧୦ ବର୍ଷ ଜେଲ

**ଚାକିରି ଦେବା ନାଁରେ ଛାତ୍ରୀଙ୍କୁ ବଳାତ୍କାର ଘଟଣା**

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଚାକିରି ଦେବାକୁ କହି ଭୁବନେଶ୍ୱରରେ କେନ୍ଦ୍ରାପଡ଼ାର ଜଣେ ଛାତ୍ରୀଙ୍କୁ ବଳାତ୍କାର ମାମଲାର ବିଚାର କରି ଗୁରୁବାର ଖୋର୍ଦ୍ଧା ଜିଲା ଅତିରିକ୍ତ ଦୌରାଜଜ୍ ମିନାକ୍ଷୀ ଦାସ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କରାଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ୧ ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଏଜି କାର୍ଯ୍ୟାଳୟର ବରିଷ୍ଠ ଅଡିଟର ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ବେଣୁପୁର ଗ୍ରାମର ସୌମେନ୍ଦ୍ର ନାରାୟଣ ଦାସ(୫୦)। ୮ଜଣଙ୍କ ସାକ୍ଷୀ ଓ ୨୩ ଦସ୍ତାବିଜ ଆଧାରରେ ଅତିରିକ୍ତ ଜିଲା ଦୌରାଜଜ୍ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ସୁରେଶ କୁମାର ବାରିକ ଓ ଅଭିଯୁକ୍ତଙ୍କ ପକ୍ଷରୁ ପି.କେ. ମହାନ୍ତି ପରିଚାଳନା କରିଥିଲେ।

# ମଞ୍ଚା କରି ରାତିରେ ଫସଲ ଜଗୁଛନ୍ତି ଚାଷୀ



ଚାଷ ଜମିରେ ବାର୍ହା ଉପଦ୍ରବରୁ ଫସଲ ଜଗିବାକୁ ଚାଷୀ ମଞ୍ଚା ବାନ୍ଧିଛନ୍ତି।

- ଧାନ ଫସଲ ନଷ୍ଟ କରୁଛନ୍ତି ଜଙ୍ଗଲୀ ବାର୍ହା
- ନିଆଁ ହୁଳା, ବାଣ ଫୁଟାଇ, ବାଜା ବଜାଇ ଘଉଡାଉଛନ୍ତି
- ସୁରକ୍ଷା ପାଇଁ ବନ ବିଭାଗ କର୍ମଚାରୀ ଦୃଷ୍ଟି ଦେବାକୁ ଦାବି

ମହାକାଳପଡ଼ା,୨୫।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଜଙ୍ଗଲି ବାର୍ହା ଉପଦ୍ରବ ଦେଖାଦେଇଛି। ବାର୍ହାମାନେ ଚାଷୀମାନଙ୍କ ଆଖିରୁ ନିଦ ହଜାଇ ଦେଇଛନ୍ତି। ପାଚିଲା ଧାନ ଫସଲ ଖାଇବାକୁ ବାର୍ହା ଗାଁ ମୁହାଁ ହେଉଛନ୍ତି ବୋଲି ଚାଷୀମାନେ କହିଛନ୍ତି। ସ୍ଥାନୀୟ ଚାଷୀ ବର୍ଷକର ଧାନ ଫସଲ ସୁରକ୍ଷା ପାଇଁ ଚାଷ ଜମିରେ ବାଉଁଶ, ପଲିଥିନରେ ମଞ୍ଚା ନିର୍ମାଣ କରି ରାତି ସାରା ଉଜାଗର ରହି ଜଗିବାକୁ ପଡୁଛି। ବାର୍ହା ଉପଦ୍ରବ ଯୋଗୁଁ ଧାନ ଫସଲ ନଷ୍ଟ ହେଉଛି। ଫସଲ ଖାଇବା ସହ ଅଧିକ ଧାନ ଦଳି ନଷ୍ଟ କରୁଥିବା ଅଭିଯୋଗ ହେଉଛି। ରାତିରେ ଚାଷୀମାନେ ନିଆଁ ହୁଳା, ବାଣ ଫୁଟାଇବା ଓ ଟିଣ ବଜାଇ ବାର୍ହାକୁ ଘଉଡ଼ାଇବାକୁ ପଡୁଛି। ବନ ବିଭାଗ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବ୍ଲକର ଜମ୍ବୁ ପଞ୍ଚାୟତର ୧୪ ଓ ୧୫ ନଂ. ୱାର୍ଡ଼ର ନିକଟ ଝାଉଁ ଓ ଲୁଣା ଜଙ୍ଗଲ ସଂଲଗ୍ନ ଭୂତବେଲାରି ନିକଟ ଚାଷ ଜମିରେ। ବାର୍ହାଙ୍କ କବଳରୁ ଧାନ ଫସଲକୁ ନଷ୍ଟ ହେବାରୁ ରକ୍ଷା ପାଇଁ ଚାଷୀମାନେ ମଞ୍ଚା ବାନ୍ଧିଛନ୍ତି। ନନି ମଣ୍ଡଳ, ବିଭୀଷଣ ସିକଦାର, ରାଜୁ ଆଗୁଆନଙ୍କ ସମେତ ବହୁ ଚାଷୀ ଏହି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜମ୍ବୁ ବନ ବିଭାଗ ରେଞ୍ଜର ସାହଜୀ ଚରଣ ବିଶ୍ୱାଳଙ୍କୁ ପଚାରିବାରେ ଚାଷୀଙ୍କ ସମସ୍ୟାକୁ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଲକ୍ଷେ ଲୋକଙ୍କ ପାଇଁ ୫ ଡାକ୍ତର

- ନାହିଁ ଇଏସ୍ଆଇ ମେଡିକାଲ, ବଢୁଛି ଶ୍ରମିକ ଅଶାନ୍ତି
- ଗ୍ରାମାଞ୍ଚଳରେ ବଢୁଛି କ୍ୱାକ୍‌ଙ୍କ ପ୍ରଭାବ

କେନ୍ଦ୍ରାପଡ଼ା ଅଫିସ,୨୫।୧୧

ରାଜ୍ୟ ସରକାର ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ପାଇଁ ନୂଆ ଡାକ୍ତରଙ୍କ ପୋଷ୍ଟିଂ ଘୋଷଣା କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଦେଖିଲେ କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ୨୦୧୧ ଜନଗଣନା ଅନୁଯାୟୀ, ଜିଲାର ଲୋକସଂଖ୍ୟା ସାଢ଼େ ୧୪ ଲକ୍ଷ ଥିଲା। ଏବେ ସେହି ସଂଖ୍ୟା ୧୬ ଲକ୍ଷ ଟପିଛି। ଲକ୍ଷେ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଅନ୍ୟୂନ ୫୦ଜଣ ଡାକ୍ତରଙ୍କ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୫ ଜଣ। ସେହିପରି ଜିଲାରେ ଏମ୍ପ୍ଲୟିଜ ଷ୍ଟେଟ ଇନ୍ସୁରାନ୍ସ (ଇଏସ୍ଆଇ) ମେଡିକାଲ ନ ଥିବାରୁ ଉଚ୍ଚ ସ୍ୱାସ୍ଥ୍ୟସେବାରୁ ଶ୍ରମିକମାନେ ବଞ୍ଚିତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସ୍ଥାନୀୟ କ୍ୱାକ୍‌ଙ୍କୁ ରୋଜଗାର କରିବାର ସୁଯୋଗ ଦେଉଥିବା ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ଦେବାଶିଷ ସାମଲ କୁହନ୍ତି, ଗତ ୨୦ ବର୍ଷ ମଧ୍ୟରେ ଗମନାଗମନ ବ୍ୟବସ୍ଥାକୁ ଉନ୍ନତ କରାଯାଇଥିବା ଉଲ୍ଲେଖ କରାଯାଉଛି। ତେବେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳର ୬୪୭ ଗ୍ରାମକୁ ବର୍ଷାଦିନେ ସିଧାସଳଖ ଯିବା ସମ୍ଭବ ନୁହେଁ। ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ୧୦୮ ଓ ୧୦୨ ବୋଟ୍ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଥିଲେ ବି ଦୁର୍ଗମ ରାସ୍ତା ଏଥିରେ ବାଧକ ସାଜିଛି। ସେହିପରି ତୃଣମୂଳସ୍ତରର ସ୍ୱାସ୍ଥ୍ୟସେବା ପାଇଁ ଜିଲାରେ ୨୨୬ ସବ୍‌ସେଣ୍ଟର ଅଛି। ସେଥିରୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ସବ୍‌ସେଣ୍ଟରରେ ଏଏନ୍ଏମ୍‌ଙ୍କ ପୋଷ୍ଟିଂ ନାହିଁ। ଜିଲାର ସ୍ୱାସ୍ଥ୍ୟସେବା ପାଇଁ ୧୭୧ଟି ପଦବୀ ସୃଷ୍ଟି ହୋଇଥିଲେ ମଧ୍ୟ ୯୨ଜଣ ଡାକ୍ତରଙ୍କ ପୋଷ୍ଟିଂ ହୋଇନାହିଁ। ବିଶେଷକରି ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, କରୋନା ସଂକ୍ରମଣ ପରେ ଜିଲା ସ୍ୱାସ୍ଥ୍ୟସେବା ଏକ ପ୍ରକାର ଅଚଳ ହୋଇଯାଇଛି। ଅଧିକାଂଶ ରୋଗୀଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଉଛି। ଆଇସିୟୁ ପରି ଜରୁରିକାଳୀନ କୋଠରି ବ୍ୟବସ୍ଥା ଏଠାରେ ନାହିଁ। ସେହିପରି ଏହି ଜିଲାର ସରକାରୀ କର୍ମଚାରୀଙ୍କ ସହିତ କେତେକ ସମବାୟ ଅନୁଷ୍ଠାନ, ନର୍ସିଂହୋମ, ବେସରକାରୀ କର୍ମଚାରୀଙ୍କୁ ଇଏସ୍ଆଇରେ ସାମିଲ କରାଯାଇଛି। ସରକାରୀ ନିୟମ ଅନୁଯାୟୀ, କର୍ମଚାରୀଙ୍କ ଦରମାରୁ ୦.୭୫ ପ୍ରତିଶତ ଅର୍ଥ ସହ ନିଯୁକ୍ତିଦାତାଙ୍କ ପକ୍ଷରୁ ୩.୨୫ ପ୍ରତିଶତ ଅର୍ଥ ଇଏସ୍ଆଇ ପାଇଁ ପଇଠ ହେଉଛି। ଏହାସତ୍ତ୍ୱେ ଜିଲାରେ ଶ୍ରମିକଙ୍କ ପାଇଁ ହସ୍ପିଟାଲ ନ ଥିବାରୁ ଏହାର ଫାଇଦା ମିଳୁନାହିଁ। ସାଧାରଣ ଚିକିତ୍ସା କେନ୍ଦ୍ରରୁ ରେଫର ହେଉଥିବା ଶ୍ରମିକଙ୍କୁ ଉନ୍ନତ ସେବା ମିଳୁ ନ ଥିବାରୁ ତାହା ଏକ ଠକେଇ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ଗର୍ଭବତୀ ଓ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀ ଉପାନ୍ତ ଅଞ୍ଚଳରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ସବୁଦିନ ପାଇଁ ଆଖି ବୁଜୁଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଡାକ୍ତର ନ ଥିବାରୁ ବହୁ ରୋଗୀ ବାଧ୍ୟ ହୋଇ କ୍ୱାକ୍‌ଙ୍କ ସହଯୋଗ ଲୋଡୁଛନ୍ତି। ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ କ୍ୱାକ୍ ଏଲୋପାଥିକ ମେଡିସିନ ଦୋକାନ ଖୋଲିଥିବା ସାମାଜିକ କର୍ମୀ ଗନ୍ତାୟତ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ନିକଟରେ ଜିଲାରେ କେତେଜଣ ନୂତନ ଡାକ୍ତରଙ୍କ ପୋଷ୍ଟିଂ ହୋଇଛି। ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ନିର୍ଭର କରାଯାଉଛି। ବିଭିନ୍ନ ପଦବୀ ପୂରଣ ପାଇଁ ପ୍ରତିମାସରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇ ଅବଗତ କରାଯାଉଛି।

# ଡାଇବେଟିସ୍ ରୋଗ ପ୍ରତିରୋଧ ଅଭିଯାନ

ଯାଜପୁର ଅଫିସ,୨୫।୧୧

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ସୁକିନ୍ଦା ଅଞ୍ଚଳରେ ଡାଇବେଟିସ୍ ଥିବା ଲୋକମାନଙ୍କ ମଧ୍ୟରେ ଆବଶ୍ୟକ ଜ୍ଞାନ, କୌଶଳ ଓ ଦକ୍ଷତା ପାଇଁ ଅଭିଯାନ ହାତକୁ ନିଆଯାଇଛି। ଡାଇବେଟିସ୍‌ର ପ୍ରତିରୋଧ ଓ ପରିଚାଳନାକୁ ଗୁରୁତ୍ୱର ବିଷୟ ଭାବେ ଗ୍ରହଣ କରାଯାଇଛି। ଗୁରୁବାର ଏହି ଅଭିଯାନରେ କଂସା ପଞ୍ଚାୟତ ଅଞ୍ଚଳର ୪ ଗ୍ରାମରେ ଡାଇବେଟିସ୍ କାଉନ୍‌ସେଲିଂ ଓ ସ୍କ୍ରିନିଂ ଅଧିବେଶନ ଆୟୋଜନ କରାଯାଇଥିଲା। ସ୍କ୍ରିନିଂ କରାଯାଇଥିବା ୨୨୭ ଜଣ ଲୋକଙ୍କ ମଧ୍ୟରୁ ରକ୍ତ ଶର୍କରା ପରୀକ୍ଷା ଓ ଅତୀତର ମେଡିକାଲ୍ ଇତିହାସ ଓ ସଂପ୍ରତି କ୍ଲିନିକାଲ୍ ସୁବିଧା ଅନୁସାରେ ୨୮ ଜଣଙ୍କ ମଧ୍ୟରେ ଡାଇବେଟିସ୍ ଚିହ୍ନଟ ହୋଇଥିଲା। କାଉନ୍‌ସେଲିଂ କରାଯିବା ସହ ଆସନ୍ତା ୩ ମାସ ପାଇଁ ଔଷଧ ଦିଆଯାଇଥିବା ବେଳେ ଏହା ପରେ ଦ୍ୱିତୀୟ ପର୍ଯ୍ୟାୟ ଚେକଅପ୍ ହେବ ବୋଲି ସୂଚନା ଦିଆଯାଇଥିଲା। ଏହାସହ କାଉନ୍‌ସେଲିଂ ବେଳେ ପ୍ରାକ୍-ଡାଇବେଟିସ୍ ଅବସ୍ଥାରେ ଥିବା ୬୭ ଜଣ ରୋଗୀଙ୍କୁ ମେଡିକାଲ୍ ବିଶେଷଜ୍ଞମାନେ ସୁସ୍ଥକର ଜୀବନଯାପନ କରିବା ଲାଗି ପରାମର୍ଶ ଦେଇଥିଲେ। ଏଭଳି ଭାବେ ଉକ୍ତ ଅଞ୍ଚଳର ୮୦୦ ଲୋକଙ୍କ ନିକଟରେ ପହଞ୍ଚିବାକୁ ପାଉଣ୍ଡେସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

# ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ୮ ଲକ୍ଷ ଆୟସୀମାର ସମୀକ୍ଷା ହେବ

**ଏନ୍ଇଇଟି-ପିଜି ନାମଲେଖା**

- ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର
- କାଉନସେଲିଂ ୪ ସପ୍ତାହ ସ୍ଥଗିତ

ନୂଆଦିଲ୍ଲୀ, ୨୫।୧୧

ଏନ୍ଇଇଟି ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ସଂରକ୍ଷଣ ଲାଗି ରହିଥିବା ବାର୍ଷିକ ଆୟ ସୀମାର ପୁନର୍ବିଚାର କରାଯିବ ବୋଲି କେନ୍ଦ୍ର ସରକାର ଗୁରୁବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ଏହି ଆୟସୀମା ୮ ଲକ୍ଷ ଟଙ୍କା ରହିଛି। ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ମାନଦଣ୍ଡ ସ୍ଥିର କରିବା ଲାଗି ଏକ କମିଟି ଗଠନ କରାଯିବ ଓ ଏଥିପାଇଁ ୪ ସପ୍ତାହ ସମୟ ଲାଗିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ସୂର୍ଯ୍ୟ କାନ୍ତ ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଫଳରେ ଏନ୍ଇଇଟି ପିଜି କାଉନସେଲିଂକୁ ଆଉ ୪ ସପ୍ତାହ ସ୍ଥଗିତ ରଖିବାକୁ ପଡ଼ିବ ବୋଲି ସେ କହିଥିଲେ।

ଚଳିତ ଶିକ୍ଷାବର୍ଷରେ ଏନ୍ଇଇଟି ପିଜି ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଲାଗି ଜୁଲାଇ ୨୯ରେ ପ୍ରକାଶିତ ବିଜ୍ଞପ୍ତିରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ୨୭% ଏବଂ ଇଡବ୍ଲ୍ୟୁଏସ୍ ବର୍ଗଙ୍କ ନିମନ୍ତେ ୧୦% ସ୍ଥାନ ସଂରକ୍ଷଣ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି କେତେଜଣ ଛାତ୍ର କେନ୍ଦ୍ର ସରକାର ଓ ମେଡିକାଲ କାଉନସେଲିଂ କମିଟି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇଡବ୍ଲ୍ୟୁଏସ୍ କୋଟା ଏକ ଉନ୍ନତମାନର ସଂରକ୍ଷଣ ଏବଂ ସମସ୍ତ ରାଜ୍ୟ ଏଥିରେ କେନ୍ଦ୍ର ସରକାରଙ୍କୁ ସମର୍ଥନ କରିବା ଆବଶ୍ୟକ ବୋଲି ଜଷ୍ଟିସ୍ କାନ୍ତ କହିଥିଲେ। ଇଡବ୍ଲ୍ୟୁଏସ୍ ବର୍ଗ ନିର୍ଦ୍ଧାରଣ ବିଜ୍ଞାନସମ୍ମତ ଉପାୟରେ ହେବା ଆବଶ୍ୟକ। ଧାର୍ଯ୍ୟ ଆୟସୀମାର ପୁନର୍ବିଚାର କରିବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିବାରୁ ଖଣ୍ଡପୀଠ ଏହାର ପ୍ରଶଂସା କରିଛନ୍ତି। ନାମଲେଖା ସମୟ ବିଳମ୍ବ ହେଉଥିବାରୁ ସରକାର ଇଡବ୍ଲ୍ୟୁଏସ୍ କୋଟାକୁ ଆସନ୍ତା ଶିକ୍ଷାବର୍ଷରୁ ଲାଗୁ କରିବା ଲାଗି ଆବେଦନକାରୀ ଛାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦତାର ଅନୁରୋଧ କରିଥିଲେ। ତେବେ ସମ୍ବିଧାନର ୧୦୩ତମ ସଂଶୋଧନକୁ ଚଳିତ ଶିକ୍ଷାବର୍ଷରୁ ଲାଗୁ କରିବା ଲାଗି ସରକାର ନିଷ୍ପତ୍ତି ନେଇସାରିଥିବାରୁ ଏହାକୁ ଘୁଞ୍ଚାଇବା ଠିକ୍ ହେବନାହିଁ ବୋଲି ମେହେଟ୍ଟା କହିଥିଲେ।

# କଣ୍ଟେଣ୍ଟ ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଜରୁରୀ

## ଆଇଆଇଜିଏଫ୍-୨୦୨୧ରେ ଆଇଟି ମନ୍ତ୍ରୀଙ୍କ ମତ

ନୂଆଦିଲ୍ଲୀ,୨୫।୧୧

ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଓ ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯାଉଥିବା କଣ୍ଟେଣ୍ଟଗୁଡ଼ିକୁ ନେଇ ଉତ୍ତରଦାୟିତ୍ୱ ସ୍ପଷ୍ଟ ଭାବେ ସ୍ଥିର କରାଯିବା ଜରୁରୀ ବୋଲି ଗୁରୁବାର ସୂଚନା ଓ ପ୍ରଯୁକ୍ତି (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମତ ରଖିଛନ୍ତି।

ଇଣ୍ଡିଆ ଇଣ୍ଟରନେଟ ଗଭର୍ନାନ୍ସ ଫୋରମ୍ (ଆଇଆଇଜିଏଫ୍-୨୦୨୧)କୁ ଉଦ୍‌ଘାଟନ କରି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଗତ କିଛି ଦଶନ୍ଧି ଧରି କାରିଗରି ଓ ଇଣ୍ଟରନେଟ୍‌ରେ ପରିବର୍ତ୍ତନ ଘଟିଛି। ଏଥିଲାଗି ଇଣ୍ଟରନେଟର ଶାସନ ଢାଞ୍ଚାକୁ ନେଇ ମୌଳିକ ସମୀକ୍ଷା ଜରୁରୀ ହୋଇପଡ଼ିଛି। କଣ୍ଟେଣ୍ଟ ବା ବିଷୟବସ୍ତୁକୁ ତିଆରି ଓ ବ୍ୟବହାର ସମେତ ଇଣ୍ଟରନେଟର ଉପଯୋଗ ମଧ୍ୟ ବଦଳିଛି। ତେଣୁ ଏହି ମୌଳିକ ପରିବର୍ତ୍ତନ ସହ ଆମକୁ ଇଣ୍ଟରନେଟର ସମ୍ପୂର୍ଣ୍ଣ ଢାଞ୍ଚାଗତ ପରିଚାଳନା ନେଇ ପୁନଃ ସମୀକ୍ଷା କରିବାକୁ ପଡ଼ିବ। ଭାରତ ସର୍ବାଧିକ ଇଣ୍ଟରନେଟ ବ୍ୟବହାରକାରୀ ଦେଶ ହୋଇଥିବାରୁ ବିଶ୍ୱରେ ଏହାର ପରିଚାଳନା କ୍ଷେତ୍ରରେ ମଧ୍ୟ ଏ ପ୍ରମୁଖ ପକ୍ଷ ଭାବେ ନେତୃତ୍ୱ ନେବା ଉଚିତ। ଏହି ଅବସରରେ ଅଶ୍ୱିନୀ ଫୋରମ୍‌ରେ ସାମିଲ ହୋଇଥିବା ଲୋକଙ୍କୁ ଇଣ୍ଟରନେଟ କଣ୍ଟେଣ୍ଟ ଉପରେ ଆଲୋଚନା ଓ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଯୁଗରେ ମୋବାଇଲ୍ ଉପକରଣ ଜରିଆରେ ଇଣ୍ଟରନେଟ କଣ୍ଟେଣ୍ଟର ପ୍ରସ୍ତୁତି ଓ ବ୍ୟବହାର ବଢ଼ିଚାଲିଛି। ତେଣୁ ଲେଖାରେ ଶାଳୀନତା ନ ରହିଲେ ଆମେ କାହାକୁ ଦାୟୀ କରିବା। ଆମେ ହ୍ୱାଟ୍ସଆପ୍, ଫେସ୍‌ବୁକ୍ କିମ୍ବା କୌଣସି ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍‌ରେ କିଛି ଲେଖା ଦେଖିଲେ ତାହା ସତ ହୋଇଥିବ ବୋଲି ବିଶ୍ୱାସ କରିଥାଉ। ଯୁବଗୋଷ୍ଠୀ ମଧ୍ୟ ସେଥିପ୍ରତି ଆକର୍ଷିତ ହୋଇଥାଆନ୍ତି। ସେହି କଣ୍ଟେଣ୍ଟ ପାଇଁ କିଏ ଉତ୍ତରଦାୟିତ୍ୱ ନେବେ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଜଣଙ୍କ ସମ୍ପର୍କରେ କୌଣସି ଲେଖାକୁ ନେଇ ଉତ୍ତରଦାୟିତ୍ୱ ସ୍ଥିର କରାଗଲେ ସମାଜ ପାଇଁ ତାହା ଗ୍ରହଣୀୟ ହୋଇପାରିବ ବୋଲି ଅଶ୍ୱିନୀ ମତବ୍ୟକ୍ତ କରିଛନ୍ତି।



# ମନ ମୋହିଲା ପ୍ରହ୍ଲାଦ, ଦେଶିଆ ନାଟକ

## ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ରାୟଗଡ଼ା ଅଫିସ,୨୫।୧୧

ରାୟଗଡ଼ାସ୍ଥିତ ଅଶୋକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ୨ ଦିନିଆ ରାଜ୍ୟ ସ୍ତରୀୟ ଲୋକକଳା ମହୋତ୍ସବ ଆରମ୍ଭ ହୋଇଛି। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ରାୟଗଡ଼ା ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ପ୍ରଥମ ରଜନୀରେ ଗଞ୍ଜାମ ଜିଲା ଦିଗପହଣ୍ଡି ଶୁଣ୍ଠିପଲିର ଲକ୍ଷ୍ମୀ ନୃସିଂହ ନାଟ୍ୟ ସଂସଦ ପକ୍ଷରୁ ସନ୍ତୋଷ ରଣା ଓ ସାଥୀଙ୍କ ଦ୍ୱାରା ପରିବେଷିତ 'ପ୍ରହ୍ଲାଦ ନାଟକ' ମନ ମୋହିଥିଲା। ସେହିପରି କୋରାପୁଟର ରାଣୀ ଗଡ଼ବାଲି ପୂଜାରୀପୁଟର ପାଟ ଦେବତା ନାଟ୍ୟ ସଂଘ ପକ୍ଷରୁ ହିରଣ୍ୟ ନାୟକ ଓ ସାଥୀମାନେ 'ଦେଶିଆ ନାଟକ' ପରିବେଷଣ କରିଥିଲେ। ଏହି ଲୋକକଳା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହେବ। ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲାପାଳ ସରୋଜ କୁମାର ମିଶ୍ର, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ ସଭାପତି ନରେନ୍ଦ୍ର କୁମାର ଶତପଥୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ନରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଗଞ୍ଜାମ ଜିଲାର କଳାକାରମାନେ ପ୍ରହ୍ଲାଦ ନାଟକ ପରିବେଷଣ କରୁଛନ୍ତି।

# ନିଖୋଜ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**ଝାଁଳା/ବାରଙ୍ଗ,୨୫।୧୧(ଡି.ଏନ୍.ଏ.):** ଚନ୍ଦକା ଥାନା ବିଞ୍ଝଗିରି, ଅଙ୍ଗାରପଡା ଗ୍ରାମସ୍ଥିତ ଜଙ୍ଗଲର ଏକ ଗଛରୁ ଜଣେ ନିଖୋଜ ଥିବା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଏହି ଥାନା ଅଙ୍ଗାରପଡା ଗ୍ରାମର ରାଜକିଶୋର ନାଏକ(୫୦)। ଏ ନେଇ ପୋଲିସ ଏକ ମାମଲା(ନଂ.୪୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ପୋଲିସ ମୃତଦେହକୁ ଖୋର୍ଦ୍ଧା ଜିଲା ଡାକ୍ତରଖାନାକୁ ପଠାଇ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳୁ କେତେଜଣ ଲୋକ ଜଙ୍ଗଲ ଭିତରକୁ କାଠ ସଂଗ୍ରହ ପାଇଁ ଯାଇଥିଲାବେଳେ ଏକ ଗଛରେ ଜଣେ ବ୍ୟକ୍ତିଙ୍କ ରଶି ଲଗାଇ ଝୁଲିଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଚନ୍ଦକା ଥାନା ଓ ମେଣ୍ଢାଶାଳ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବ୍ୟକ୍ତି ଜଣକ ଲୁଙ୍ଗି ଓ ଗାମୁଛା ପିନ୍ଧିଥିଲେ ବି ଦେହର ପ୍ରାୟ ସବୁ ଅଂଶ ପଚିଯାଇଥିଲା। ତେଣୁ ମୃତଦେହଟି ପ୍ରାୟ ୪/୫ ଦିନର ହେବ ବୋଲି ପୋଲିସ ଅନୁମାନ କରୁଛି। ରାଜକିଶୋରଙ୍କ ପରିବାର ଲୋକେ ପହଞ୍ଚି ଲୁଙ୍ଗି ଓ ଗାମୁଛା ଦେଖି ରାଜକିଶୋରଙ୍କୁ ଚିହ୍ନଟ କରିଥିଲେ। ରାଜକିଶୋରଙ୍କ ପରିବାରଲୋକ କହିଛନ୍ତି, ସେ ଗତ ୨୧ ତାରିଖରୁ ଘରୁ କେଉଁଆଡେ ଚାଲିଯାଇଥିଲା। ରାଜକିଶୋରଙ୍କ ସ୍ତ୍ରୀ ମେଣ୍ଢାଶାଳ ଫାଣ୍ଡିରେ ଏକ ନିଖୋଜ ଏତଲା ଦେଇଥିଲେ।

# ବିଧାୟକ, କର୍ମଚାରୀଙ୍କ ହେବ କୋଭିଡ୍ ଟେଷ୍ଟ

## ଡିସେମ୍ବର ୧ରୁ ବିଧାନସଭା ଅଧିବେଶନ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ଆସନ୍ତା ଡିସେମ୍ବର ୧ରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ। ଗୁରୁବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବିଧାନସଭାର ସମସ୍ତ ସଦସ୍ୟଙ୍କ ଉଭୟ ଆର୍‌ଟି-ପିସିଆର୍ ଏବଂ ଆଣ୍ଟିବଡି ଟେଷ୍ଟ କରାଯିବ। ନଭେମ୍ବର ୨୮, ୨୯ ଏବଂ ୩୦ ତାରିଖ ପୂର୍ବାହ୍ନ ୮ଟା ୩୦ରୁ ଅପରାହ୍ନ ୧ଟା ୩୦ ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦ୍ୱାରା କୋଭିଡ୍ ପରୀକ୍ଷା କରାଯିବ। ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକଙ୍କ ସମେତ ସମସ୍ତ କର୍ମଚାରୀ, ବିଧାନସଭା ସଚିବାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାବ୍ ଟେଷ୍ଟ ହେବ। ପୁନଶ୍ଚ ବିଧାନସଭା ଅଧିବେଶନ ପରେ ସମସ୍ତ ବିଧାୟକ ଏବଂ କର୍ମଚାରୀଙ୍କ ଆର୍‌ଟି-ପିସିଆର ଟେଷ୍ଟ କରାଯିବ। ବିଧାନସଭା ସମୟରେ ଯଦି କୌଣସି ସଦସ୍ୟ ଅସୁସ୍ଥତା ଅନୁଭବ କରିବେ, ତେବେ ତାଙ୍କର ତୁରନ୍ତ ଆଣ୍ଟିଜେନ ଟେଷ୍ଟ କରାଯିବ। ବିଧାନସଭା ସଦସ୍ୟ, ଗଣମାଧ୍ୟମ ପ୍ରତିନିଧିଙ୍କୁ ସିଲ୍ଡ ମାସ୍କ, ଗ୍ଲୋବ୍‌ସ ଏବଂ ସାନିଟାଇଜର ୨୬ଦିନ ପାଇଁ ପ୍ରଦାନ କରାଯିବ। ବିଧାନସଭା ସମ୍ପର୍କିତ କାର୍ଯ୍ୟରେ ଆସୁଥିବା ସମସ୍ତ ସରକାରୀ ପଦାଧିକାରୀ କୋଭିଡ୍ ନେଗେଟିଭ ରିପୋର୍ଟ ଧରି ପ୍ରବେଶ କରିବେ। ବିନା କୋଭିଡ୍ ନେଗେଟିଭ୍ ରିପୋର୍ଟରେ କାହାରିକୁ ପ୍ରବେଶ ଅନୁମତି ମିଳିବ ନାହିଁ। ଡେଙ୍ଗୁ ମଶା ପ୍ରାଦୁର୍ଭାବ ଏଡ଼ାଇବାକୁ ସମ୍ପୂର୍ଣ୍ଣ ବିଧାନସଭା ପରିସରକୁ ସାନିଟାଇଜ କରାଯିବ। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା, ବିଧାନସଭା ସଚିବ ଦାଶରଥି ଶତପଥୀ, ଓଡ଼ିଶା ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।





























# ସୋସିଆଲ ମିଡିଆରେ ଲାଗିବ ଅଙ୍କୁଶ

■ ଆସିବ ନିୟାମକ ସଂସ୍ଥା
■ ନିୟମ ନ ମାନିଲେ ୪% ଯାଏ ଜରିମାନା




ନୂଆଦିଲ୍ଲୀ,୨୫।୧୧

ଫେସବୁକ୍, ଟୁଇଟର ଭଳି ସୋସିଆଲ ମିଡିଆରେ ଭାରତୀୟ ୟୁଜର୍ସଙ୍କ ଡାଟା ବେଆଇନ ଭାବେ ବ୍ୟବହାର ହେଉଥିବାର ଖବର ସାମ୍ନାକୁ ଆସୁଛି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ଉପରେ ନଜର ରଖିବା ଏବଂ ମନମାନି ରୋକିବା ଲାଗି ଏକ ନିୟାମକ ଆଣିବାକୁ ସଂସଦୀୟ କମିଟି ପ୍ରସ୍ତାବ ଦେଇଛି। ସେହିଭଳି ନିୟମ ଭାଙ୍ଗୁଥିବା କମ୍ପାନୀଗୁଡ଼ିକ ଉପରେ ୪% ଜରିମାନା ଲାଗିପାରେ ବୋଲି କୁହାଯାଉଛି।

୨୦୧୯ରେ ଆସିଥିବା ବ୍ୟକ୍ତିଗତ ଡାଟା ସୁରକ୍ଷା ବିଲ୍‌କୁ ନଜରରେ ରଖି ଏକ ରେଗୁଲେଟୋରୀ ବଡି ବନାଇବା ଲାଗି ଉଚ୍ଚ ସ୍ତରୀୟ କମିଟି ପ୍ରସ୍ତାବ ରଖିଛି। ଗୁଗଲ ଏବଂ ଆମାଜନ ଇଙ୍କ ଭଳି ଡାଟା ଷ୍ଟୋର କରୁଥିବା କମ୍ପାନୀଗୁଡିକର ମନମାନି ରୋକିବାକୁ ଏହା ଦ୍ୱାରା ସହାୟକ ହୋଇପାରିବ। କମିଟି କହିଛି ଯେ, ଯେଉଁଭଳି ପ୍ରେସ ଲାଗି ବର୍ତ୍ତମାନ ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ କାମ କରୁଛି, ଠିକ୍ ସେହିଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ଲାଗି ଏକ ରେଗୁଲେଟୋରୀ ବଡି ସ୍ଥାପନ କରାଯିବ।

ଏହି କମିଟିର ମୁଖ୍ୟ ଭାବେ ଭାରତୀୟ ଜନତା ପାର୍ଟିର ମନ୍ତ୍ରୀ ପି.ପି.ଚୌଧରୀ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି, ୨୯ ନଭେମ୍ବରରୁ ଆରମ୍ଭ ହେଉଥିବା ସଂସଦର ଶୀତ ଅଧିବେଶନରେ ଏ ସଂକ୍ରାନ୍ତ ବିଲ୍ ଉପସ୍ଥାପନ କରାଯିବ। ଏହି ବିଲ୍‌ରେ ଦିଆଯାଇଥିବା ନିୟମ ମାନିବା ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଲାଗି କଡ଼ାକଡ଼ି ହେବ। କମ୍ପାନୀଗୁଡ଼ିକ ଏହାକୁ ଯଦି ନ ମାନନ୍ତି ତେବେ ସେମାନଙ୍କ ବିଶ୍ୱ ବଜାର ଆୟର ପ୍ରାୟ ୪% ଜରିମାନା ଆକାରରେ ଭରିବାକୁ ପଡ଼ିବାରେ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଏୟାରଟେଲ୍‌ର ୫ଜି ପରୀକ୍ଷଣ

**ନୂଆଦିଲ୍ଲୀ,୨୫।୧୧:** ଏୟାରଟେଲ୍ ପକ୍ଷରୁ ନୋକିଆ ସହଭାଗିତାରେ ୭୦୦ ମେଗାହର୍ଜ ବ୍ୟାଣ୍ଡ୍‌ରେ ସଫଳତାର ସହ ଭାରତର ପ୍ରଥମ ୫ଜି ପରୀକ୍ଷଣ କରାଯାଇଛି। ୫ଜି ଟେକ୍ନୋଲୋଜିର ବୈଧତା ଏବଂ ବ୍ୟବହାର ପ୍ରସଙ୍ଗଗୁଡ଼ିକ ପାଇଁ ସରକାରଙ୍କ ଟେଲି କମ୍ୟୁନିକେଶନ ବିଭାଗ ଦ୍ୱାରା ଏୟାରଟେଲକୁ ଏକାଧିକ ବ୍ୟାଣ୍ଡରେ ପରୀକ୍ଷଣ ସ୍ପେକ୍ଟ୍ରମ ବଣ୍ଟନ କରାଯାଇଛି। କୋଲକାତା ଉପକଣ୍ଠରେ କରାଯାଇଥିବା ଏହି ପ୍ରଦର୍ଶନ ମଧ ପୂର୍ବ ଭାରତର ପ୍ରଥମ ୫ଜି ପରୀକ୍ଷଣ। ୭୦୦ ମେଗାହର୍ଜ ବ୍ୟାଣ୍ଡର ବର୍ଦ୍ଧିତ ପ୍ରସାର ବୈଶିଷ୍ଟ୍ୟକୁ ବ୍ୟବହାରକରି ଏୟାରଟେଲ ଏବଂ ନୋକିଆ ରିୟଲ ଲାଇଫ୍ କଣ୍ଡିସନରେ ଦୁଇଟି ୩ଜିପିପି ଷ୍ଟାଣ୍ଡାର୍ଡ ୫ଜି ସାଇଟ ମଧରେ ୪୦କି.ମି.ର ହାଇସ୍ପିଡ୍ ୱାୟରଲେସ ବ୍ରଡ୍‌ବ୍ୟାଣ୍ଡ ନେଟ୍‌ୱର୍କ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଏୟାରଟେଲ ନୋକିଆର ୫ଜି ପୋର୍ଟଫୋଲିଓରୁ ଉପକରଣ ବ୍ୟବହାର କରିଛି ବୋଲି କମ୍ପାନୀର ସିଟିଓ ରନ୍ଦୀପ ସିଙ୍ଗ ଶେଖନ କହିଛନ୍ତି।

### ଭୁବନେଶ୍ୱରରେ ପି ସେଫ୍‌ର ପ୍ରଥମ ଶାଖା

**ଭୁବନେଶ୍ୱର,୨୫।୧୧:** ହାଇଜିନ୍ ଏବଂ ୱେଲନେସ୍ ବ୍ରାଣ୍ଡ୍ ପି ସେଫ୍ ପକ୍ଷରୁ ଓଡ଼ିଶାରେ ଏହାର ପ୍ରଥମ ଅଫ୍‌ଲାଇନ୍ ଷ୍ଟୋର୍ ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଛି। ଏହା ଓଡ଼ିଶାର ଖୋର୍ଦ୍ଧାର ସାଇ ଆନନ୍ଦମ କମ୍ପ୍ଲେକ୍ସରେ ରହିଛି। ରିୟଲ ଇଷ୍ଟେଟ୍ ଡେଭଲପର ଜିତେନ୍ଦ୍ର ଚୌଧୁରୀଙ୍କ ଦ୍ୱାରା ଏହା ଉଦଘାଟିତ ହୋଇଛି। ଓଡ଼ିଶାର କେନ୍ଦ୍ର ସ୍ଥଳରେ ଥିବା ଭୁବନେଶ୍ୱର ଏକ ବିକଶିତ ବଜାର ଭାବେ ଉଭା ହେବାରେ ଲାଗିଛି। ଏଠାରେ ବହୁ ଘର, ମଲ୍ ଏବଂ ଅନ୍ୟ କମର୍ସିଆଲ ସେଣ୍ଟର ରହିଛି। ଏହି ବ୍ରାଣ୍ଡ ଦେଶବ୍ୟାପୀ ଶାଖା ସମ୍ପ୍ରସାରଣ ପାଇଁ ଯୋଜନା କରିଛି। ଆଗାମୀ ମାସ ମଧରେ ୫୦ ଅଫ୍ ଲାଇନ୍ ଷ୍ଟୋର ଖୋଲାଯିବାର ଯୋଜନା ରହିଛି। ସମ୍ପ୍ରତି ପି ସେଫ୍‌ର ଉତ୍ପାଦ ମଡର୍ଣ୍ଣ ଟ୍ରେଡ୍, ଜେନେରାଲ ଷ୍ଟୋର, ଏୟାର ପୋର୍ଟ, ଅର୍ଗାନାଇଜଡ୍ ଷ୍ଟୋର ୪୦ରୁ ଅଧିକ ସହରରେ ଖୋଲାଯିବାର ଯୋଜନା ରହିଛି।

# କ୍ରିପ୍ଟୋର ବୈଦ୍ଧତା ଚାହାନ୍ତିନି ୫୦%ରୁ ଉର୍ଦ୍ଧ୍ୱ

## ଲୋକାଲ ସର୍କଲ ସର୍ଭେ



ନୂଆଦିଲ୍ଲୀ,୨୫।୧୧

ଭାରତରେ କ୍ରିପ୍ଟୋକରେନ୍ସି କାରବାର ଏବେ ଯାଏ ବୈଦ୍ଧ ହୋଇନାହିଁ। ଦେଶ ମଧ୍ୟରେ ଚାଲୁଥିବା ସମସ୍ତ ଘରୋଇ ଭର୍ଚୁଆଲ କରେନ୍ସି କାରବାରକୁ ନିଷେଧ କରିବା ଲାଗି ସଂସଦରେ ଏକ ବିଲ୍ ଆସିବ ବୋଲି ଚର୍ଚ୍ଚା ଜୋର ଧରିଛି। ଏହା ପରେ ଦେଶ ମଧ୍ୟରେ କ୍ରିପ୍ଟୋ କାରବାର ପ୍ରାୟ ୨୦% ଖସିଛି। ଏଭଳି ସ୍ଥିତିରେ କ୍ରିପ୍ଟୋ କାରବାରକୁ ନେଇ ହୋଇଥିବା ଏକ ସର୍ଭେ ସାମ୍ନାକୁ ଆସିଛି। ପ୍ରାୟ ୫୦%ରୁ ଉର୍ଦ୍ଧ୍ୱ ଭାରତୀୟ କ୍ରିପ୍ଟୋ କରେନ୍ସିର ବୈଦ୍ଧତା ଚାହାନ୍ତି ନାହିଁ ବୋଲି ସର୍ଭେରୁ ଜଣାପଡ଼ିଛି। କ୍ରିପ୍ଟୋ କାରବାରକୁ ନିୟନ୍ତ୍ରଣ କରିବା ଏବଂ ଏକ ସରକାରୀ ଡିଜିଟାଲ କଏନ ଆଣିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି। କ୍ରିପ୍ଟୋକୁ ସରକାର ବୈଧ ମାନ୍ୟତା ଦିଅନ୍ତୁ ବୋଲି ୫୪% ଲୋକ ଚାହୁଁନାହାନ୍ତି। ଅପରପକ୍ଷରେ ଡିଜିଟାଲ ଆସେଟ ଭାବେ ଏହା ଉପରେ ଟିକସ ଲାଗୁ କରିବା ସପକ୍ଷରେ ଲୋକମାନେ ରହିଥିବା ଲୋକାଲ ସର୍କଲ ପକ୍ଷରୁ ହୋଇଥିବା ସର୍ଭେରୁ ସାମ୍ନାକୁ ଆସିଛି।

କ୍ରିପ୍ଟୋ କରେନ୍ସି ବୈଧ ମାନ୍ୟତା ଲାଭ କରୁ ବୋଲି ୨୬% ଲୋକ ମତ ପ୍ରକାଶ କରିଛନ୍ତି। ସେହିଭଳି ବଳକା ୨୦% ଲୋକ ଏ ନେଇ କୌଣସି ମତ ରଖି ନାହାନ୍ତି। କ୍ରିପ୍ଟୋକାରବାରୁ ସରକାର ନିୟନ୍ତ୍ରଣ କରିବା ନେଇ ଖବର ଆସିବା ପରେ ନିବେଶକମାନେ କ୍ରିପ୍ଟୋ ଏକ୍ସଚେଞ୍ଜରେ ବିକ୍ରି କରିବା ଦେଖାଯାଇଥିଲା। ବିଲ୍‌ର ରୁପରେଖ କଣ ହେବ ସେ ନେଇ କିଛି ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ବର୍ତ୍ତମାନ କ୍ରିପ୍ଟୋ କରେନ୍ସିରେ ଅନେକ ଭାରତୀୟ ନିବେଶ କରିଛନ୍ତି। ଏ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନିୟମ ନ ରହିଲେ କୌଣସି ସମୟରେ ସମସ୍ୟା ଉପୁଜିଲେ ଲୋକମାନେ ସେମାନଙ୍କ ନିବେଶ ଅର୍ଥ ହରାଇବାର ମଧ ଆଶଙ୍କା କରାଯାଉଛି। କ୍ରିପ୍ଟୋକୁ ନେଇ ପ୍ରାୟ ୭୧% ଲୋକଙ୍କର ଭରସା ନାହିଁ କିମ୍ବା କମ୍ ଭରସା ରହିଛି ବୋଲି ଲୋକାଲ ସର୍କଲର ସିଇଓ ସଚିନ ଟାପାରିଆ କହିଛନ୍ତି।

କ୍ରିପ୍ଟୋ କରେନ୍ସି ପ୍ଲାଟଫର୍ମ ଏବଂ ଏକ୍ସଚେଞ୍ଜଗୁଡ଼ିକ ଏହାକୁ ନେଇ ରହିଥିବା ରିସ୍କ ଉପରେ ଠିକ୍ ଭାବେ କିଛି କହିପାରୁନାହାନ୍ତି। ନିୟମ ନ ଆସିବା ଯାଏ ବିଜ୍ଞାପନ ଦେବା ଉଚିତ ନୁହେଁ ବୋଲି ସର୍ଭେର ୭୬% ଲୋକ କହିଛନ୍ତି। ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ ଭାରତରେ ଭର୍ଚୁଆଲ କରେନ୍ସିର ଭାଲ୍ୟୁ ଟ୍ରାଞ୍ଜାକଶନ ବଢିଥିଲେ ମଧ ପ୍ରାୟ ୭୦ରୁ ୮୦% ଆକାଉଣ୍ଟରେ ୨ ହଜାର ଟଙ୍କାରୁ କମ୍ ବାଲାନ୍ସ ରହିଛି। ୭୮% ପରିବାର ମଧ୍ୟରୁ ଜଣେ କେହିବି କ୍ରିପ୍ଟୋ କରେନ୍ସିରେ ନିବେଶ କିମ୍ବା ଟ୍ରେଡିଂ କରିନାହାନ୍ତି। କେବଳ ୫% ଲୋକ କ୍ରିପ୍ଟୋକରେନ୍ସି ପ୍ଲାଟଫର୍ମଗୁଡିକର ବିଜ୍ଞାପନ ସପକ୍ଷରେ ରହିଛନ୍ତି।

# ଜେୱାର ବିମାନ ବନ୍ଦରର ଶିଳାନ୍ୟାସ କଲେ ମୋଦି

**ନୂଆଦିଲ୍ଲୀ,୨୫।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉତ୍ତରପ୍ରଦେଶର ଜେୱାର ଏୟାରପୋର୍ଟର ଶିଳାନ୍ୟାସ କରିଛନ୍ତି। ଏହା ବିଶ୍ୱର ୪ର୍ଥ ବଡ ବିମାନବନ୍ଦର ହେବ। ୨୯,୬୫୦ କୋଟି ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରାଯିବ। ଏଠାରେ ଏକାସହ ୧୭୮ ବିମାନ ଛିଡା ହୋଇପାରିବ। ୨୦୨୪ ସେପ୍ଟେମ୍ବରରେ ଏଠାରୁ ପ୍ରଥମ ବିମାନ ଉଡିବ। ୫୮୪୫ ହେକ୍ଟର ଜମିରେ ଏହାକୁ ନିର୍ମାଣ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୩୩୪ ହେକ୍ଟର ଜମିରେ ଏହା ନିର୍ମାଣ ହେବ। ପ୍ରାଥମିକ ପର୍ଯ୍ୟାୟରେ ୨ ଯାତ୍ରୀ ଟର୍ମିନାଲ ଏବଂ ୨ଟି ରନୱେ ନିର୍ମାଣ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ୫ଟି ରନୱେ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ଫ୍ଲୋରିଡା ଏବଂ ଅରଲ୍ୟାଣ୍ଡ ବିମାନ ବନ୍ଦରକୁ ପଛରେ ପକାଇ ଏହା ସାରା ବିଶ୍ୱରେ ଚତୁର୍ଥ ବିମାନ ବନ୍ଦର ହେବ। ପ୍ରଥମ ବର୍ଷ ଏଠାରୁ ପ୍ରାୟ ୪୦ ଲକ୍ଷ ଯାତ୍ରୀ ବିମାନ ଯାତ୍ରା କରିପାରିବେ। ୨୦୨୫-୨୬ ବେଳକୁ ଏହା ୭୦ ଲକ୍ଷ ପର୍ଯ୍ୟନ୍ତ ଯାଇପାରେ। ବର୍ଷକୁ ବର୍ଷ ଏହା ୨ ଗୁଣ ବଢ଼ିପାରେ। ୨୦୪୪ ସୁଦ୍ଧା ବାର୍ଷିକ ୪୪ କୋଟି ଏଠାରୁ ଉଡାଣ କରିବେ ବୋଲି ଆକଳନ କରାଯାଇଛି। ଏୟାର ଟ୍ରାଫିକ ବଢ଼ିଲେ ଏଠାରେ ଅଧିକ ରନୱେ ସ୍ଥାପନ କରାଯିବ।

# ମାଲାବାର ପକ୍ଷରୁ ଜୁଏଲେରି ପ୍ରଦର୍ଶନୀ




ଭୁବନେଶ୍ୱର,୨୫।୧୧

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଏକ ଜୁଏଲେରି ପ୍ରଦର୍ଶନୀ କରାଯାଇଛି। ସ୍ଥାନୀୟ ଶହୀଦନଗରସ୍ଥିତ ମାଲାବାରର ଏକ୍ସକ୍ଲୁସିଭ ଶୋ'ରୁମ୍ ପରିସରରେ 'ଏକ୍ସକ୍ଲୁସିଭ ବ୍ରାଣ୍ଡେଡ୍ ଜୁଏଲେରି ଶୋ'ର ପ୍ରଦର୍ଶନ ହେଉଛି। ଏହି ପ୍ରଦର୍ଶନୀ ଚଳିତ ବର୍ଷ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ମାନସୀ ପ୍ରଧାନ ଯୋଗଦେଇ କହିଥିଲେ, ମାଲାବାରର ସମସ୍ତ ଉତ୍ପାଦ ଗ୍ରାହକଙ୍କ ପସନ୍ଦଯୋଗ୍ୟ ଓ ଗୁଣାତ୍ମକ ରହିଥାଏ; ଯାହା ଅନ୍ୟ କୌଣସି ଠାରେ ସେହି ଅନୁସାରେ ଦେଖିବାକୁ ମିଳି ନ ଥାଏ। ଏହାର ଅଳଙ୍କାରର କାରୁକାର୍ଯ୍ୟ ମଧ ଭିନ୍ନ ଓ ସଂସ୍କୃତିସମ୍ପନ୍ନ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଷ୍ଟୋର ମୁଖ୍ୟ ଅସନାଫ ଓରାକଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଏହି ପ୍ରଦର୍ଶନୀ ସମ୍ପର୍କରେ ଭୁବନେଶ୍ୱର ମାଲାବାରର ବାଣିଜ୍ୟିକ ମୁଖ୍ୟ ସିଦ୍ଧେଶ୍ୱର ରଥ କହିଥିଲେ, ଏହି ପରିପ୍ରେକ୍ଷୀରେ କମ୍ପାନୀର ଚଳିତ ବର୍ଷର ଶ୍ରେଷ୍ଠ ସଂଗ୍ରହ ମାଇନ ଡାଇମଣ୍ଡ ଜୁଏଲେରି, ଇରା, ପ୍ରେସିଆ, ଏଥ୍ନିକ୍ସ, ଡିଭାଇନ, ହାଇ, ଷ୍ଟାରଲେଟ ଭଳି ହୀରା ଓ ସୁନାର ଅନେକ ଡିଜାଇନ ଏହି ଶୋ'ରୁମ୍‌ରେ ପ୍ରଦର୍ଶନ କରାଯାଉଛି। ସେହିଭଳି କମ୍ପାନୀ ବିକ୍ରି ଓ କାରବାରକୁ ଯେଉଁଭଳି ଗୁରୁତ୍ୱ ଦେଇଥାଏ ସେହି ଅନୁସାରେ ସମାଜ ଓ ସାମାଜିକ କାର୍ଯ୍ୟ ପାଇଁ ଅନେକ କିଛି ପଦକ୍ଷେପ ଗ୍ରହଣ କରିଥାଏ ବୋଲି ରଥ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ଏହି ପ୍ରଦର୍ଶନରେ ଗ୍ରାହକଙ୍କ ପାଇଁ ଅନେକ ସୁବିଧା ସାଙ୍ଗକୁ ହୀରା କ୍ରୟ ଉପରେ ପ୍ରାୟ ୨୦% ରିହାତି ପ୍ରଦାନ କରାଯାଉଛି।

ଜନ୍ମଦିନର ଶୁଭେଚ୍ଛା




ସିଦ୍ଧି ଲେଙ୍କା
କଳ୍ପନା, ଭୁବନେଶ୍ୱର
ଆଜି ତୋର ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷ କାମନା କରୁଛୁ। ତୋର ସମସ୍ତ ମନୋକାମନା ପୂରଣ ହେଉ ଏବଂ ତୋର ଜୀବନରେ ସୁଖ, ଶାନ୍ତି ଭରିଯାଉ।
ଶୁଭେଚ୍ଛା ସହ ପରିବାର: ଶୁକଦେବ, ପ୍ରଣତୀ, ଶିବପ୍ରସାଦ, ସ୍ମୃତି ସୁନୟନା ।
ଧ-୨୨୩୭୪

ଜନ୍ମ ଦିନର ହାର୍ଦ୍ଦିକ ଶୁଭେଚ୍ଛା



(ନାନୁ)
ସାଇଶ୍ରୀ
ଭଙ୍ଗିମୁଣ୍ଡା, କଟକ
ପତିତପାବନ ପରଫର, ସୁନାଫୁଲ ସ୍ୱପ୍ନ ତୋଳି ଆଣିବାକୁ ଅଭ୍ୟାସ ଶକ୍ତି ହେଉ ମନ୍ତର ତୋର। ହୀରା ମାଣିକର ପ୍ରଶ୍ନୋତ୍ତର, ଶ୍ରୀମାଧବଙ୍କ କରୁଣା ମାଗୁଛୁ ତୋ ପାଇଁ ସଞ୍ଜୀବନୀ ସୁଧା ସନ୍ଧାନୀ କର! ୪ର୍ଥ ବାର୍ଷିକ ଜନ୍ମ ଦିନରେ ତୋ ପାଇଁ ଆକାଶେ ଭଲ ପାଇବା ଓ ଗେଲ। ପ୍ରଭୁ ଶ୍ରୀନୀଳମାଧବ ଓ ମାଆ ନାରାୟଣୀ ତୋର ଜୀବନକୁ ସରସ ଓ କୁସୁମିତ କରନ୍ତୁ। ଆଶୀର୍ବାଦ ସହ: ପାପା, ମାମା, ମାମାଲି ଦିଦି, କଣ୍ଟିଲୋରୁ ଅଜା, ଆଈ, କୁନାନାନୀ, ଡୁଡୁ, ଗୁଡୁ ଓ ସାନୁ ମାମୁ, ଲିଟିଲ ମାଇଁ।
ଧ-୨୨୩୭୭

ଫୁରସତ୍

# କାଟ୍ରିନାଙ୍କ ମେହେନ୍ଦି ଖର୍ଚ୍ଚ ଲକ୍ଷେ ଟଙ୍କା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କାଟ୍ରିନା କେଫ୍ ଏବଂ ଅଭିନେତା ଭିକି କୌଶଲ ଡିସେମ୍ବରରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଡିସେମ୍ବର ପ୍ରଥମ ସପ୍ତାହାନ୍ତରେ ରାଜସ୍ଥାନର ଏକ ବିଳାସପୂର୍ଣ୍ଣ ରିସର୍ଟରେ ବିବାହ ସମ୍ପନ୍ନ ହବାକୁ ଥିବା ବେଳେ ଏହା ପୂର୍ବରୁ ସେମାନେ କୋର୍ଟ ମ୍ୟାରେଜ୍ କରିବେ ବୋଲି ଜଣାପଡ଼ିଛି। ଏହି ଚର୍ଚ୍ଚିତ ବିବାହକୁ ଅନେକ ପ୍ରତୀକ୍ଷା କରିଥିବାବେଳେ ଏହାକୁ ନେଇ ବିଭିନ୍ନ ଚୋଚକ ଖବର ପ୍ରକାଶ ପାଇଛି। ବିବାହ ପୂର୍ବରୁ ହେବାକୁ ଥିବା ମେହେନ୍ଦି ଉତ୍ସବ ଲାଗି କାଟ୍ରିନା ରାଜସ୍ଥାନ ଯୋଧପୁରର ପଲି ଜିଲାରେ ମେହେନ୍ଦି କରାଇବେ। ଏଥିପାଇଁ ଲକ୍ଷେ ଟଙ୍କା ଖର୍ଚ୍ଚ ହେବ ବୋଲି ଖବର ପ୍ରକାଶ ପାଇଛି। ମେହେନ୍ଦି ନମୁନା ସବୁ ଅଭିନେତ୍ରୀଙ୍କ ପାଖକୁ ପଠାଯାଇଥିବା ଜଣାପଡିଛି। ସୋଜାତ୍ ଆର୍ଟିଷ୍ଟମାନଙ୍କ କହିବା ଅନୁଯାୟୀ ସେମାନେ ପ୍ରାକୃତିକ ଉପାୟରେ ମେହେନ୍ଦି ପ୍ରସ୍ତୁତ କରିଥାନ୍ତି। ଏଥିରେ କୌଣସି ରାସାୟନିକ ପଦାର୍ଥ ମିଶି ନ ଥାଏ। ବିବାହ ଉତ୍ସବକୁ ଆସିବାକୁ ଥିବା ଅତିଥିମାନଙ୍କ ତାଲିକାକୁ କାଟ୍ରିନା ଓ ଭିକି ଗୋପନ ରଖିଛନ୍ତି। ପରିବାର ସଦସ୍ୟ, ବନ୍ଧୁଙ୍କ ବ୍ୟତୀତ ବଲିଉଡ୍ ଇଣ୍ଡଷ୍ଟ୍ରିର କେତେଜଣ ଉତ୍ସବରେ ଯୋଗଦେବେ। ସେମାନଙ୍କ ମଧ୍ୟରେ କରନ ଜୋହର, ଅଲି ଆବାସ ଜାଫର, କବୀର ଖାନ, ମିନି ମାଥୁର, ରୋହିତ ସେଟ୍ଟି, ସିଦ୍ଧାର୍ଥ ମାଲହୋତ୍ରା, କିଆରା ଆଡଭାନୀ, ବରୁଣ ଧାୱନ, ନତାଶା ଦଲାଲଙ୍କ ନାଁ ଥିବା କୁହାଯାଉଛି।

# ସମ୍ବିଧାନ ମୌଳିକ ଅଧିକାରର ସୁରକ୍ଷା କବଚ

ସମ୍ବିଧାନ ଦିବସ



ଭାରତୀୟ ଜନସାଧାରଣଙ୍କ ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ବିଧାନ ମୌଳିକ ଅଧିକାରକୁ ସୁନିଶ୍ଚିତ କରେ। ଏହା ମୌଳିକ ଅଧିକାରର ସୁରକ୍ଷା କବଚ ପାଲିଟି ଥାଏ। ୨୬ ନଭେମ୍ବର ୧୯୪୯ରେ, ଭାରତର ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ପରେ ଏହା ୨୬ ଜାନୁୟାରୀ ୧୯୫୦ରେ କାର୍ଯ୍ୟକାରୀ ହୋଇଥିଲା। ତେଣୁ ପ୍ରତିବର୍ଷ ନଭେମ୍ବର ୨୬କୁ ଭାରତରେ ସମ୍ବିଧାନ ଦିବସ ଭାବେ ପାଳ କରାଯାଇଥାଏ।

ଗେଜେଟ ବିଜ୍ଞପ୍ତି ୧୯ ନଭେମ୍ବର ୨୦୧୫ରେ ଭାରତ ସରକାର ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ ଅକ୍ଟୋବର ୨୦୧୫ରେ ମୁମ୍ବାଇରେ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ମେମୋରିଆଲର ଶିଳାନ୍ୟାସ ଅବସରରେ ଘୋଷଣା କରିଥିଲେ। ଏହି ଅବସରରେ ଭାରତୀୟ ସମ୍ବିଧାନ ପ୍ରତି ନାଗରିକଙ୍କ ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସଚେତନତା ବାର୍ତ୍ତା ପ୍ରସାରିତ ହୋଇଥାଏ।

# ସମୁଦ୍ରରେ ୧୧ ଇଞ୍ଚ ବହଳ ବରଫ

## ଅଟକି ରହିଛି ୨୪ ଜାହାଜ



**ମସ୍କୋ:** ଆର୍କଟିକ ସାଗର ଦେଇ ୟୁରୋପ ଏବଂ ଏସିଆରେ ପହଞ୍ଚିବା ଏବେ କଷ୍ଟକର ହେଉଛି। ସମୁଦ୍ରରେ ୧୧ ଇଞ୍ଚ ବଳର ବରଫ ଆସ୍ତରଣ ଯୋଗୁ ଅନ୍ୟୂନ ୨୪ଟି ଜାହାଜ ଅଟକି ରହିଛନ୍ତି। ତୁଷାରପାତ ହେତୁ ସମଗ୍ର ଉତ୍ତର ସାଗର ମାର୍ଗ ବନ୍ଦ ହୋଇଯାଇଛି। ଅଟକି ରହିଥିବା ଜାହାଜଗୁଡ଼ିକୁ ହଟାଇବା ପାଇଁ ରୁଷିଆକୁ ବରଫ କାଟିବା ଜାହାଜ ପଠାଇବାକୁ ପଡିଛି। ଉତ୍ତର ସାଗର ମାର୍ଗ ପାଇଁ ରୁଷିଆ ବହୁ ଟଙ୍କା ଖର୍ଚ୍ଚ କରିଛି। ଏହି ମାର୍ଗରେ ବ୍ୟବସାୟ ସୁବିଧା ହେବ ବୋଲି ରୁଷିଆ ଅନୁମାନ କରିଥିଲା। କିନ୍ତୁ ବରଫପାତ ଯୋଗୁ ମାର୍ଗ ବନ୍ଦ ହୋଇ ସମସ୍ତ ଆକଳନ ବିଫଳ ହୋଇଛି। ନଭେମ୍ବର ମାସ ସାରା ଏହି ରାସ୍ତା ଖୋଲା ରହିବ ବୋଲି ରୁଷିଆର ଅଧିକାରୀମାନେ ପୂର୍ବରୁ ଘୋଷଣା କରିଥିଲେ। ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ ୱାର୍ମିଂ ଯୋଗୁ ଗତ କିଛିବର୍ଷ ମଧ୍ୟରେ ଆର୍କଟିକ୍ ସାଗରରେ ବରଫ ଜମିବାରେ ଅତ୍ୟଧିକ ବିଳମ୍ବ ହୋଇଯାଇଥିଲା। ତେଣୁ ବିଶେଷଜ୍ଞମାନେ ଏଭଳି କହିଥିଲେ। ଅକ୍ଟୋବର ଶେଷରେ ଲାପଟେୱ ସାଗର ଏବଂ ପୂର୍ବ ସାଇବେରିଆ ସାଗରରେ ବରଫ ଜମିଥିବାରୁ ଉତ୍ତର ସାଗର ମାର୍ଗର ଅପରେଟରମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ବରଫ କାଟିବା ପାଇଁ ଦୁଇଟି ପରମାଣୁ ଶକ୍ତି ଚାଳିତ ଜାହାଜକୁ ପଠାଯାଇଛି। ତେବେ ବରଫରେ ଫସିଥିବା ଜାହାଜ ଆସନ୍ତା କିଛି ମାସ ପାଇଁ ସେଠାରେ ରହିବାକୁ ବାଧ ହେବେ। ଭୁଲ ପାଣିପାଗ ରିପୋର୍ଟ ଯୋଗୁ ଜାହାଜଗୁଡ଼ିକ ବରଫରେ ଅଟକି ରହିଥିବାକୁହାଯାଉଛି। ଗତ ୭ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ସମୁଦ୍ର ବରଫ ପାଲଟି ଯାଇଛି। ଅଟକି ରହିଥିବା ଜାହାଜ ମଧ୍ୟରେ କାର୍ଗୋ ଏବଂ ଦୁଇଟି ତେଲ ଟ୍ୟାଙ୍କର୍ ଅଛି। ୟୁରୋପ ଏବଂ ରୁଷିଆକୁ ସଂଯୋଗ କରିବାରେ ଉତ୍ତର ସାଗର ମାର୍ଗ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ମାର୍ଗରେ ସମୁଦ୍ର ଯାତ୍ରାର ପଥ ବହୁ କମି ଯାଇଥାଏ।

Invitation to become a Health Partner of
TATA 1mg
Join India's trusted e-Health platform to spread the message of Tata 1mg to your community and earn on every order you help generate.
Visit: 1mg.com/healthpartner to know more & apply
9311124394
affiliate@1mg.com

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ADMISSION OPEN 2021-23
Acharya Nagarjuna University
B.Ed
Admission in Top 15 B.Ed Colleges (Guntur Township) with current NCTE & University affiliation.
MBA,MCA,M.Sc,M.Com,MA & PG Dip.
Odisha's Most Reliable
KALINGA B.ED ACADEMY
H.O. 359, 2nd Floor, Rupali Square, BBSR
Ph : 8895760756, 9937233156
Branch - PURI, Ph- 7008529726

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ. ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଳିଙ୍ଗରେ ଗୋଲ ବର୍ଷା

## ଆର୍ଜେଣ୍ଟିନା ୧୪-୦, ନେଦରଲାଣ୍ଡ୍ସ ୧୨-୫, ସ୍ପେନ୍ ୧୭-୦, ଫ୍ରାନ୍ସ ୭-୧, ଭାରତ ୧୩-୧ ଗୋଲ୍‌ରେ ଜିତିଲା

ଭୁବନେଶ୍ୱର,୨୫।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ଗୁରୁବାର ଗୋଲ୍‌ବର୍ଷା ହୋଇଛି। ପ୍ରଥମ ମ୍ୟାଚରେ ଆର୍ଜେଣ୍ଟିନା ୧୪-୦ ଗୋଲରେ ଇଜିପ୍ଟକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ନେଦରଲାଣ୍ଡ୍ସ ୧୨-୫ରେ ଦକ୍ଷିଣ କୋରିଆ, ତୃତୀୟ ମ୍ୟାଚରେ ସ୍ପେନ୍ ରେକର୍ଡ ୧୭-୦ ଗୋଲରେ ଆମେରିକାକୁ, ୪ର୍ଥ ମ୍ୟାଚରେ ଫ୍ରାନ୍ସ ୭-୧ ଗୋଲରେ ପୋଲାଣ୍ଡକୁ ଏବଂ ପଞ୍ଚମ ମ୍ୟାଚ୍‌ରେ ଭାରତ ୧୩-୧ ଗୋଲ୍‌ରେ କାନାଡାକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଆର୍ଜେଣ୍ଟିନା ୧୪-୦ରେ ବିଜୟୀ ହୋଇ କଳିଙ୍ଗ ଷ୍ଟାଡିୟମରେ କୌଣସି ଅନ୍ତର୍ଜାତୀୟ ହକି ମ୍ୟାଚରେ ସର୍ବାଧିକ ଗୋଲ ସ୍କୋର କରିବାର ଯେଉଁ ରେକର୍ଡ କରିଥିଲା ତାକୁ ସ୍ପେନ୍ ୧୭-୦ ଗୋଲ ଦେଇ ଭଙ୍ଗ କରିଥିଲା। ୫ଟିଯାକ ମ୍ୟାଚ ସମ୍ପୂର୍ଣ୍ଣ ଏକପାଖିଆ ହୋଇଥିବାବେଳେ ମୋଟ ୭୦ଟି ଗୋଲ ସ୍କୋର ହୋଇଥିଲା।



ଭାରତ ଓ କାନାଡା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ଆର୍ଜେଣ୍ଟିନାରୁ ଆରମ୍ଭ

ଇଜିପ୍ଟ ବିପକ୍ଷ ପୂରା ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିବା ଆର୍ଜେଣ୍ଟିନା ପକ୍ଷରୁ ଅଧିନାୟକ ଫାକୁଣ୍ଡୋ ଜରାଟେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଜ୍ଞାନ ରଞ୍ଜନ ପରିଡ଼ା ଖେଳାଳିଙ୍କ ସହ ପରିଚିତ ହେବା ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଖେଳ ଶେଷରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ସଙ୍ଗଠନର ସାଧାରଣ ସମ୍ପାଦକ ସନତ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ମ୍ୟାଚର ୩ୟ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ସ୍କୋରିଂ ଅଭିଯାନ ଆରମ୍ଭ କରିଥିଲେ ଜରାଟେ। ୧୦ମ ମିନିଟରେ ରୁଇଜ ଫ୍ରାନ୍ସିସ୍କୋ ଦ୍ୱିତୀୟ, ୧୨ତମ ମିନିଟରେ ଲୌଟାରୋ ଡୋମେନେ ତୃତୀୟ, ୨୨ତମ ମିନିଟରେ ବୌଟିଷ୍ଟା କାପୁରୋ ୪ର୍ଥ, ୨୫ତମ ମିନିଟରେ ଫ୍ରାଙ୍କୋ ଆଗୋଷ୍ଟିନି ୫ମ, ୩୯ତମ ମିନିଟରେ ଇଗ୍ନାସିଓ ନର୍ଦୋଲିଲୋ ୬ଷ୍ଠ, ୪୪ତମ ମିନିଟରେ କାପୁରୋ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୭ମ, ୪୬ତମ ମିନିଟରେ ଲୁସିଓ ମାଣ୍ଡେଜ ୮ମ, ୪୭ତମ ମିନିଟରେ ଜୋଆକ୍ୱିନ କୁଗେର ୯ମ, ସେହି ୪୭ତମ ମିନିଟରେ ଜରାଟେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୧୦ମ, ୪୮ତମ ମିନିଟରେ ବ୍ରୁନୋ ଷ୍ଟିଲାଟୋ ୧୧ତମ, ୫୧ତମ ମିନିଟରେ ଜୋଆକ୍ୱିନ ଟୋସକାନି ୧୨ତମ, ୫୮ତମ ମିନିଟରେ ଲୌଟାରୋ ଡୋମେନେ ୧୩ତମ ଓ ସେହି ୫୮ତମ ମିନିଟରେ ଜରାଟେ ବ୍ୟକ୍ତିଗତ ତୃତୀୟ ଓ ଦଳ ପକ୍ଷରୁ ୧୪ତମ ଗୋଲ ଦେଇଥିଲେ। ଆର୍ଜେଣ୍ଟିନା ସମ୍ମୁଖରେ ଇଜିପ୍ଟ ସମ୍ପୂର୍ଣ୍ଣ ଅସହାୟ ମନେହୋଇଥିଲା। ଆର୍ଜେଣ୍ଟିନା ପ୍ରଥମ କ୍ୱାର୍ଟରରେ ୩-୦, ଦ୍ୱିତୀୟ କ୍ୱାର୍ଟରରେ ୫-୦, ୩ୟ କ୍ୱାର୍ଟରରେ ୭-୦ରେ ଆଗୁଆ ରହିଥିବାବେଳେ କେବଳ ୪ର୍ଥ କ୍ୱାର୍ଟରରେ ୭ଟି ଗୋଲ ଦେଇଥିଲା।

### ନେଦରଲାଣ୍ଡ୍ସ ପ୍ରଭାବୀ

ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ନେଦରଲାଣ୍ଡ୍ସ ପ୍ରଭାବୀ ପ୍ରଦର୍ଶନ କରି ଦକ୍ଷିଣ କୋରିଆକୁ ୧୨-୫ ଗୋଲରେ ହରାଇଛି। ଅନ୍ତର୍ଜାତୀୟ କବାଡ଼ି ଖେଳାଳି ରଶ୍ମିତା ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବା ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ହକି ଖେଳାଳି ସୁଭଦ୍ରା ପ୍ରଧାନ ଅତିଥିଭାବେ ଉପସ୍ଥିତ ରହି ନେଦରଲାଣ୍ଡ୍ସର ୧୪ ନମ୍ବର ଜର୍ସି ପରିହିତ ଖେଳାଳି ମାଇଲ୍ସ ବୁକେନ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ କ୍ୱାର୍ଟରରେ କୋରିଆ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ପରବର୍ତ୍ତୀ ୩ କ୍ୱାର୍ଟରରେ ନେଦରଲାଣ୍ଡ୍ସ ଆଧିପତ୍ୟ ବିସ୍ତାର କରି ବିଜୟ ହାସଲ କରିଥିଲା। ବିଜୟୀ ନେଦରଲାଣ୍ଡ୍ସ ପକ୍ଷରୁ ବୁକେନ୍ସ ୧୩, ୧୬, ୩୬, ୫୮ ଓ ୬୦ତମ ମିନିଟରେ ୫ଟି ଗୋଲ ଦେଇଥିବାବେଳେ ଭାନ୍ ଡର୍ ଭେନ୍ କାସ୍ପର ୧୮, ୨୬ ଓ ୫୩ତମ ମିନିଟରେ ୩ଟି, ଭାନ୍ ବିଜନେନ୍ ବ୍ରେଣ୍ଟ ୩୫ ଓ ୩୯ତମ ମିନିଟରେ ୨ଟି ଏବଂ ଶେଲଡନ ସ୍କୁଟେନ ୧୦ମ ଓ ଓଲିଭର ହର୍ଟେନସିଅସ ୨୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କୋରିଆ ପକ୍ଷରୁ ଜିଅନ ଜୁନ-ସିଅଙ୍ଗ ୭, ୧୪, ୪୮ତମ ମିନିଟରେ ୩ଟି ଏବଂ ୟୋ ସିଉଙ୍ଗ ହୋ ୪୧ ଓ କିମ୍ ହ୍ୟୁନ-ଉ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

### ସ୍ପେନ୍‌ର ରେକର୍ଡ ସ୍କୋର

ଦିବସର ତୃତୀୟ ମ୍ୟାଚରେ ୱାଇଲ୍ଡକାର୍ଡ ଏଣ୍ଟ୍ରି ପାଇଥିବା ଆମେରିକାକୁ ଚକିତ କରିଥିଲା ସ୍ପେନ। ପ୍ରଥମ ୫ ମିନିଟକୁ ଛାଡ଼ିଦେଲେ ସ୍ପେନ୍‌ର ଗୋଲରେ ଘାଇଲା ହୋଇଯାଇଥିଲା ଆମେରିକା। ପାଖାପାଖି ଅଧା ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ନେଇ ଗଠିତ ଆମେରିକା ଦଳରେ ଅଭିଜ୍ଞତାର ଅଭାବ ସ୍ପଷ୍ଟ ବାରି ହୋଇ ଯାଇଥିଲା। ୧୭-୦ ଗୋଲ କଳିଙ୍ଗ ଷ୍ଟାଡିୟମରେ କୌଣସି ଏକ ମ୍ୟାଚରେ ରେକର୍ଡ ସ୍କୋର। ଆମେରିକା ଦଳର ନେତୃତ୍ୱ ନେଇଥିଲେ ଯତୀନ ଶର୍ମା। ଏସ୍‌ୱାଇଡବ୍ଲ୍ୟୁବିର ଏକ୍‌ଜିକ୍ୟୁଟିଭ୍ ଚେୟାରପର୍ସନ ବିଜୟ କୁମାର ନାୟକ ମ୍ୟାଚ ଆରମ୍ଭରେ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ ଅଲିମ୍ପିଆନ ୱିଲିୟମ ଖାଲ୍‌କୋ ଅତିଥିଭାବେ ଯୋଗଦେଇ ସ୍ପେନ୍ ଦଳର ଗେରାର୍ଡ କ୍ଲାପେସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ସ୍ପେନ୍ ପକ୍ଷରୁ ୬ଷ୍ଠ ମିନିଟରେ ଗୋଲ ଅଭିଯାନ ଆରମ୍ଭ କରିଥିଲେ କ୍ଲାପେସ ଗେରାର୍ଡ। ଏହାପରେ ୭ମ ମିନିଟରେ ମାନୁଏଲ ରୋଡ୍ରିଗ୍ୱେଜ, ୯ମ ମିନିଟରେ ପେପେ କୁନିଲ, ୧୩ତମ ମିନିଟରେ ରାଫାଲ ଭିଲାଲୋଙ୍ଗା, ୧୪ତମ ମିନିଟରେ କ୍ଲାପେସ, ୧୫ତମ ମିନିଟରେ ମାନୁଏଲ ରୋଡ୍ରିଗ୍ୱେଜ, ୨୬ତମ ମିନିଟରେ ଏଡୁଆର୍ଡ ଡି ଇଗ୍ନାସିଓ-ସିମୋ, ୨୯ତମ ମିନିଟରେ ପେପେ କୁନିଲ ଓ ଗେରାର୍ଡ କ୍ଲାପେସ, ୩୦ତମ ମିନିଟରେ କ୍ଲାପେସ, ୩୧ ଓ ୩୭ତମ ମିନିଟରେ ଏଡୁଆର୍ଡ, ୪୬ତମ ମିନିଟରେ ପୋଲ କାବ୍ରି-ଭେରଡିଲ, ୫୫ତମ ମିନିଟରେ ପାଉ କୁନିଲ, ୫୬ତମ ମିନିଟରେ ଜୋର୍ଡି ବୋନାଷ୍ଟ୍ରେ ଏବଂ ୬୦ତମ ମିନିଟରେ ଗୁଇଲେର୍ମୋ ଫର୍ଟୁନୋ କ୍ରମାଗତ ୨ଟି ଗୋଲ ଦେଇଥିଲେ। ମୋଟାମୋଟି ଦଳ ପକ୍ଷରୁ କ୍ଲାପେସ ୪ଟି, ଡି-ଇଗ୍ନାସିଓ ସିମୋ ୩ଟି, ରୋଡ୍ରିଗ୍ୱେଜ, ପେପ୍ କୁନିଲ, ଫର୍ଟୁନୋ ୨ଟି ଲେଖାଏ ଏବଂ ଭିଲାଲୋଙ୍ଗା, କାବ୍ରି-ଭଡ୍ରିଏଲ, ପାଉ କୁନିଲ ଓ ବୋନାଷ୍ଟ୍ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସ୍ପେନ ପ୍ରଥମ କ୍ୱାର୍ଟରରେ ୬-୦, ଦ୍ୱିତୀୟ କ୍ୱାର୍ଟରରେ ୧୦-୦, ତୃତୀୟ କ୍ୱାର୍ଟରରେ ୧୨-୦ ଗୋଲରେ ଅଗ୍ରଣୀ ଥିବାବେଳେ ୪ର୍ଥ କ୍ୱାର୍ଟର ଶେଷ ବେଳକୁ ଏହା ୧୭-୦ ହୋଇ ଯାଇଥିଲା।

### ଗୋଲ୍ ସ୍କୋରରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର, ୨୫।୧୧ (କ୍ରୀଡ଼ାପ୍ରତିନିଧି):** ଜୁନିୟର ହକି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଗୋଲ୍ ସ୍କୋରିଂରେ ରେକର୍ଡ ସୃଷ୍ଟି ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ଦିବସର ଏକ ମ୍ୟାଚରେ ଆର୍ଜେଣ୍ଟିନା ୧୪-୦ ଗୋଲରେ ଇଜିପ୍ଟକୁ ହରାଇଥିବାବେଳେ ସ୍ପେନ୍ ୧୭-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଏହା ବର୍ତ୍ତମାନ ସୁଦ୍ଧା କୌଣସି ଜୁନିୟର ହକି ବିଶ୍ୱକପ୍‌ର ଏକ ମ୍ୟାଚରେ ସର୍ବାଧିକ ଗୋଲ ସ୍କୋର ରେକର୍ଡ। ପୂର୍ବରୁ ୧୯୮୨ରେ ସିଙ୍ଗାପୁର ବିପକ୍ଷରେ ଭାରତ ସର୍ବାଧିକ ୧୩-୦ ଗୋଲରେ ବିଜୟୀ ହୋଇ ରେକର୍ଡର ଅଧିକାରୀ ଥିଲା। ଭାରତ ନାମରେ ଥିବା ରେକର୍ଡକୁ ଏଠାରେ ପ୍ରଥମେ ଆର୍ଜେଣ୍ଟିନା ଭାଙ୍ଗି ଗୁରୁବାର ପ୍ରଥମ ୪ଟି ମ୍ୟାଚରେ ୫୬ଟି ଗୋଲ ସ୍କୋର ହୋଇଛି। ଏହା ମଧ୍ୟ ଏକ ରେକର୍ଡ। ଏହାପୂର୍ବରୁ କୌଣସି ବିଶ୍ୱକପ୍‌ରେ ଗୋଟିଏ ଦିନରେ ଏତେସଂଖ୍ୟକ ଗୋଲ ସ୍କୋର ହୋଇ ନ ଥିଲା।

# ଫ୍ରାନ୍ସର ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୨୫।୧୧ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ରେ ଫ୍ରାନ୍ସ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଭାରତକୁ ୫-୪ ଗୋଲରେ ହରାଇଥିବା ଫ୍ରାନ୍ସ ଗୁରୁବାର ଏହାର ଦ୍ୱିତୀୟ ମ୍ୟାଚରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ପୋଲାଣ୍ଡକୁ ୭-୧ ଗୋଲରେ ପରାସ୍ତ କରିଛି। ସ୍ପ୍ରିଣ୍ଟ କୁଇନ୍ ଦୁତୀ ଚାନ୍ଦ ଅତିଥିଭାବେ ଖେଳାଳିଙ୍କ ସହ ପରିଚିତ ହେବା ପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମୀନତି ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଫ୍ରାନ୍ସର କୋରେଣ୍ଟିନ ସେଲର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ମ୍ୟାଚର ପ୍ରଥମ ମିନିଟରେ ଫ୍ରାନ୍ସର ଆଣ୍ଟୋନିନ୍ ଇଗାଉ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୩ୟ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଅଧିନାୟକ କ୍ଲିମେଣ୍ଟ ଟିମୋଥି ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୧୧ତମ ମିନିଟରେ କୋରେଣ୍ଟିନ ସେଲର ଏକ ଗୋଲ ଦେବାରୁ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଫ୍ରାନ୍ସ ୩-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ପୋଲାଣ୍ଡ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଆକ୍ରମଣାତ୍ମକ ଖେଳିଥିଲା। ୨୨ତମ ମିନିଟରେ ଅଧିନାୟକ ଗ୍ରାକ୍‌ଜାନ ଜର୍ଜନସ୍କି ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ଫ୍ରାନ୍ସର ପ୍ରଦର୍ଶନ ଆଗରେ ପୋଲାଣ୍ଡ ଖେଳ ସମ୍ପୂର୍ଣ୍ଣ ଫିକା ରହିଥିଲା। ୨୭ତମ ମିନିଟରେ ଫ୍ରାନ୍ସର କୋରେଣ୍ଟିନ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍କୋର ୪-୧ରେ ପହଞ୍ଚାଇଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରେ କୋରେଣ୍ଟିନ ବ୍ୟକ୍ତିଗତ ୩ୟ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୩୬ତମ ମିନିଟରେ ଅଧିନାୟକ ଟିମୋଥି ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୬ଷ୍ଠ ଗୋଲ ସ୍କୋର କରିଥିଲେ। ପରେ ୫୪ତମ ମିନିଟରେ ଜୁଲେସ ବୌର୍ନାକ ଆଉ ଏକ ଗୋଲ ଦେଇ ଦଳକୁ ୭-୧ରେ ବିଜୟୀ କରାଇବାରେ ନିଜର ଯୋଗଦାନ ରଖିଥିଲେ।



ଗୋଲ୍‌ସ୍କୋର କରିବା ପରେ ଖୁସି ମୁହୂର୍ତ୍ତରେ ସ୍ପେନ୍ ଦଳର ଖେଳାଳି।


ନେଦରଲାଣ୍ଡ୍ସ ଓ ଦକ୍ଷିଣକୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ଖାଲି ଗୋଲ୍ ଆଉ ଗୋଲ୍

**ଭୁବନେଶ୍ୱର, ୨୫।୧୧ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ୫ଟି ଯାକ ମ୍ୟାଚ ସମ୍ପୂର୍ଣ୍ଣ ଏକପାଖିଆ ହୋଇଥିଲା। ବିଶେଷ କରି ଆର୍ଜେଣ୍ଟିନା ବିପକ୍ଷରେ ଇଜିପ୍ଟ, ସ୍ପେନ୍ ବିପକ୍ଷରେ ଆମେରିକା, ଭାରତ ବିପକ୍ଷରେ କାନାଡ଼ା ଓ ଫ୍ରାନ୍ସ ବିପକ୍ଷରେ ପୋଲାଣ୍ଡ ଦଳ ସମ୍ପୂର୍ଣ୍ଣ ଅସହାୟ ମନେ ହୋଇଥିଲେ। ବିଜୟୀ ୩ ଦଳ ଗୋଲ ବର୍ଷା କରିଥିଲେ। ପ୍ରତି ୧ କିମ୍ବା ୨ ମିନିଟ ବ୍ୟବଧାନରେ ଗୋଲ ହୋଇଥିଲା। ଫଳରେ ମ୍ୟାଚଗୁଡ଼ିକ ରୋମାଞ୍ଚ ହରାଇଥିଲା। ଷ୍ଟାଡିୟମକୁ ଦର୍ଶକ ଅନୁମତି ନାହିଁ। ତେଣୁ ଫାଙ୍କା ଷ୍ଟାଡିୟମ ଯୋଗୁ ଗୋଲ ସ୍କୋର କରୁଥିବା ଖେଳାଳିମାନେ ବିଶେଷ ଉତ୍ସାହିତ ହେଉ ନ ଥିବା ପରିଲକ୍ଷିତ ହୋଇଥିଲା।

### ଅତିଥି କର୍ନର



ହକିଇଣ୍ଡିଆ କର୍ମକର୍ତ୍ତାଙ୍କ ସହ ନେଦରଲାଣ୍ଡ୍ସ-କୋରିଆ ମ୍ୟାଚ୍‌ର ଅତିଥି ଅନ୍ତର୍ଜାତୀୟ ମହିଳା କବାଡ଼ି ଖେଳାଳି ରଶ୍ମିତା ସାହୁ।


ତ୍ରିରଙ୍ଗା ଦେଖାଇ ଭାରତୀୟ ଖେଳାଳିଙ୍କୁ ଜଣେ ପ୍ରଶଂସକ ଉତ୍ସାହିତ କରୁଛନ୍ତି।

# ଶ୍ରେୟାସ, ଶୁବମନ, ଜାଡେଜାଙ୍କ ଅର୍ଦ୍ଧଶତକ

**କାନପୁର, ୨୫।୧୧**

ଟେଷ୍ଟ ପଦାର୍ପଣରେ ମିଡ୍ଲ ଅର୍ଡର ବ୍ୟାଟର ଶ୍ରେୟାସ ଆୟାର ଅପରାଜିତ ଅର୍ଦ୍ଧଶତକ ହାସଲ କରି ଶତକ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ସେହିପରି ଯୁବ ଓପନର ଶୁବମନ ଗିଲ୍ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ଅର୍ଦ୍ଧଶତକୀୟ ଇନିଂସ ଖେଳି ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ପାଇଁ ପ୍ରଥମ ଇନିଂସରେ ବଡ଼ ସ୍କୋର ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି।

ସ୍ଥାନୀୟ ଗ୍ରୀନ୍‌ପାର୍କ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ ଅଜିଙ୍କ୍ୟ ରାହାନେ ଟସ୍ ଜିତି

**ପ୍ରଥମ ଟେଷ୍ଟ**



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ରବୀନ୍ଦ୍ର ଜାଡେଜା ଓ ଶ୍ରେୟାସ ଆୟାର।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୪ ଓଭରରେ ୪ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଆୟାର ୭୫ ଓ ଜାଡେଜା ୫୦ ରନକରି ଅପରାଜିତ ରହିଛନ୍ତି।

ଏହି ପିଚ୍‌ରେ ବଲ୍ ଅସମାନତାର ବାଉନ୍ସ କରୁଥିଲେ ମଧ୍ୟ ବଲ୍‌ରେ ସେତେଟା ପେସ୍ ଦେଖିବାକୁ ମିଳି ନ ଥିଲା। ତେବେ ଆୟାର ନିଜର ଫୁଟ୍‌ୱାର୍କରେ ଉନ୍ନତି ଆଣି ସଫଳତାର ସହ ନ୍ୟୁଜିଲାଣ୍ଡ ବୋଲରଙ୍କୁ ସାମ୍ନା କରିଥିଲେ। ଭାରତର ଆରମ୍ଭ ଅବଶ୍ୟ ସେତେଟା ଭଲ ନ ଥିଲା। ଓପନର ମୟଙ୍କ ଅଗ୍ରୱାଲ ମାତ୍ର ୧୩ ରନକରି ପ୍ରଥମେ ଆଉଟ ହୋଇଥିଲେ। ଦଳର ସ୍କୋର ୨୧ ଥିବାବେଳେ ମୟଙ୍କ କାଏଲ ଜେମିସନଙ୍କ ବଲ୍‌କୁ କଭରକୁ ଖେଳିବାକୁ ଯାଇଥିଲେ। ତେବେ ବଲ ବ୍ୟାଟର ଏଜ୍ ନେଇଥିଲା ଓ ସେ ଉଇକେଟକିପର ଟମ୍ ବ୍ଲଣ୍ଡେଲଙ୍କ ହାତରେ ଧରା ପଡିଥିଲେ। ୨୨ ବର୍ଷୀୟ ଓପନର ଶୁବମନ ମଧ୍ୟ ନିଜର ସ୍ୱଭାବ ସୁଲଭ ଢଙ୍ଗରେ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିବା ପରେ ଜେମିସନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଫ୍‌ଷ୍ଟମ୍ପ ବାହାରର ଗୁଡ୍ ଲେନ୍ଥ ବଲକୁ ଖେଳିବାକୁ ଯାଇଥିଲେ ଶୁବମନ। ତେବେ ବଲ୍ ବ୍ୟାଟର ଏଜ୍ ନେଇଥିଲା ଓ ସେ ୫୨ ରନକରି ବୋଲ୍ଡ ହୋଇଥିଲେ। ସେ ୯୩ଟି ବଲର ସମ୍ମୁଖୀନ ହୋଇ ୫ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ସେ ଏଥିସହ କ୍ୟାରିୟର ଚତୁର୍ଥ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ଇଞ୍ଜୁରି କାରଣରୁ ସେ ଇଂଲଣ୍ଡ ଗସ୍ତରୁ ବାଦ୍ ପଡିଥିଲେ ମଧ୍ୟ ଏଥର ସେ ସୁନ୍ଦର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ବଡ଼ ସ୍କୋର ହାସଲ କରିବେ ବୋଲି ଆଶା କରାଯାଉଥିଲା। ଏହାପରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା କ୍ରିଜ୍‌ରେ ଜମିଆସୁଥିବା ବେଳେ ୮୮ଟି ବଲ୍ ଖେଳି ୨ ଚୌକା ସହ ୨୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଗତ ୬ଟି ଘରୋଇ ସିରିଜରେ ପୂଜାରା ଆଦୌ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ପୂଜାରା ଅଭିଜ୍ଞ ଦ୍ରୁତ ବୋଲର ଟିମ ସୌଦିଙ୍କ ବଲ୍‌ରେ ଉଇକେଟକିପର ବ୍ଲଣ୍ଡେଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ପାଳି ପଡିଥିଲା ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କର। ଖରାପ ଫର୍ମ ଦେଇ ଗତି କରୁଥିବା ରାହାନେ ପୁଣି ଥରେ ବଡ଼ ସ୍କୋର କରିବାକୁ ବିଫଳ ହୋଇଥିଲେ। ସେ ୩୫ ରନକରି ଜେମିସନଙ୍କ ବଲ୍‌ରେ ପ୍ଲେଡ ଅନ୍ ହୋଇ ବୋଲ୍ଡ ହୋଇଥିଲେ। ଅଫ୍ ଷ୍ଟମ୍ପ ବାହାର ବଲକୁ ଏକ୍ସଟ୍ରା କଭରକୁ ମାରି ଖେଳିବାକୁ ପ୍ରୟାସ କରିଥିଲେ ରାହାନେ। ତେବେ ବଲ ବ୍ୟାଟର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା ଓ ସେ ଦୁର୍ଭାଗ୍ୟଜନକ ଭାବେ ବୋଲ୍ଡ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ପୂଜାରା ଓ ଶୁବମନ ୬୧ ରନ ସଂଗ୍ରହ କରିଥିଲେ। ଅନ୍ୟମାନେ ବଡ଼ ପାର୍ଟନରଶିପ୍ କରିପାରି ନ ଥିଲେ। ଦଳ ୧୪୫ ରନରେ ଟପ୍ ଅର୍ଡର ୪ ଉଇକେଟ ହରାଇଥିଲା। ତେବେ ପଞ୍ଚମ ଉଇକେଟରେ ଜାଡେଜା ଓ ଆୟାର ଲଢୁଆ ପ୍ରଦର୍ଶନ କରିଥିଲେ ଓ ୨୦୮ ବଲର ସମ୍ମୁଖୀନ ହୋଇ ଅପରାଜିତ ୧୧୩ ରନକରି ସ୍ଥିତି ସମ୍ଭାଳିଥିଲେ।

ପଦାର୍ପଣରେ ଆୟାର ଆକର୍ଷଣୀୟ ବ୍ୟାଟିଂ କରିଥିଲେ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ଆୟାରଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ। ସେ ୧୩୬ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହ ୭୫ ରନକରି ଅପରାଜିତ ରହିଛନ୍ତି। ସେହିପରି ଜାଡେଜା ୧୦୦ଟି ବଲ୍ ଖେଳି ୬ ଚୌକା ସହ ୫୦ ରନକରି ଅପରାଜିତ ରହିଛନ୍ତି। ଡେବ୍ୟୁ ଟେଷ୍ଟ ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର କରିବାରେ ସେ ୪୭ତମ ଭାରତୀୟ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେହିପରି ପଦାର୍ପଣରେ ଭାରତ ମାଟିରେ ୫୦ରୁ ଊର୍ଦ୍ଧ୍ୱ ରନ କରିବାରେ ସେ ୨୫ତମ ଓ ଡେବ୍ୟୁରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୫୦ ରନ କରିବାରେ ସେ ଚତୁର୍ଥ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି। ସେହିପରି ଜାଡେଜା ଟେଷ୍ଟରେ କ୍ୟାରିୟରର ୧୭ତମ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏଥିସହ ଭାରତ ମାଟିରେ ସେ ୧୦ମ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ସେ ୩ ଉଇକେଟ ଅକ୍ତିଆର କରିଥିବା ବେଳେ ସୌଦି ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନଂସ- ୮୪ ଓଭରରେ ୨୫୮/୪ (ଶ୍ରେୟାସ ଆୟାର- ୭୫*, ରବୀନ୍ଦ୍ର ଜାଡେଜା- ୫୦*, ଶୁବମନ ଗିଲ- ୫୨, ମୟଙ୍କ ଅଗ୍ରୱାଲ- ୧୩, ଚେତେଶ୍ୱର ପୂଜାରା- ୨୬, ଅଜିଙ୍କ୍ୟ ରାହାନେ- ୩୫, କାଏଲ ଜେମିସନ- ୩/୪୭, ଟିମ ସୌଦି- ୧/୪୩)।

# କେନ୍ଦୁଝର, ଅବଶିଷ୍ଟ ଓଡ଼ିଶାର ୩ ଦଳ ବିଜୟୀ


ଆକାଶ ମହାପାତ୍ର


ମହମ୍ମଦ ଫୈଜାନ


ଦିବ୍ୟଜ୍ୟୋତି ପଟ୍ଟନାୟକ

**ଭୁବନେଶ୍ୱର,୨୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ୨ ଦିନିଆ ସୁପର ଲିଗ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍ ଗୁଡିକରେ କେନ୍ଦୁଝର, ଅବଶିଷ୍ଟ ଓଡ଼ିଶା ୩, ୨ ଓ ୪ ଦଳ ବିଜୟୀ ହୋଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡରେ କେନ୍ଦୁଝର ୧୪ ରନରେ ଅବଶିଷ୍ଟ ଓଡ଼ିଶା-୧ ଦଳକୁ ପରାସ୍ତ କରିଛି। ଟସ୍ ହାରି ଅବଶିଷ୍ଟ ଓଡ଼ିଶା ୪୮.୪ ଓଭରରେ ୧୭୧ ରନକରି ଅଲଆଉଟ ହୋଇଥିଲା। ଜବାବରେ କେନ୍ଦୁଝର ୭୦.୫ ଓଭରରେ ୧୮୫ ରନକରି ଅଲଆଉଟ ହୋଇ ବିଜୟୀ ହୋଇଥିଲା। କେନ୍ଦୁଝର ତରଫରୁ ମହମ୍ମଦ ଫୈଜାନ ୫୨ ରନ କରିଥିବା ବେଳେ ଅବଶିଷ୍ଟ ଦଳର ବିଶ୍ୱଜିତ ପ୍ରଧାନ ୫ ଉଇକେଟ ଅକ୍ତିଆର କରିଥିଲେ।

ସେହିପରି ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା-୩ ରାଉରକେଲାକୁ ୧୩୮ ରନରେ ପରାସ୍ତ କରିଛି। ଟସ ଜିତି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୩୯.୧ ଓଭରରେ ୧୩୯ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ମୋହିତ ଟପ୍ପୋ ୨୯ ରନ୍ କରିଥିବା ବେଳେ ଅବଶିଷ୍ଟ ତରଫରୁ ସଚିନ ଯାଦବ ୫ ଉଇକେଟ ନେଇଥିଲେ। ଜବାବରେ ଅବଶିଷ୍ଟ ଦଳ ୯୦ ଓଭରରେ ୨୭୭ ରନକରି ଅଲଆଉଟ ହୋଇ ବିଜୟୀ ହୋଇଥିଲା। ଦଳ ତରଫରୁ ସମରପେଟ ପଟେଲ

**୧୬ ବର୍ଷରୁ କମ୍ ଆନ୍ତଃ ଜିଲା ଟୁର୍ନାମେଣ୍ଟ**

୭୩, ଦୀପକ ନାୟକ ୪୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ରାଉରକେଲା ତରଫରୁ ସ୍ୱରୂପ ପୂର୍ତ୍ତୀ ଓ ରେହାନ ଖାଁ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଅବଶିଷ୍ଟ ଓଡ଼ିଶା- ୨ ସୁନ୍ଦରଗଡ଼କୁ ୨୪୩ ରନରେ ହରାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଦଳ ୯୦ ଓଭରରେ ୯ ଉଇକେଟ ହରାଇ ୩୦୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଭିନବ ନନ୍ଦ ୯୧, ବରୁଣ ଏନ୍ ଦାସ ୬୭ ରନ କରିଥିବା ବେଳେ ବୋଲିଂରେ ସୁନ୍ଦରଗଡ଼ ତରଫରୁ ସୌମ୍ୟ ଆର. କୁଜୁର ୬ ଉଇକେଟ ଅକ୍ତିଆର କରିଥିଲେ। ଜାବବରେ ସୁନ୍ଦରଗଡ଼ ୪୩.୫ ଓଭରରେ ୬୩ ରନକରି ଅଲଆଉଟ ହୋଇଥିଲା। ଦଳର ପ୍ରିୟାଂଶୁ ସିଂ ୨୩ ରନ କରିଥିବା ବେଳେ ବୋଲିଂରେ ଅବଶିଷ୍ଟ ଦଳର ରୋହିତ ପ୍ରଧାନ ୪, ଅଭିନବ ନନ୍ଦ ୨ ଉଇକେଟ ନେଇଥିଲେ।

ସେହିପରି ନିମପୁର ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-୪ ଦଳ ୬୯ ରନରେ ଅନୁଗୋଳକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅନୁଗୋଳ ୫୬.୫ ଓଭରରେ ୧୫୪ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ପନକଳା ଶଶାଙ୍କ ୧୦୦ ରନ କରିଥିଲେ। ବୋଲିଂରେ ଅବଶିଷ୍ଟର ସୁମିତ ମିଶ୍ର ଓ ଅଭିଷେକ ସେନାପତି ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାରେ ଅବଶିଷ୍ଟ ଦଳ ୯୦ ଓଭରରେ ୪ ଉଇକେଟ ହରାଇ ୨୨୩ ରନକରି ଅଲଆଉଟ ହୋଇ ବିଜୟୀ ହୋଇଛି। ଦଳ ତରଫରୁ ଦିବ୍ୟଜ୍ୟୋତି ପଟ୍ଟନାୟକ ୯୫, ଆକାଶ ମହାପାତ୍ର ୫୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅନୁଗୋଳ ତରଫରୁ ଶ୍ରେୟାଂଶ ଭରଦ୍ୱାଜ ୨ ଉଇକେଟ ଅକ୍ତିଆର କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮ 48 ଧରିତ୍ରୀ DHARITRI ୪୮

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୬/୨୦୨୧ (୧୨+୮=୨୦ ପୃଷ୍ଠା) Bhubaneswar, Friday, November 26/2021 | ପୃଷ୍ଠା-୧



## କଙ୍ଗନାଙ୍କୁ ଦିଲ୍ଲୀ ବିଧାନସଭା କମିଟିର ସମନ

ଶିଖ୍ ବିରୋଧୀ ମନ୍ତବ୍ୟ ପାଇଁ ଅଭିନେତ୍ରୀ କଙ୍ଗନା ରାନାଓ୍ୱତ୍‌ଙ୍କୁ ଦିଲ୍ଲୀ ବିଧାନସଭା କମିଟି ନିକଟରେ ହାଜର ହେବା ଲାଗି ସମନ ଜାରି କରାଯାଇଛି।

୦୩

୦୮

## ସେଲର ପ୍ଲେୟର ଅଫ୍ ଦି ମ୍ୟାଚ୍

ପୋଲାଣ୍ଡ ବିପକ୍ଷ ଜୁନିୟର ବିଶ୍ୱକପ୍ ହକି ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଫ୍ରାନ୍ସର କୋରେଣ୍ଟିନ ସେଲର।






# ଲାଗୁନି ପର୍ଯ୍ୟବେକ୍ଷଣ କ୍ୟାମେରା

**ପ୍ରଦୂଷଣ ନିୟନ୍ତ୍ରଣ ଚିନ୍ତା**

- ୧୪୫ ଶିଳ୍ପାନୁଷ୍ଠାନ ମଧ୍ୟରୁ କେବଳ ୨୪ ଲାଗିଛି
- ସହରାଞ୍ଚଳ ଜଙ୍ଗଲର ଗୁରୁତ୍ୱ ବୁଝାଅ: ମୁଖ୍ୟ ଶାସନ ସଚିବ
- ତାଳଚେର ପାଇଁ ପ୍ରାକୃତିକ ପରିବେଶ ମାପକ ଜିଓ-ଡାଟାବେସ୍ ପ୍ରସ୍ତୁତ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

ରାଜ୍ୟରେ ୧୪୫ ଅତ୍ୟଧିକ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପସଂସ୍ଥା ଚିହ୍ନଟ କରାଯାଇଛି। ପ୍ରଦୂଷଣର ମାତ୍ରା ଜାଣିବା ଏବଂ ଏହାର ନିରାକରଣ କରିବା ଲାଗି ସମ୍ପୃକ୍ତ ଶିଳ୍ପାନୁଷ୍ଠାନକୁ ନିର୍ଦ୍ଦିଷ୍ଟ ସ୍ଥାନରେ ଉଚ୍ଚ କ୍ଷମତାସମ୍ପନ୍ନ ପ୍ରଦୂଷଣ ପର୍ଯ୍ୟବେକ୍ଷଣ କ୍ୟାମେରା ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଦ୍ୟାବଧି ମାତ୍ର ୨୪ ଶିଳ୍ପାନୁଷ୍ଠାନରେ କ୍ୟାମେରା ଲାଗିପାରିଛି। ସେଗୁଡ଼ିକୁ ୱେବ୍ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ସଂଯୋଜିତ କରାଯାଇଛି। ୬୧ ଶିଳ୍ପ ପ୍ରତିଷ୍ଠାନରେ କ୍ୟାମେରା ଖଞ୍ଜାଯିବା କାର୍ଯ୍ୟ ଚାଲୁରହିଛି। ଅବଶିଷ୍ଟ ସଂସ୍ଥାଗୁଡିକ ନିର୍ଦ୍ଧାରିତ ସମୟରେ କ୍ୟାମେରା ଲଗାଇବା ସହ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହ ସଂଯୋଗୀକରଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ସହରାଞ୍ଚଳ ଜଙ୍ଗଲର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।




ଏକାମ୍ର କ୍ଷେତ୍ର ଭୁବନେଶ୍ୱରରେ ପ୍ରଦୂଷଣ ବଢୁଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ସ୍ୱଚ୍ଛ-ବାୟୁ ଯୋଜନା କାର୍ଯ୍ୟକାରୀ ହେବ। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ପରିବେଶ ପରିମାପକ ଜିଓ ଡାଟାବେସ୍ ପ୍ରସ୍ତୁତ କରାଯିବ। ଏକାମ୍ର କ୍ଷେତ୍ରରେ ସ୍ୱଚ୍ଛ-ବାୟୁ ଯୋଜନାରେ ସର୍ବନିମ୍ନ ନିର୍ଗମନ ଜୋନ୍ (ଲେସ୍ ଏମିସନ୍ ଜୋନ୍) ପଦ୍ଧତି ପ୍ରୟୋଗ ହେବ। ଭୁବନେଶ୍ୱର ମହାନଗର ନିଗମ, ପ୍ରଦୂଷଣ ବୋର୍ଡ, ପୂର୍ତ୍ତ ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଏଥିରେ ସାମିଲ କରି ଯୋଜନାକୁ ଫଳପ୍ରସୂ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୁସ୍ଥ ନିରାମୟ ଜୀବନ ପାଇଁ ସହରାଞ୍ଚଳ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଭରତପୁର ଅଭୟାରଣ୍ୟ, ଏକାମ୍ରକାନନ, ଜୟଦେବ ବାଟିକା ଏବଂ ଚନ୍ଦକା ଜଙ୍ଗଲ ଭୁବନେଶ୍ୱର ସହରବାସୀଙ୍କ ପାଇଁ ବରଦାନ ସଦୃଶ। ସହର ସନ୍ନିକଟ ଜଙ୍ଗଲର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବାକୁ ପଡ଼ିବ। ହୀରାକୁଦ ଜଳଭଣ୍ଡାର ନିକଟରେ ଥିବା ଆଲୁମିନିୟମ୍ ପ୍ଲାଣ୍ଟରୁ ନିର୍ଗତ ଫ୍ଲୋରାଇଡ ଯେପରି ଜଳଭଣ୍ଡାର ମଧ୍ୟକୁ ନ ଯାଏ ତାହା ଉପରେ ସତର୍କ ଦୃଷ୍ଟି ରଖିବା ଜରୁରୀ। ଫ୍ଲୋରାଇଡ୍ ବିଘଟନ ପ୍ରକ୍ରିୟାରେ ଯେପରି ଭୂତଳ ଜଳ ପ୍ରଦୂଷିତ ନ ହୁଏ ସେଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ଶିଳ୍ପ ସଂସ୍ଥା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବାୟୁର ଗୁଣାତ୍ମକମାନ ବିକାଶ, ଶିଳ୍ପାନୁଷ୍ଠାନ ପ୍ରଦୂଷଣର ଉପଯୁକ୍ତ ନିରାକରଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

ବୋର୍ଡର ସଦସ୍ୟ ସଚିବ କେ. ମୁରୁଗେସାନ୍ କହିଛନ୍ତି, ତାଳଚେର ସହର ପାଇଁ ପ୍ରାକୃତିକ ପରିବେଶ ମାପକ ଜିଓ-ଡାଟାବେସ୍ ପ୍ରସ୍ତୁତ ହୋଇଛି। ଏହି ବ୍ୟବସ୍ଥା ଖୁବ୍‌ଶୀଘ୍ର ରାଉରକେଲା, କେନ୍ଦୁଝର, ବାଲେଶ୍ୱର, କଳିଙ୍ଗନଗର ଏବଂ ଅନୁଗୋଳ ଜିଲାର ଶିଳ୍ପାଞ୍ଚଳରେ ପ୍ରୟୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତ୍ୱରିତ ନିଷ୍ପତ୍ତି ଏବଂ କାର୍ଯ୍ୟାନ୍ୱୟନ ☞ପୃଷ୍ଠା-୬

# ମୃତ୍ୟୁଦଣ୍ଡ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ

**ଶକ୍ତି ମିଲ୍ସ ଗଣବଳାତ୍କାର ମାମଲା**

ମୁମ୍ବାଇ,୨୫।୧୧: ମୁମ୍ବାଇର ଶକ୍ତି ମିଲ୍ସ ପରିସରରେ ୨୨ ବର୍ଷ ବୟସ୍କା ମହିଳା ଫଟୋ ଜର୍ନାଲିଷ୍ଟ ଗଣବଳାତ୍କାର ଘଟଣାରେ ୩ ଅପରାଧୀଙ୍କ ମୃତ୍ୟୁଦଣ୍ଡକୁ ବମ୍ବେ ହାଇକୋର୍ଟ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଛନ୍ତି। ଅପରାଧର ଅନୁତାପ ପାଇଁ ସେମାନେ ଆଜୀବନ କାରାଦଣ୍ଡ ଭୋଗିବାକୁ ଯୋଗ୍ୟ ବୋଲି କୋର୍ଟ କହିଛନ୍ତି। ବିଚାରପତି ସାଧନା ଯାଦବ ଏବଂ ପୃଥ୍ୱୀରାଜ ଚୌହ୍ୱାନଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ବିଜୟ ଯାଦବ, ମହମ୍ମଦ କାସୀମ ଶେଖ ଏବଂ ମହମ୍ମଦ ଅନସାରୀଙ୍କୁ ସେସନ କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ଫାଶୀଦଣ୍ଡକୁ ଖାରଜ କରିଦେଇ ସେମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୨ ଅଗଷ୍ଟ ୨୦୧୩ରେ ପରିତ୍ୟକ୍ତ ଶକ୍ତି ମିଲ୍ସ ପରିସରରେ ଗଣବଳାତ୍କାର ଘଟିଥିଲା।

# କରୋନାର ଲକ୍ଷଣ ବଦଳୁଛି

**ସାମାନ୍ୟ ଥଣ୍ଡା ଜ୍ୱର ହେଲେ ପରୀକ୍ଷା କର: ସ୍ୱାସ୍ଥ୍ୟ ବିଭାଗ**

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

କରୋନା ଏବେ ଲକ୍ଷଣ ବଦଳାଉଛି। ସାମାନ୍ୟ ଥଣ୍ଡା ଜ୍ୱର ହେଲେ ମଧ୍ୟ ଲୋକେ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ତେଣୁ ଥଣ୍ଡା ଜ୍ୱର ହେବା ମାତ୍ରେ ତୁରନ୍ତ ଟେଷ୍ଟ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ନିଜେ ସୁରକ୍ଷିତ ହେବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖାଯାଇପାରିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି।



ରାଜ୍ୟରେ କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଲୋକେ ବାହାରେ କଟକଣା ମାନୁ ନାହାନ୍ତି। ଏହା ଆଗକୁ ବିପଦ ସୃଷ୍ଟି କରିବ। ଆବଶ୍ୟକ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ସୁନ୍ଦରଗଡ଼ ଓ ବୁର୍ଲାରେ ହୋଇଥିବା ସଂକ୍ରମଣକୁ ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଭୀମସାର୍ ଓ ସୁନ୍ଦରଗଡ଼ରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବାହାର ପିଲା ଭିତରକୁ ପ୍ରବେଶ କରିବେ ନାହିଁ କି ଭିତର ପିଲା ବାହାରକୁ ଆସିପାରିବେ ନାହିଁ। ଏଥିପାଇଁ ରାଜ୍ୟ ସରକାର, ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲା ପ୍ରଶାସନ ସଜାଗ ରହିଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କଠାରେ ସିଭିଅରିଟି କମ୍ ରହିଛି। ଯେହେତୁ ହଷ୍ଟେଲରେ ପିଲାମାନେ ଏକାଠି ରହୁଛନ୍ତି, ତେଣୁ କିଛି ଛାତ୍ରୀଛାତ୍ର ସଂକ୍ରମିତ ହୋଇଛନ୍ତି। ଏଥିପାଇଁ ହଷ୍ଟେଲରେ ସ୍ୱତନ୍ତ୍ର ଭାବରେ ସର୍ଭିଲାନ୍ସ କରାଯାଇଛି। ୪ରୁ ୫ ଦିନ ମଧ୍ୟରେ ସଂକ୍ରମଣ ଆୟତ୍ତକୁ ଆସିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କହିଛନ୍ତି, ସରକାର ନଜର ରଖିଥିବାରୁ ସଂକ୍ରମଣ ନିୟନ୍ତ୍ରଣରେ ରହିଛି। ଯେଉଁଠି ବଢୁଛି, ସେଠି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଉଛି। ସଂକ୍ରମଣ ରୋକିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ଜିଲା ☞ପୃଷ୍ଠା-୬

# ସଡ଼କ ଦୁର୍ଘଟଣାରେ ଦୁର୍ଦ୍ଦାନ୍ତ ଅପରାଧୀ ଦିଲୀପ ମୃତ

**ଆଜୀବନ ସଜା ପରେ ପାରୋଲରେ ଆସିଥିଲେ**

ବ୍ରହ୍ମପୁର ଅଫିସ,୨୫।୧୧

ଗଞ୍ଜାମ ଜିଲାର ଦୁର୍ଦ୍ଦାନ୍ତ ଅପରାଧୀ ଦିଲୀପ ନାୟକ(୪୬)ଙ୍କର ଗୁରୁବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଆଜୀବନ ସଜା ପରେ ସେ ପାରୋଲରେ ଆସିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ଏକ ଅଜଣା ଗାଡ଼ି ସହିତ ଧକ୍କା ହୋଇ ଦିଲୀପଙ୍କର ମୃତ୍ୟୁ ଘଟିଥିବା ଟ୍ରାଫିକ୍ ଥାନା ଅଧିକାରୀ ସୁନୀଲ କୁମାର ବେହେରା ସୂଚନା ଦେଇଛନ୍ତି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୋଲିରେ ରହୁଥିବା ଦିଲୀପ ଅପରାହ୍ନରେ ବାଇକ୍ (ନଂ ଓଡି ୦୭ ଏମ୍ -୩୬୧୨)ରେ ଯାଉଥିଲେ। ସେ ଆଙ୍କୋଲି ପଟେ ଆସୁଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ସହିତ ତାଙ୍କର ଧକ୍କା ହୋଇଥିଲା। ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଦିଲୀପଙ୍କ ଚକ୍ଷୁଦାନ ପାଇଁ ପରିବାର ଲୋକେ ସହମତି ଜଣାଇବା ପରେ ଡାକ୍ତରଙ୍କ ସହାୟତାରେ ତାଙ୍କ ଚକ୍ଷୁ ସଂଗ୍ରହ କରାଯାଇଥିବା ପୋଲିସ କହିଛି।

ଦିଲୀପଙ୍କ ନାମରେ ୫୦ରୁ ଊର୍ଦ୍ଧ୍ୱ ସଙ୍ଗିନ ମାମଲା ରହିଛି। ଏକଦା ସେ ଗଞ୍ଜାମ ଜିଲାରେ ଆତଙ୍କ ସୃଷ୍ଟିକରି ପୋଲିସର ନିଦ ହଜାଇ ଦେଇଥିଲେ। ଶେଷରେ ୧୯୯୬ରେ ☞ପୃଷ୍ଠା-୬






# ଚଢ଼ାଉବେଳେ ତହସିଲଦାର ଦୁର୍ଘଟଣାର ଶିକାର

- ତହସିଲ ଗାଡ଼ି ଦେଖି ଟ୍ରାକ୍ଟର ଡ୍ରାଇଭର ଫେରାର
- ଟ୍ରାକ୍ଟର ଗଡ଼ି ଗଡ଼ି ଯାଇ ଧକ୍କାଦେଲା
- ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଟାସ୍କଫୋର୍ସ ଗଠନ ଦାବି

ଜଳେଶ୍ୱର, ୨୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ୍ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସଇରାତରୁ ପ୍ରତ୍ୟହ ରାତିରେ ଚୋରାରେ ବାଲି ସୀମାନ୍ତ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ସଇରାତଗୁଡ଼ିକ ନିଲାମ ହେଉ ନ ଥିବାରୁ ସରକାର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଚୋରା ବାଲି ମାଫିଆମାନେ ସ୍ଥାନୀୟ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ଏହି କାରବାର କରୁଥିବା ଅଭିଯୋଗ ବିଭିନ୍ନ ସମୟରେ ହୋଇ ଆସୁଛି। ଅଭିଯୋଗକୁ ଆଧାର କରି ଗୁରୁବାର ଜଳେଶ୍ୱର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ ଚଢ଼ାଉ କରିବାକୁ ଯାଇଥିବାବେଳେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି। ତହସିଲ୍‌ଦାରଙ୍କ ଗାଡ଼ିକୁ ଦେଖି ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଡ୍ରାଇଭର ଗାଡ଼ି ଛାଡ଼ି ପଳାଇବାରୁ ଏହା ଗଡ଼ିଯାଇ ତହସିଲଦାର ଯାଉଥିବା ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ତହସିଲ୍‌ଦାରଙ୍କ ଗାଡ଼ି କ୍ଷତିଗ୍ରସ୍ତ ହେବା ସହ ସେଥିରେ ବସିଥିବା ତହସିଲଦାର ଏବଂ ଅନ୍ୟ ୬ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏନେଇ ତହସିଲଦାରଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରର ମାଲିକଙ୍କୁ ତହସିଲ କାର୍ଯ୍ୟାଳୟକୁ ଡକାଯାଇ ଫେରାର ଡ୍ରାଇଭରଙ୍କୁ ଖୋଜା ଚାଲିଛି।



ତହସିଲଦାରଙ୍କ ଗାଡ଼ିକୁ ଧକ୍କା ଦେଇଥିବା ଟ୍ରାକ୍ଟର।

ପ୍ରକାଶ ଯେ, ଜଳେଶ୍ୱର ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀର ୨୩ଟି ବାଲି ସଇରତ ରହିଛି। ଏଥିରୁ ବହୁ ସଇରାତ ୨୦୨୧-୨୨ ଆର୍ଥିକ ବର୍ଷରେ ନିଲାମ ହୋଇନାହିଁ। ତେଣୁ ଏହାର ସୁବିଧା ନେଇ ବାଲି ମାଫିଆମାନେ ରାତିରେ ଟ୍ରକ୍ ଓ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ କରୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ଗୁରୁବାର ସକାଳ ୬ଟା ସମୟରେ ତହସିଲଦାର ମଲ୍ଲିକ, ନାମ୍ପୋ ଆର୍‌ଆଇ ଦିଲୀପ ଚାନ୍ଦ, ସଦର ଆର୍‌ଆଇ ଶରତ ବେହେରା, ଅମଡ଼ନ ସିବେନଲାଲ ମୁର୍ମୁ ଓ ଅନ୍ୟ ୩ଜଣ କର୍ମଚାରୀ ଏକ ବୋଲେରୋ(ନଂ. ଓଡି୦୧ ୱାଇ ୩୮୨୨)ରେ ସୁବର୍ଣ୍ଣରେଖା ନଦୀର ଶିଖରପୁରସ୍ଥିତ ସେତୁ ନିକଟରେ ପହଞ୍ଚିଥିଲେ। ତହସିଲଦାରଙ୍କ ଗାଡ଼ି ସେତୁ ଉପରକୁ ଉଠିବା ଦେଖି ଚୋରା ବାଲି ଚାଲାଣ କରୁଥିବା ୪ ଟ୍ରାକ୍ଟର ଡ୍ରାଇଭରଙ୍କ ☞ପୃଷ୍ଠା-୬

# ବାଲେଶ୍ୱର, ଭଦ୍ରକରେ ଆଜି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

**ବାଲେଶ୍ୱର ଅଫିସ, ୨୫।୧୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବାଲେଶ୍ୱର ଓ ଭଦ୍ରକ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ବାଲେଶ୍ୱରକୁ ମୁଖ୍ୟମନ୍ତ୍ରୀ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ରିଜର୍ଭ ପୋଲିସ ପଡ଼ିଆରେ ଅବତରଣ କରିବେ। ୪୫ ମିନିଟ୍‌ର କାର୍ଯ୍ୟକ୍ରମ ପରେ ପୁଣି ଫେରିଯିବେ ବୋଲି ରିଜର୍ଭ ପୋଲିସ ପଡ଼ିଆରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ୩୬୬କୋଟି ବ୍ୟୟରେ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜିଲାର ୭୭ଗୋଟି ପ୍ରକଳ୍ପ ଉଦ୍‌ଘାଟନ ଓ ୧୧୮୬ କୋଟି ଟଙ୍କା ଅଟକଳ ମୂଲ୍ୟରେ ୧୦୯ ଗୋଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜିଲାରେ ମୋଟ୍ ୫ଲକ୍ଷ ପରିବାରର ୧୯ଲକ୍ଷ ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ମାଧ୍ୟମରେ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଶେଷ ପରେ ଜିଲାର ସମସ୍ତ ବ୍ଲକରେ ହିତାଧିକାରୀମାନଙ୍କୁ ସ୍ମାର୍ଟକାର୍ଡ଼ ବଣ୍ଟନ ଆରମ୍ଭ ହେବା ସହ ଆସନ୍ତା ୭ଦିନ ମଧ୍ୟରେ ଏହାକୁ ଶେଷ କରାଯିବା ନେଇ ଲକ୍ଷ୍ୟ ରହିଛି। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବାର ଜିଲାପାଳ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି। ଏନେଇ ୩ ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୧୩ଜଣ ଉପ-ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ନିରାପତ୍ତା ବ୍ୟବସ୍ଥା ପରିଚାଳନା ପାଇଁ ୨୨ଜଣ ଆରକ୍ଷୀ ନିରୀକ୍ଷକ ଓ ୯୪ଜଣ ଉପଆରକ୍ଷୀ ନିରୀକ୍ଷକ ଓ ସହକାରୀ ଉପ-ଆରକ୍ଷୀ ନିରୀକ୍ଷକ ନିଯୁକ୍ତ ହୋଇଛନ୍ତି। ଏହାବ୍ୟତୀତ ୨୫ ପ୍ଲାଟୁନ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ସଭାସ୍ଥଳ ପାର୍ଶ୍ୱସ୍ଥ ପୋଲିସ ଲାଇନ-ପତୁଆଁପଦା ରାସ୍ତା ସମେତ ନାରୀ ସଂଘ-ସର୍କିଟ ହାଉସ ରାସ୍ତା, ମଗନକାର ଛକ-ସଦର ଆରଆଇ ଅଫିସ୍ ଛକ ରାସ୍ତାକୁ କିଛି ସମୟ ପାଇଁ ସାଧାରଣ ଯାତାୟାତ ବନ୍ଦ କରାଯିବା ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ମିଶ୍ର କହିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

# ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ପାଇଁ ଚିଠି

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ଭୁବନେଶ୍ୱରରୁ ଦୁବାଇ ପ୍ରତିଦିନ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଚିଠି ଲେଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ବିଭିନ୍ନ ଅଞ୍ଚଳରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ଲୋକ ବସବାସ କରୁଛନ୍ତି। ଭୁବନେଶ୍ୱରରୁ ଦୁବାଇ ଏବଂ ଦୁବାଇରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସିଧାସଳଖ ବିମାନସେବା ପାଇଁ



ଧର୍ମେନ୍ଦ୍ର ପ୍ରଧାନ

ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଦୁଇ ସହର ମଧ୍ୟରେ ସିଧାସଳଖ ବିମାନସେବା ଆରମ୍ଭ ହେଲେ ଓଡ଼ିଆ ଲୋକଙ୍କ ପାଇଁ ଅନ୍ତରାଷ୍ଟ୍ରୀୟ ଯାତାୟାତର ଦ୍ୱାର ଫିଟିବ। ବିଶ୍ୱର କୋଣଅନୁକୋଣରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କର ନିଜ ରାଜ୍ୟକୁ ଆସିବା ପାଇଁ ଯୋଗାଯୋଗ ସୁଗମ ହେବ। କଳାତ୍ମକ, ହସ୍ତତନ୍ତ ଓ କୃଷି ଆଧାରିତ ସାମଗ୍ରୀ ବ୍ୟବସାୟ ଦ୍ୱାରା ରାଜ୍ୟର ଅର୍ଥନୀତି ଗତିଶୀଳ ହେବ। ଏଥିସହିତ ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ। ରାଜଧାନୀ ଭୁବନେଶ୍ୱର ସହ ସିଧାସିଧା ଅନ୍ତରାଷ୍ଟ୍ରୀୟ ବିମାନ ଯୋଗାଯୋଗ ପୂର୍ବ ଭାରତର ବିକାଶର ସମ୍ଭାବନାକୁ ଆହୁରି ଶକ୍ତିଶାଳୀ କରିବ ବୋଲି ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ୟୁଏଇ ଓଡ଼ିଆ ସମାଜ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଭୁବନେଶ୍ୱରରୁ ଦୁବାଇ ପର୍ଯ୍ୟନ୍ତ ସିଧାସଳଖ ବିମାନସେବା ଆରମ୍ଭ କରିବା ପାଇଁ ପତ୍ର ଲେଖାଯାଇଥିଲା। ଏହି ମର୍ମରେ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି।















## ଜଗତ୍‌ସିଂହପୁର ଜିଲ୍ଲାରେ ହାଇସ୍କୁଲ ରୂପାନ୍ତରୀକରଣ

ଜଗତ୍‌ସିଂହପୁର ଜିଲ୍ଲାରେ ମାନ୍ୟବର ମୁଖ୍ୟମନ୍ତ୍ରୀ 5T କାର୍ଯ୍ୟକ୍ରମ ଅନ୍ତର୍ଗତ ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମ କରାଯାଇଛି। ଏହି ଯୋଜନା ଅଧୀନରେ ପ୍ରଥମ ଦଫାରେ ୧୪ଗୋଟି ହାଇସ୍କୁଲର ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯାଇ ଆଗାମୀ ୨୦।୧୧।୨୦୨୧ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ହାଇସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ସ୍କୁଲରେ ଦୁଇଗୋଟି Smart Classroom, E-Library, ଅତ୍ୟାଧୁନିକ ବିଜ୍ଞାନାଗାର, ଶୌଚାଳୟ, ପାନୀୟଜଳ ଯୋଗାଣ ତଥା ବିଦ୍ୟାଳୟ ପରିବେଷ୍ଟନୀର ଉନ୍ନତୀକରଣ କରାଯାଇଛି।




































ଶିଖ୍ ବିରୋଧୀ ମନ୍ତବ୍ୟ ଦେଇଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ବତ୍‌ଙ୍କୁ ଡିସେମ୍ବର ୬ରେ ଦିଲ୍ଲୀ ବିଧାନସଭା କମିଟି ନିକଟରେ ହାଜର ହେବା ଲାଗି ସମନ ଜାରି କରାଯାଇଛି। ଶାନ୍ତି ଓ ସଦ୍‌ଭାବନା କମିଟି ଆଗରେ କଙ୍ଗନା ହାଜର ହେବେ। ଶିଖମାନେ ଖଲିସ୍ତାନୀ ଆତଙ୍କବାଦୀ ବୋଲି କଙ୍ଗନା କହିଥିଲେ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ଅପମାନଜନକ ମନ୍ତବ୍ୟକୁ ନେଇ ବିଧାନସଭା କମିଟି ନିକଟରେ ଏକାଧିକ ଅଭିଯୋଗ ହୋଇଥିଲା।






# ଘାତକ ସାଜିଛି ଇଂଲିଶ ଚ୍ୟାନେଲ

- ବୋଟ୍ ବୁଡ଼ି ୨୭ ପ୍ରବାସୀ ମୃତ
- ବ୍ରିଟେନ-ଫ୍ରାନ୍ସ ମୁହାଁମୁହିଁ
- ଜଳପଥରେ ବଢ଼ୁଛି ମାନବ ଚାଲାଣ

**ପ୍ୟାରିସ/ଲଣ୍ଡନ, ୨୫।୧୧**

ଆଟଲାଣ୍ଟିକ୍ ମହାସାଗରରେ ଥିବା ଇଂଲିଶ ଚ୍ୟାନେଲର ଲମ୍ବ ୫୬୦ କି.ମି. ଓ ଚଉଡ଼ା ୨୪୦ କି.ମି.। ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ଜାହାଜ ଚଳାଚଳ ଲେନ୍ ଡୋଭର ପ୍ରଣାଳୀରେ ଏହା ସଂକୀର୍ଣ୍ଣ ହୋଇ ୩୪ କି.ମି. ରହିଛି। ଦକ୍ଷିଣ ଇଂଲଣ୍ଡକୁ ଉତ୍ତର ଫ୍ରାନ୍ସଠାରୁ ପୃଥକ୍ କରୁଥିବା ଏହି ଜଳପଥ ବ୍ରିଟେନକୁ ନୌସେନାର ସୁପରପାୱାର ପାଲଟିବାରେ ସହାୟକ ହୋଇଛି। କିଛିବର୍ଷ ହେଲା ଫ୍ରାନ୍ସରୁ ଇଂଲିଶ ଚ୍ୟାନେଲ ଦେଇ ବ୍ରିଟେନକୁ ଯାତ୍ରା କରୁଥିବା ପ୍ରବାସୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି, ଯାହାର ଫାଇଦା ନେଉଛନ୍ତି ମାନବ ଚାଲାଣକାରୀ। ଦୁର୍ବଳ ବୋଟ୍‌ଗୁଡ଼ିକରେ ବିନା କୌଣସି ଜୀବନ ରକ୍ଷକ ଜ୍ୟାକେଟରେ ବିପଦପୂର୍ଣ୍ଣ ଯାତ୍ରା କରାଇ ଦେଶାନ୍ତରୀ ଶ୍ରମିକମାନଙ୍କଠାରୁ ମୋଟା ଅଙ୍କର ମୁନାଫା କମାଇଥାନ୍ତି ଏହି ସ୍ମଗ୍‌ଲରମାନେ। ଏହି କ୍ରମରେ ବୁଧବାର ଫ୍ରାନ୍ସରୁ ଇଂଲିଶ ଚ୍ୟାନେଲ ଦେଇ ଇଂଲଣ୍ଡ ଯାଉଥିବାବେଳେ କାଲାଇସ୍ ବନ୍ଦର ନିକଟରେ ବୋଟ୍ ବୁଡ଼ିଯିବାରୁ ୨୭ ପ୍ରବାସୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୭ ପୁରୁଷ, ୭ ମହିଳା ଓ ୩ ଶିଶୁ ଅଛନ୍ତି। ମହିଳାଙ୍କ ମଧ୍ୟରୁ ଜଣେ ଗର୍ଭବତୀ ଥିଲେ। ଫ୍ରାନ୍ସ ଉପକୂଳ ଡୋଭର ନିକଟରେ ଜୀବନ ରକ୍ଷକ ଜ୍ୟାକେଟ ପିନ୍ଧାଇ ଦୁଇଜଣଙ୍କୁ ଉଦ୍ଧାର କରାଯାଇଛି। ଫ୍ରାନ୍ସର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଏହି ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ଜଣେ ଇରାକ ଓ ଅନ୍ୟ ଜଣେ ସୋମାଲିଆ ନାଗରିକ ବୋଲି ଜଣାପଡ଼ିଛି। ଏହି ବୋଟ୍ ବୁଡ଼ିକୁ ଚ୍ୟାନେଲରେ ସବୁଠୁ ଘାତକ ଦୁର୍ଘଟଣା ବୋଲି ୨୦୧୪ରୁ ଏ ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଥିବା ଅନ୍ତର୍ଜାତୀୟ ପ୍ରବାସୀ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଏହି ପ୍ରସଙ୍ଗରେ ମୁହାଁମୁହିଁ ହୋଇଛନ୍ତି ବ୍ରିଟେନ ଓ ଫ୍ରାନ୍ସ।

ଇଂଲିଶ ଚ୍ୟାନେଲରେ ୨୭ ଜଣ ସଳିଳ ସମାଧି ନେବା ପରେ ଫ୍ରାନ୍ସ ଓ ବ୍ରିଟେନ ପରସ୍ପର ଉପରେ ଦୋଷ ଲଦିବାରେ ଲାଗିଛନ୍ତି। ଫ୍ରାନ୍ସ ଗୃହମନ୍ତ୍ରୀ ଗେରାଲ୍ଡ ଡର୍ମାନିନ୍ କହିଛନ୍ତି, ସଦ୍ୟ ଦୁର୍ଘଟଣା ପରେ ୫ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଜଳପଥରେ ପ୍ରବାସୀ ସ୍ଥାନାନ୍ତର ହେବା ଏକ ଅନ୍ତର୍ଜାତୀୟ ସମସ୍ୟା। ବ୍ରିଟେନର ଆପ୍ରବାସନ ପରିଚାଳନା ନୀତି ଖରାପ। ଫ୍ରାନ୍ସ ଓ ବ୍ରିଟେନ ଉପକୂଳ ଦେଇ ଅତିକ୍ରମ କରୁଥିବା ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏଦିଗରେ ଅଧିକ ଯତ୍ନଶୀଳ ହେବା ଆବଶ୍ୟକ। ସେହିପରି ବ୍ରିଟେନ ଗୃହ ସଚିବ ପ୍ରୀତି ପଟେଲ ଗେରାଲ୍ଡଙ୍କ ସହ ଏହି ଟ୍ରାଜେଡି ସମ୍ପର୍କରେ ଆଲୋଚନା କରିଛନ୍ତି। ଇଂଲଣ୍ଡର ଦକ୍ଷିଣ ଉପକୂଳରେ କ୍ରମାଗତ ଭାବେ ପ୍ରବାସୀମାନେ ପହଞ୍ଚୁଥିବାର ଦୃଶ୍ୟ ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତାକୁ ସୂଚାଉଛି ବୋଲି ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୁହାଯାଇଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କହିଛନ୍ତି, ୟୁକେ ଏବଂ ଫ୍ରାନ୍ସ ଏ ଦିଗରେ ଅଧିକ ପଦକ୍ଷେପ ନିଆଯିବା ଉପରେ ସହମତ ହୋଇଥିଲେ। କିନ୍ତୁ ଫ୍ରାନ୍ସର ଅବହେଳା ଯୋଗୁ ସ୍ଥିତିରେ ସୁଧାର ଆସୁନାହିଁ। ସଦ୍ୟ ଦୁର୍ଘଟଣା ପରେ ଫ୍ରେଞ୍ଚ୍ ଚ୍ୟାନେଲ ଉପକୂଳରେ ମିଳିତ ପାଟ୍ରୋଲିଂ ନେଇ ଫ୍ରାନ୍ସ ନୂଆ ବାଟ ଖୋଜିବା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ ଏଭଳି ଦୁଃଖଦ ସ୍ଥିତିକୁ ନେଇ ରାଜନୀତି କରାଯିବା ଅନୁଚିତ ବୋଲି ଜନ୍‌ସନ୍‌ଙ୍କୁ ପରାମର୍ଶ ଦେଇଛନ୍ତି।



ଇଂଲଣ୍ଡର ଦକ୍ଷିଣପୂର୍ବ ଉପକୂଳରେ ବୁଧବାର ଇଂଲିଶ ଚ୍ୟାନେଲ ଅତିକ୍ରମ କରୁଥିବା ପ୍ରବାସୀମାନଙ୍କୁ ରୟାଲ ନ୍ୟାଶନାଲ ଲାଇଫ୍‌ବୋଟ୍ ଇନ୍‌ଷ୍ଟିଚ୍ୟୁଶନ୍ (ଆର୍‌ଏନ୍‌ଏଲ୍‌ଆଇ) ପକ୍ଷରୁ ଉଦ୍ଧାର କରାଯାଉଛି।

ଇଂଲିଶ ଚ୍ୟାନେଲରେ ବୋଟ୍ ବୁଡ଼ି ୨୭ ପ୍ରବାସୀଙ୍କ ମୃତ୍ୟୁ ଘଟିବାର ଦିନକ ପରେ ଏହି ଜଳପଥ ଦେଇ ଯାତାୟାତ ବୃଦ୍ଧି ପାଇଛି। ଗୁରୁବାର ପ୍ରାୟ ୪୦ ପ୍ରବାସୀଙ୍କୁ ଲାଇଫ୍‌ବୋଟ୍ ଚ୍ୟାରିଟି ଆର୍‌ଏନ୍‌ଏଲ୍‌ଆଇ ପକ୍ଷରୁ ଡୋଭରକୁ ଅଣାଯାଇଛି। ଇଂଲିଶ ଚ୍ୟାନେଲର ପାଣି ଅତ୍ୟନ୍ତ ଥଣ୍ଡା ରହିଥିବାବେଳେ ଖୁବ୍ ଜୋର୍‌ରେ ପବନ ବହୁଛି। ଏହାସତ୍ତ୍ୱେ ବ୍ରିଟେନକୁ ଯିବା ପାଇଁ ପ୍ରବାସୀଙ୍କ ମଧ୍ୟରେ ଆଗ୍ରହ କମୁନାହିଁ। ମୃତ ପ୍ରବାସୀଙ୍କ ପରିଚୟ ସ୍ପଷ୍ଟ କରିବା ଲାଗି ଉଦ୍ୟମ ଚାଲିଛି। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ବିନା କାଗଜପତ୍ରରେ ଯାତ୍ରା କରୁଥିବାରୁ ଏହା ସହଜ ହୋଇ ନ ପାରେ।

ସବୁଠୁ ବଡ଼ ପ୍ରଶ୍ନ ହେଉଛି ଚ୍ୟାନେଲରେ ପ୍ରବାସୀମାନଙ୍କ ବୋଟ୍ କାହିଁକି ବୁଡ଼ିଲା। ବୋଟ୍‌ରେ କ'ଣ ଧାରଣ କ୍ଷମତାଠାରୁ ଅଧିକ ଯାତ୍ରୀ ଥିଲେ, ସ୍ରୋତ ବେଶି ପ୍ରଖର ଥିଲା ନା ଚ୍ୟାନେଲ ଅତିକ୍ରମ କରୁଥିବା ଅନ୍ୟ ଏକ ଜାହାଜ ଏହାକୁ ଧକ୍କା ଦେଇଥିଲା। ତେବେ ଫ୍ରାନ୍ସ ଅଧିକାରୀମାନଙ୍କ ମତରେ ବୋଟ୍ ଦୁର୍ବଳ ଥିଲା। ପୂର୍ବ ବର୍ଷଗୁଡ଼ିକରେ ଶରତଋତୁରେ ପ୍ରବାସୀମାନେ ଚ୍ୟାନେଲ ଦେଇ ପାରିହେବା ହ୍ରାସ ପାଇଥାଏ। କିନ୍ତୁ ଚଳିତବର୍ଷ ସେପରି ଦେଖିବାକୁ ମିଳିନାହିଁ। ଏହି ଜଳପଥ ଚାଲାଣକାରୀଙ୍କ ପାଇଁ ଅର୍ଥ ଉପାର୍ଜନର ଲୋଭନୀୟ ମାଧ୍ୟମ ପାଲଟିଛି।

ବ୍ରିଟେନ ୨୦୨୧-୨୨ରେ ଫ୍ରାନ୍ସକୁ ଉପକୂଳରେ ପୋଲିସ ପାଟ୍ରୋଲିଂ, ଆକାଶମାର୍ଗରୁ ସର୍ଭିଲାନ୍ସ ବ୍ୟବସ୍ଥା ଓ ବନ୍ଦରଗୁଡ଼ିକରେ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୫୪ ନିୟୁତ ପାଉଣ୍ଡ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛି। ମାକ୍ରଁ କହିଛନ୍ତି, ଫ୍ରାନ୍ସ ଏହି ଚ୍ୟାନେଲକୁ ସମାଧିରେ ପରିଣତ ହେବାକୁ ଦେବନାହିଁ। ୨୦୨୧ରେ ଉତ୍ତର ଫ୍ରାନ୍ସରେ ୪୪ ସ୍ମଗଲର ନେଟ୍‌ୱର୍କର ପର୍ଦ୍ଦାଫାଶ କରି ୧,୫୫୨ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଏହାସତ୍ତ୍ୱେ ଚଳିତବର୍ଷ ୪୭,୦୦୦ ଥର ଚ୍ୟାନେଲ ଅତିକ୍ରମ ଉଦ୍ୟମ ହୋଇଛି। ମୋଟ ୭,୮୦୦ ପ୍ରବାସୀଙ୍କୁ ଉଦ୍ଧାର କରାଯାଇଛି।

## ନେପାଳ, ବାଂଲାଦେଶ ବିକାଶଶୀଳ ରାଷ୍ଟ୍ର

**ଜାତିସଂଘ ସାଧାରଣ ସଭାରେ ପ୍ରସ୍ତାବ ଗୃହୀତ**

**ଢାକା, ୨୫।୧୧(ପି.ଟି.):** ଅନୁନ୍ନତ ରାଷ୍ଟ୍ର ବର୍ଗରେ ଥିବା ନେପାଳ, ବାଂଲାଦେଶ ସମେତ ୩ଟି ଦେଶକୁ ବିକାଶଶୀଳ ରାଷ୍ଟ୍ର କ୍ରମରେ ରଖିବା ଲାଗି ଜାତିସଂଘ ସାଧାରଣ ସଭାରେ ଏକ ଐତିହାସିକ ପ୍ରସ୍ତାବ ଗୃହୀତ ହୋଇଛି। ବିକାଶଶୀଳ ରାଷ୍ଟ୍ର ବର୍ଗରେ ସାମିଲ ହେବାକୁ ଯାଉଥିବା ତୃତୀୟ ଦେଶ ହେଲା ଲାଓ ପିପୁଲ୍ସ ଡେମୋକ୍ରାଟ୍ ରିପବ୍ଲିକ୍। ଏହି ଦେଶଗୁଡ଼ିକର ବିକାଶ କାର୍ଯ୍ୟକ୍ରମ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବା ସ୍ପଷ୍ଟ ହୋଇଛି। ବାଂଲାଦେଶକୁ ବିକାଶଶୀଳ ରାଷ୍ଟ୍ର ବର୍ଗରେ ନେବା ଲାଗି ନିଷ୍ପତ୍ତି ହୋଇଥିବାରୁ ଦେଶ ସ୍ୱାଧୀନତାର ୫୦ତମ ବାର୍ଷିକୀରେ ଜାତୀୟ ଆଶା ଆକାଂକ୍ଷା ଓ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସ୍ୱପ୍ନ ପୂରଣ ହୋଇଥିବା ଜାତିସଂଘରେ ବାଂଲାଦେଶର ସ୍ଥାୟୀ ପ୍ରତିନିଧି ରବାବ ଫତିମା ଟୁଇଟ୍ କରିଛନ୍ତି। ଏଥିପାଇଁ ସେ ଜାତିସଂଘ ସାଧାରଣ ସଭାର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜାତିସଂଘ ବିକାଶ ନୀତି କମିଟି ରିପୋର୍ଟ ଅନୁଯାୟୀ ସମ୍ପ୍ରତି ୪୬ଟି ଦେଶ ଅନୁନ୍ନତ ରାଷ୍ଟ୍ର ତାଲିକାରେ ରହିଛି।

## ଇଣ୍ଟରପୋଲ୍ କମିଟିକୁ ଭାରତୀୟ ନିର୍ବାଚିତ

**ନୂଆଦିଲ୍ଲୀ, ୨୫।୧୧:** ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ପ୍ରବୀଣ ସିହ୍ନା ଗୁରୁବାର ଏସିଆ ମହାଦେଶରୁ ଇଣ୍ଟରପୋଲ କାର୍ଯ୍ୟକାରିଣୀ କମିଟିକୁ ପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି। ଦୁଇଟି ପଦବୀ ପାଇଁ ହୋଇଥିବା ନର୍ବାଚନରେ ଚାଇନା, ସିଙ୍ଗାପୁର, ରିପବ୍ଲିକ୍ ଅଫ୍ କୋରିଆ ଏବଂ ଜୋର୍ଡାନରୁ ପ୍ରାର୍ଥୀ ହୋଇଥିଲେ। ଇସ୍ତାନବୁଲଠାରେ ଇଣ୍ଟରପୋଲର ୮୯ତମ ସାଧାରଣ ସଭା ଚାଲିଥିବାବେଳେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା।


**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍ ସଂକ୍ରାନ୍ତୀୟ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ପାଇଁ ଶୁଦ୍ଧିପତ୍ର**

କେଭିକେ ନୀଳାଚଳ ପାୱାର ପ୍ରା. ଲିଃର ୱେବ୍‌ସାଇଟ୍ - www.kgsip.com; www.kvknilachalpower.com; ଏବଂ www.right2vote.inରେ ତା୨୭।୦୯।୨୦୨୧ରିଖ ଦିନ ଅପଲୋଡ୍ କରାଯାଇଥିବା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ସନ୍ଦର୍ଭରେ ତଥା ସମ୍ଭାବ୍ୟ ବିଡରମାନଙ୍କଠାରୁ ପ୍ରାପ୍ତ ଅନୁରୋଧକ୍ରମେ ତଥା ମାମଲାର ପରବର୍ତ୍ତୀ ପରୀକ୍ଷଣ ପରେ, ଉପଧାରା ୧୨ (କେ)ରୁ "ଇ-ନିଲାମ ଆବେଦନକାରୀ/ବିଡରମାନଙ୍କର ଅମାନତ ଜମା ରାଶି ଜବତ" ସମ୍ବନ୍ଧୀୟ ନିମ୍ନଲିଖିତକୁ ବିଲୋପ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

"ଯଦି ଇ-ନିଲାମ ଅଂଶଗ୍ରହଣକାରୀ(ମାନେ) ପ୍ରସ୍ତାବିତ ବିଡ୍ ନିମନ୍ତେ ଆବଶ୍ୟକ ଯୋଗ୍ୟତା ଦସ୍ତାବିଜ ଏବଂ ଇଏମ୍‌ଡି ଜମା କରିବା ପରେ ବିଡିଂ ପ୍ରକ୍ରିୟାରୁ ଓହରିଯାଆନ୍ତି (ପୋର୍ଟାଲରେ ବିଡ୍ ଦାଖଲ ପାଇଁ ଲଗିନ୍ ଓ ପାସୱାର୍ଡ ଆବଣ୍ଟିତ ହେବା ପୂର୍ବରୁ ହେଉ କିମ୍ବା ପରେ) କିମ୍ବା ଇ-ନିଲାମ ପୋର୍ଟାଲରେ ବିଡ୍ ନ କରନ୍ତି।"

ସମସ୍ତ ସମ୍ଭାବ୍ୟ ବିଡରଙ୍କୁ ଉପରୋକ୍ତ ମାମଲାକୁ ଧ୍ୟାନରେ ରଖିବା ପାଇଁ ଅନୁରୋଧ।

ଶୁଦ୍ଧିପତ୍ରର ପ୍ରତିଲିପି ୱେବ୍‌ସାଇଟ୍ www.kgsip.com; www.kvknilachalpower.com; ଏବଂ www.right2vote.inରେ ମଧ୍ୟ ଅପଲୋଡ୍ କରାଯାଇଛି।

Sd./-
ରାଜେନ୍ଦ୍ର ପ୍ରସାଦ ଟାକ
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
ତାରିଖ: ୨୬ ନଭେମ୍ବର, ୨୦୨୧ ମୋ.- ୦୯୩୧୩୧୦୨୫୫୨












## ରୁଷିଆ କୋଇଲା ଖଣିରେ ନିଆଁ: ୧୧ ମୃତ

**ମସ୍କୋ, ୨୫।୧୧**

ରୁଷିଆର ସାଇବେରିଆରେ ଥିବା ଏକ କୋଇଲା ଖଣିରେ ଗୁରୁବାର ନିଆଁ ଲାଗି ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନ୍ୟ କେତେଜଣ ଖଣି ଭିତରେ ଫସିରହିଥିବା ଜଣାପଡ଼ିଛି। କେମେରୋଭୋ ଅଞ୍ଚଳର ଲିସ୍‌ଭ୍ୟାଝନାୟା ଖଣିର କୋଇଲା ଗୁଣ୍ଡରେ ନିଆଁ ଲାଗିଯିବାରୁ ଖଣିରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ସେହି ସମୟରେ ଖଣି ଭିତରେ ୨୮୫ ଜଣ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ୨୩୯ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ୪୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟମାନଙ୍କୁ ବାହାର କରିବା ଲାଗି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୁରକ୍ଷା ନିୟମ ଉଲ୍ଲଂଘନ ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଦୁର୍ଘଟଣା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।



## ତ୍ରିପୁରା ପୌର ନିର୍ବାଚନ: ୭୫% ମତଦାନ

**ଅଧିକ ୨ କମ୍ପାନୀ କେନ୍ଦ୍ରୀୟ ବଳ ପଠାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ଅଗରତାଲା, ୨୫।୧୧(ଆଇଏଏନ୍‌ଏସ୍)**

ଭାଜପା ଶାସିତ ତ୍ରିପୁରାରେ କାଁଭାଁ ରାଜନୈତିକ ହିଂସା ମଧ୍ୟରେ ଗୁରୁବାର ପୌର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟା ସୁଦ୍ଧା ୭୫.୦୪ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ଅଗରତାଲା ମ୍ୟୁନିସିପାଲ କର୍ପୋରେଶନ ଓ ୧୯ଟି ପୌରସଂସ୍ଥା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ୫ ଜିଲାର ୭ ପୌରସଂସ୍ଥାରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିସାରିଛି। ମୋଟ ୩୩୪ ଆସନ ମଧ୍ୟରୁ ୧୧୨ଟିରେ ଭାଜପା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲା। ଗୁରୁବାର ଅଗରତାଲାର ୫୧ ଆସନ, ୭ ପୌର ପରିଷଦ ଓ ୬ ନଗର ପଞ୍ଚାୟତର ୧୭୧ ଆସନରେ ଭୋଟ ହୋଇଛି। ୨୨୨ ଆସନ ଲାଗି ଭାଜପା, ବାମଦଳ, ତୃଣମୂଳ କଂଗ୍ରେସ ଏବଂ କଂଗ୍ରେସରୁ ୭୮୫ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ୨୮ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

ତ୍ରିପୁରା ହିଂସା ଘଟଣାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଅତିରିକ୍ତ ୨ କମ୍ପାନୀ ଅର୍ଦ୍ଧସାମରିକ ବଳ ପଠାଇବା ଲାଗି ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ବୁଥ୍‌ରେ ସିସିଟିଭି କ୍ୟାମେରା ନ ଥିବାରୁ ଗଣମାଧ୍ୟମଗୁଡ଼ିକ ଉକ୍ତ ଭୋଟ କେନ୍ଦ୍ର ଉପରେ ନଜର ରଖି ରିପୋର୍ଟ ସଂଗ୍ରହ କରିବା ଲାଗି ସର୍ବୋଚ୍ଚ ଅଦାଲତ କହିଛନ୍ତି। କୌଣସି ଅପ୍ରୀତିକର ସ୍ଥିତି ଉପୁଜିଲେ ପୋଲିଂ ଅଧିକାରୀ ସିଏପିଏଫ୍ ଅଧିକାରୀଙ୍କ ସହାୟତା ନେଇପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଖୁର୍ସିଦଙ୍କ ପୁସ୍ତକ ନିଷେଧ ଆବେଦନ ଖାରଜ

**ଭାବାବେଗକୁ ଆଘାତ ଲାଗୁଥିଲେ ବହି ପଢ଼ନାହିଁ: ହାଇକୋର୍ଟ**

**ନୂଆଦିଲ୍ଲୀ, ୨୫।୧୧**

ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦଙ୍କ ନୂତନ ପୁସ୍ତକକୁ ନିଷେଧ କରିବା ଲାଗି ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଭାବାବେଗକୁ ଆଘାତ ଲାଗୁଥିଲେ ଉକ୍ତ ପୁସ୍ତକ ନ ପଢ଼ି ଅଲଗା କିଛି ପଢ଼ିବା ଲାଗି ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ନିକଟରେ ପ୍ରକାଶିତ ଖୁର୍ସିଦଙ୍କ ପୁସ୍ତକ 'ସନ୍‌ରାଇଜ୍ ଓଭର ଅଯୋଧ୍ୟା: ନେଶନହୁଡ୍ ଇନ୍ ଆୱାର ଟାଇମ୍ସ'ରେ ହିନ୍ଦୁତ୍ୱକୁ ଜିହାଦୀ ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଏବଂ ବୋକୋ ହାରାମ ସହ ତୁଳନା କରାଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ଭାବାବେଗକୁ ଆଘାତ ପହଞ୍ଚାଉଥିବା ଦର୍ଶାଇ ପୁସ୍ତକକୁ ନିଷେଧ କରିବା ଲାଗି ହାଇକୋର୍ଟରେ ଆବେଦନ କରାଯାଇଥିଲା। ବହି ନ କିଣିବା ଏବଂ ନ ପଢ଼ିବା ପାଇଁ ଲୋକମାନଙ୍କୁ କାହିଁକି କହୁନାହଁ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ। ଏହି ପୁସ୍ତକରେ ଖରାପ ଲେଖା ହୋଇଛି, ଏହାକୁ ନ ପଢ଼ିବା ଲାଗି ଲୋକମାନଙ୍କୁ ବୁଝାଅ। ଯଦି ଭାବାବେଗକୁ ଆଘାତ ଲାଗୁଛି, ସେମାନେ ଅନ୍ୟ କିଛି ପଢ଼ିପାରିବେ ବୋଲି ହାଇକୋର୍ଟ କହିଛନ୍ତି।

ମତବ୍ୟକ୍ତ ଓ ଅଭିବ୍ୟକ୍ତି ସ୍ୱାଧୀନତା ନିରଙ୍କୁଶ ନୁହେଁ। ଅନ୍ୟର ଭାବନା ଉପରେ ହସ୍ତକ୍ଷେପ କରିବା ଅଧିକାର କାହାର ନାହିଁ। ଏହା ଅନୁଚ୍ଛେଦ ୧୯ର ଉଲ୍ଲଂଘନ ବୋଲି ଆବେଦନକାରୀ ହାଇକୋର୍ଟଙ୍କୁ ଜଣାଇଥିଲେ। ଅଦାଲତ କହିଥିଲେ, ସମ୍ପୂର୍ଣ୍ଣ ପୁସ୍ତକ ନୁହେଁ, ଏଥିରେ ଥିବା କିଛି ଅଂଶକୁ ନେଇ ବିବାଦ ଦେଖାଦେଇଛି। ପ୍ରକାଶକଙ୍କ ଲାଇସେନ୍ସ ରଦ୍ଦ ଲାଗି ଆବେଦନ କରିଥିଲେ ଅଲଗା ହୋଇଥାନ୍ତା ବୋଲି ଖଣ୍ଡପୀଠ କହିଥିଲେ।







## ଭିଜିଲାନ୍ସ ଚଢ଼ାଉ, ୩ ଟ୍ରକ୍ ଜବତ

ଧର୍ମଶାଳା,(ଡି.ଏନ.ଏ.): ଜଙ୍ଗଲ ଜମିରୁ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ପରିବହନ ସମୟରେ ଓଡ଼ିଶା ଭିଜିଲାନ୍ସ ବିଭାଗର ଜଙ୍ଗଲ ଶାଖା ପକ୍ଷରୁ ଧର୍ମଶାଳା ଅଞ୍ଚଳରେ ଗୁରୁବାର ଚଢ଼ାଉ କରାଯାଇ ୧୮ ଘନମିଟର କଳାପଥର, ୨୩୦ ସିଏଫ୍‌ଟି ବାଲି ଓ ୩ ଟ୍ରକ୍ ଜବତ କରାଯାଇଛି। ବିଭାଗ ପକ୍ଷରୁ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ନିକଟରୁ ବିନା କାଗଜପତ୍ରରେ ଯାଉଥିବା ଏକ ବାଲି ବୋଝେଇ ଟ୍ରକକୁ ଜବତ କରାଯାଇଥିଲା। ସେହିପରି କଣ୍ଟିଗଡ଼ିଆ ନିକଟରୁ କଳାପଥର ବୋଝେଇ କରି ଯାଉଥିବା ୨ଟି ଟ୍ରକକୁ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଜବତ କରାଯାଇଥିଲା। ଜବତ ଗାଡ଼ିଗୁଡ଼ିକୁ ଚଣ୍ଡିଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିବା ସୂଚନା ମିଳିଛି।

# କାମ ନ କରି ୬୩ ଲକ୍ଷ ଟଙ୍କାର ବିଲ୍

ପଟ୍ଟାମୁଣ୍ଡାଇ,୨୫।୧୧(ସ୍ୱ.ପ୍ର.)



ପଟ୍ଟାମୁଣ୍ଡାଇରୁ ରାଜନଗର ଯାଇଥିବା ରାସ୍ତାରେ ଖାଲଖମା।

- ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗରେ ବ୍ୟାପକ ଜାଲିଆତି
- ବିଭାଗୀୟ ଅଧିକାରୀ ଠିକାଦାରଙ୍କ ମଧୁଚନ୍ଦ୍ରିକା

ରାଜ୍ୟ ସରକାର କୋଭିଡ୍ ଗାଇଡ୍ ଲାଇନ୍‌କୁ କଡ଼ାକଡ଼ି ଲାଗୁ କରିବା ସହ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକୁ ବନ୍ଦ ରଖିଥିଲେ। ହେଲେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସବ୍‌ଡିଭିଜନରେ ରାସ୍ତା ନିର୍ମାଣ ଓ ମରାମତି କରାଯାଇଥିବା କାଗଜପତ୍ରରେ ଦର୍ଶାଯାଇଛି। ୨୦୨୦-୨୧ଆର୍ଥିକ ବର୍ଷରେ ବିଭିନ୍ନ କାମ ଆଳରେ ୬୩,୨୯,୩୧୫ ଟଙ୍କା ହରିଲୁଟ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ କଳ୍ପତରୁ ନାୟକ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନ-୧ ନିର୍ବାହୀ ଯନ୍ତ୍ରୀଙ୍କୁ ମାଗିଥିବା ତଥ୍ୟକୁ ଆଧାର କରି ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ତାହା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେବ। ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ବ୍ରାହ୍ମଣୀ ନଦୀ ବନ୍ୟା ନିରୋଧକ ବନ୍ଧର ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ କରାଯାଇଛି ଏଭଳି କେଳେଙ୍କାରୀ। ରାସ୍ତାର ଶୂନ୍ୟ କିମି ପଟ୍ଟାମୁଣ୍ଡାଇ ବାଇପାସଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାରେ ହୋଇଛି ଏଭଳି ଠକେଇ। ଗୋଟିଏ ମାତ୍ର ପ୍ରକଳ୍ପ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ହୋଇଛି। ଅନ୍ୟସବୁ କାର୍ଯ୍ୟ ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସ୍ପିଟଅପ କାମ ଜରିଆରେ ଠିକାଦାରି ଦିଆଯାଇଛି। ଏହି କାର୍ଯ୍ୟକୁ ବିଭାଗୀୟ ଭାବେ କରାଯାଇଥିବା ଦର୍ଶାଯାଇଛି। ଏହି ସବୁକାର୍ଯ୍ୟ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାର ଫଳ ବୋଲି ଅଭିଯୋଗ ହୋଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ପଟ୍ଟାମୁଣ୍ଡାଇ ବଜାର ଶୂନ୍ୟ କିମିଠାରୁ ୪ କିମି ଅଲଭା ପର୍ଯ୍ୟନ୍ତ ବିଭାଗୀୟ ଟେଣ୍ଡର ମାଧ୍ୟମରେ ୧୫,୧୭,୪୦୧ ଟଙ୍କା ଖର୍ଚ୍ଚ କରାଯାଇ ୪।୯।୨୦ରେ ବିଲ୍ ପୈଠ ହୋଇଛି। କିନ୍ତୁ ଏହି ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଆଣ୍ଠୁଏ ଲେଖାଏ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତ ଠପ ହୋଇଛି। ସେହିପରି ଏହି ରାସ୍ତାର ୬.୩୦୦ କିମିଠାରୁ ୬.୫୩୦ କିମି ୨୩୦ ମିଟର ରାସ୍ତାର ମରାମତି ପାଇଁ ୨,୫୯,୦୫୬ ଟଙ୍କା ଖର୍ଚ୍ଚ ହୋଇଛି। ୨୧।୧।୨୧ରେ ବିଲ୍ ପୈଠ କରାଯାଇଛି। ଏହି ରାସ୍ତାର ୮.୫୧୦ଠାରୁ ୮.୭୪୦ କିମି ୨୩୦ ମିଟର ରାସ୍ତା ମରାମତି ପାଇଁ ୨,୫୯,୬୬୬ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୧୮।୧।୨୧ରେ ବିଲ୍ ପୈଠ ହୋଇଛି। ଅନ୍ୟପକ୍ଷରେ ଏହି ରାସ୍ତାର ୯କିମିଠାରୁ ୯.୨୩୦ କିମି ପର୍ଯ୍ୟନ୍ତ ୨୩୦ ମିଟର ରାସ୍ତାକୁ ମରାମତି କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୨,୯୬,୧୦୦ ଟଙ୍କା ଖର୍ଚ୍ଚ କରାଯାଇ ୧୬।୧।୨୧ରେ ବିଲ୍ ପୈଠ ହୋଇଛି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ପାସ ପର ପେମେଣ୍ଟ ଅର୍ଡର କରାଯାଇ ନ ଥିବା ଓ ଦସ୍ତଖତ ନ ଥିବା ଜଣାପଡ଼ିଛି। ପୁଣି ରାସ୍ତାର ୬.୭୬୦ ଠାରୁ ୬.୯୮୦ କିମି ପର୍ଯ୍ୟନ୍ତ ୨୨୦ ମିଟର ରାସ୍ତା ମରାମତି ପାଇଁ ୨,୨୮,୨୦୫ ଟଙ୍କା ବ୍ୟୟ କରାଯାଇ ୧୨।୨।୨୧ରେ ବିଲ୍ କରାଯାଇଛି। ଉକ୍ତ ରାସ୍ତାର ୫.୦୨୦ ଠାରୁ ୫.୨୫୦ କିମି ପର୍ଯ୍ୟନ୍ତ ୨୩୦ ମିଟର ରାସ୍ତା ମରାମତି ପାଇଁ ୨,୬୨,୫୨୬ ଟଙ୍କା ଖର୍ଚ୍ଚ ଦର୍ଶାଯାଇ ୧୬।୧।୨୧ରେ ବିଲ୍ ହୋଇଛି। ରାସ୍ତାର ୭.୬୫୫ଠାରୁ ୮.୦୫୦ କିମି ପର୍ଯ୍ୟନ୍ତ ୪୦୦ ମିଟର ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ୪ ଲକ୍ଷ ୫,୪୫୮ ଟଙ୍କାର ବିଲ ୧।୨।୨୧ରେ ପୈଠ ହୋଇଛି। ଏହି ରାସ୍ତାର ୧୬ ଠାରୁ ୨୦ କିମି ୪ କିମି ରାସ୍ତାପାର୍ଶ୍ୱରେ ଥିବା ଗଛ ଗଣ୍ଡିରେ ଓ ପୋଲରେ ରଙ୍ଗ ଦେବାକୁ ବିଭାଗ ଖର୍ଚ୍ଚ କରିଛି ୨,୪୯,୮୧୦ ଟଙ୍କା। ଏହାର ବିଲ୍ ୧୮।୧୨।୨୦ରେ କରାଯାଇଛି। ସେହିପରି ରାସ୍ତାର ୯.୫୦୦ଠାରୁ ୯.୭୩୦ କିମି ପର୍ଯ୍ୟନ୍ତ ୨୩୦ ମିଟର ରାସ୍ତା ମରାମତି ପାଇଁ ବିଭାଗ ପକ୍ଷରୁ ୨,୬୩,୩୧୨ ଟଙ୍କା ଖର୍ଚ୍ଚ କରାଯାଇ ୩୦।୧।୨୧ରେ ବିଲ୍ ହୋଇଛି। ଏହି ରାସ୍ତାର ୯.୨୪୦ଠାରୁ ୯.୪୭୦ କିମି ୨୩୦ ମିଟର ନିର୍ମାଣ ପାଇଁ ୨,୯୯,୩୬୧ ଟଙ୍କା ବ୍ୟୟରେ ୨୭।୧।୨୧ରେ ବିଲ୍ ପୈଠ ହୋଇଛି। ଏହି ରାସ୍ତାର ୬.୫୩୦ଠାରୁ ୬.୭୬୦ କିମି ଯାଏ ୨୩୦ ମିଟର କାର୍ଯ୍ୟ ପାଇଁ ୫।୨।୨୧ରେ ୨,୫୨,୫୭୪ ଟଙ୍କା ବିଭାଗ ବିଲ୍ କରାଯାଇଛି। ରାସ୍ତାର ୮.୦୫୦ଠାରୁ ୮.୨୮୦ କିମି ପର୍ଯ୍ୟନ୍ତ ୨୩୦ ମିଟର ବାବଦରେ ୨,୬୧,୫୨୨ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୧୯।୧।୨୧ରେ ବିଲ୍ ହୋଇଛି। ରାସ୍ତାର ୧୧.୭୦୦ଠାରୁ ୧୧.୯୩୦ କିମି ପର୍ଯ୍ୟନ୍ତ ୨୩୦ ମିଟର ରାସ୍ତାର ମରାମତି ପାଇଁ ୨,୨୩,୧୬୧ ଟଙ୍କା ବ୍ୟୟ କରାଯାଇ ୩।୨।୨୧ରେ ବିଲ୍ ପୈଠ ହୋଇଛି। ଏହି ରାସ୍ତାର ୫.୭୭୦ ଠାରୁ ୬ କିମି ପର୍ଯ୍ୟନ୍ତ ୨୩୦ ମିଟର କାର୍ଯ୍ୟ ପାଇଁ ଏଫଡିଆର ଅନୁଦାନ ଅର୍ଥରେ ବିଭାଗ ୨,୬୨,୩୫୯ ଟଙ୍କା ଖର୍ଚ୍ଚ କରି ୨୦।୧।୨୧ରେ ବିଲ୍ ପୈଠ କରିଛି। ପୁଣି ରାସ୍ତାର ୪ ଠାରୁ ୪.୫୧୦ କିମି ପର୍ଯ୍ୟନ୍ତ ୫୧୦ ମିଟର ମରାମତି ପାଇଁ ୪,୧୭, ୬୩୮ ଟଙ୍କା ଖର୍ଚ୍ଚ କରାଯାଇ ୧୨।୧।୨୧ରେ ବିଲ୍ କରାଯାଇଛି। ସେହିପରି ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ବ୍ରାହ୍ମଣୀ ବନ୍ୟା ନିରୋଧକ ବନ୍ଧ ଅଲଭା ଜଙ୍କସନ ସ୍କୋୟାରର ନିର୍ମାଣ ପାଇଁ ୮,୭୦,୬୩୫ ଟଙ୍କା ବିଭାଗ ଖର୍ଚ୍ଚ କରି ୨୮।୭।୨୦ରେ ବିଲ୍ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ରାସ୍ତାର ଆଶୁ ମରାମତି, ନିର୍ମାଣ ଓ ଅନ୍ୟ କାର୍ଯ୍ୟ ଦର୍ଶାଇ ମୋଟ ୬୩,୨୯,୩୧୫ ଟଙ୍କା ବିଭାଗ ଖର୍ଚ୍ଚ କରିଛି। କିନ୍ତୁ ଦୁଇବର୍ଷ ହେଲା ରାସ୍ତା ମରଣଯନ୍ତା ପାଲଟିଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ମଳୟ କୁମାର ଦାସ ଦାବି କରିଛନ୍ତି। ଏହା ବ୍ୟତୀତ କାର୍ଯ୍ୟ ଦିବସଗୁଡ଼ିକ ଅନୁଧ୍ୟାନ କଲେ ଲକ୍‌ଡାଉନ ବେଳେ ରାସ୍ତା କାମ ହୋଇଛି। ଘରୁ କେହି ବାହାରକୁ ଆସୁ ନ ଥିବା ବେଳେ କିପରି ରାସ୍ତା ନିର୍ମାଣ ହେଲା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଭାଗୀୟ ସହ ନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ନାୟକଙ୍କୁ ପଚାରିବାରେ ନିର୍ମାଣ କାମରେ ଅନିୟମିତତା ନାହିଁ। ତେବେ ଗାଡିମୋଟରର ଅତ୍ୟଧିକ ଭାଇବ୍ରେଶନ ଯୋଗୁ ମାଟି ସହ୍ୟ ନ କରି ରାସ୍ତାରେ ଖାଲଖମା ହୋଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୧୦ ଚୋରି ମୋଟର ଜବତ, ୧୧ ଗିରଫ

ଧର୍ମଶାଳା,୨୫।୧୧(ଡି.ଏନ.ଏ.): ଜେନାପୁର ଥାନା ପୋଲିସ କୁସୁନପୁର ମୌଜାର କ୍ରଶର ଓ ପିଚୁ ପ୍ଲାଣ୍ଟରୁ ଚୋରି ହୋଇଥିବା ୧୦ଟି ମୋଟର ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୧୧ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଳିଙ୍ଗନଗର ଥାନା ଖଣ୍ଡରା ଗ୍ରାମର ଚକରା ମୁଣ୍ଡା, ବାବୁଲି ମୁଣ୍ଡା, ଡଗର ମୁଣ୍ଡା, ବିଭୀଷଣ ଗାଗରାଇ, ସିପାହୀ ଗାଗରାଇ, ମଧୁ ସାଇଁଆ, ବୁଦ୍ଧରାମ ସଏ, ଲକ୍ଷ୍ମଣ ଗାଗରାଇ, ସତ୍ୟରାମ ଗାଗରାଇ, ତେଲେଙ୍ଗା ଗାଗରାଇ ଓ ବାରଗାଡିଆ ଗ୍ରାମର ଅନନ୍ତ ବାରିକ। ଚୋରି ସମ୍ପର୍କରେ କ୍ରଶର ମାଲିକ ଜଖପୁରା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୪୮/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ରୋଗୀଙ୍କୁ ଔଷଧ, ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁ: ବିଧାୟକ

ପଟ୍ଟାମୁଣ୍ଡାଇ,୨୫।୧୧(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲର ରୋଗୀଙ୍କୁ ସମସ୍ତ ଔଷଧ ଓ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁ ବୋଲି ରୋଗୀକଲ୍ୟାଣ ସମିତି ବୈଠକରେ ସମିତି ଅଧ୍ୟକ୍ଷ ତଥା ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର ନିଯୁକ୍ତି ଦିଆଯାଇଛି। ଆବଶ୍ୟକ ଅଧିକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ହସ୍ପିଟାଲର ଡ୍ରେନେଜ ସମସ୍ୟା, ପିଇବା ପାଣି, ରୋଗୀଙ୍କ ପାଇଁ ଗରମ ପାଣି ଓ ପରିବେଶ ନିର୍ମଳ ରଖିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା, ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟଚିକିତ୍ସାଧିକାରୀ ଡା ନିରାକାର ପରିଡା ,ରୋଗୀକଲ୍ୟାଣ ପରିଚାଳନା ସମିତି ସଦସ୍ୟ କିଶୋର ସାହୁ, ପୂର୍ବତନ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

### ଗରଦପୁର ବ୍ଲକରେ କୃଷକ ପ୍ରଶିକ୍ଷଣ ଶିବିର

ପାଟକୁରା,୨୫।୧୧(ଡି.ଏନ୍.ଏ.): ଗରଦପୁର ବ୍ଲକ କୃଷି ବିଭାଗର ଆତ୍ମା ସମ୍ମିଳନୀ କକ୍ଷରେ କୃଷକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆୟୋଜିତ ଶିବିରରେ ମୃତ୍ତିକା ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟରେ ବିଶେଷ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। ସାନଅଡ଼ଙ୍ଗା ପଞ୍ଚାୟତ ଅଧୀନ ବିଜିପୁର ଗାଁର ୩୦ ଜଣ ଅଗ୍ରଣୀ କୃଷକ ଏହି ଶିବିରରେ ସାମିଲ ହୋଇଥିଲେ। କୃଷକମାନେ ମନଇଚ୍ଛା ମାଟି ପରୀକ୍ଷା ନ କରି ବିଭିନ୍ନ ରାସାୟନିକ ସାର ଜମିରେ ପ୍ରୟୋଗ କରୁଥିବାରୁ ଜମିର ଗୁଣବତ୍ତା ନଷ୍ଟ ହେଉଛି। କୃଷକମାନେ ଆଶାନୁରୂପକ ଫସଲ ଅମଳ କରି ପାରୁନାହାନ୍ତି ବୋଲି ଜିଲା କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ଧୀର କହିଥିଲେ। ମାଟି ପରୀକ୍ଷା କରି ଆବଶ୍ୟକ ମୁତାବକ ରାସାୟନିକ ସାର ପ୍ରୟୋଗ କରିବାକୁ ସେ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। କୃଷକମାନେ କେବଳ କୃଷି ବିଭାଗର ଅଧିକାରୀମାନଙ୍କଠାରୁ ପରାମର୍ଶ ଗ୍ରହଣ କରି ରାସାୟନିକ ସାର ପ୍ରୟୋଗ କରିବାକୁ ବ୍ଲକ କୃଷି ଅଧିକାରିଣୀ ମଧୁସ୍ମିତା ଜେନା କହିଥିଲେ। ଅନ୍ୟତମ କୃଷି ଅଧିକାରୀ ଅମରେନ୍ଦ୍ର ସିଂ ଉନ୍ନତ ପ୍ରଣାଳୀରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ।

### ଜିଲା ସଂସ୍କୃତି, କଳାପରିଷଦର ଆଲୋଚନା ଚକ୍ର

ପାଣିକୋଇଲି,୨୫।୧୧(ଡି.ଏନ.ଏ.): ପାଣିକୋଇଲି ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଓଡ଼ିଶା ସଂସ୍କୃତି ଓ କଳାପରିଷଦ ଯାଜପୁର ଜିଲା ଶାଖା ପକ୍ଷରୁ ଗୁରୁବାର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅଧକ୍ଷ ଲକ୍ଷ୍ମୀଧର ସାହୁ , ମୁଖ୍ୟ ପୃଷ୍ଠପୋଷକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ କଳାକାର ସମାବେଶ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଡିସେମ୍ବର ୫ରେ ଏ ନେଇ ଚଣ୍ଡିଖୋଲ ମହାବିନାୟକଠାରେ ବୈଠକ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ରାଜ୍ୟ ନୃତ୍ୟ, ନାଟ୍ୟ, ସଙ୍ଗୀତ ଓ ନିର୍ଦ୍ଦେଶକଙ୍କ ରାଜ୍ୟ ସଭାପତି ଦାୟିତ୍ୱରେ ଥିବା ଚିତ୍ତରଞ୍ଜନ ଦାଶ ଓ ସଙ୍ଗଠନ ସମ୍ପାଦକ ତ୍ରିଲୋଚନ ବାରିକ, ସାଧାରଣ ସମ୍ପାଦକ ନିଶିକାନ୍ତ ରାଉଳ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

# ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା ଅଫିସ, ୨୫।୧୧



ମେଳାକୁ ବିଧାୟକ ଶଶିଭୂଷଣ ବେହେରା ଓ ଧ୍ରୁବ ସାହୁ ଉଦ୍‌ଘାଟନ କରୁଛନ୍ତି।

କରୋନା ସଂକ୍ରମଣ ପରେ ରାଜ୍ୟର ପ୍ରଥମ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା କେନ୍ଦ୍ରାପଡ଼ା ଜିଲାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ ଖେଳପଡ଼ିଆରେ ଓରମାସ୍ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ମେଳା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ୧୦୦ଟି ଷ୍ଟଲ ଖୋଲାଯାଇଛି। ଏହାକୁ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟନ କରିଛନ୍ତି। ଡିଆରଡିଏ ପିଡି ରାଜେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ବେହେରା, ରାଜନଗର ବିଧାୟକ ସାହୁ, ଜିଲା ପରିଷଦ ଅଧକ୍ଷ ମାନସ କୁମାର ପଣ୍ଡା, ଜିଲାପାଳ ଅମୃତ ଋତୁରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କହିଥିଲେ, କରୋନାରେ ଗ୍ରାମୀଣ ଉତ୍ପାଦ ଶିଳ୍ପକୁ ନଷ୍ଟ କରିଛି। ୨ ବର୍ଷ ଧରି ଗ୍ରାମୀଣ ଉତ୍ପାଦ ବିକ୍ରି ହୋଇନାହିଁ। ଫଳରେ ମହିଳାଙ୍କୁ ସ୍ୱାବଲମ୍ବୀ ହେବା କ୍ଷେତ୍ରରେ ପଛକୁ ନେଇଛି। ପଲ୍ଲିଶ୍ରୀ ମେଳା ଗ୍ରାମୀଣ ଉତ୍ପାଦର ପ୍ରଚାର ସହ ବିକ୍ରି ବ୍ୟବସ୍ଥା କରିଥାଏ। ୨୦୧୯ରେ ଜିଲାର ଆୟୋଜିତ ମେଳାରେ ୮୯ ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରୟ ହୋଇଥିଲା। ମେଳାରେ ହସ୍ତକର୍ମ ସହ ଗ୍ରାମୀଣ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳୁଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରା ସମସ୍ତ ବ୍ୟବସାୟୀ, ଗ୍ରାହକ, ଜିଲା ପ୍ରଶାସନ ଓ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ ସଭାକୁ ପଞ୍ଚାୟତ ବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲେ।

# ସମବାୟ କାର୍ଯ୍ୟାଳୟ, ବ୍ୟାଙ୍କରେ ତାଲା: ଚିନ୍ତାରେ ଚାଷୀ

ଆଳି,୨୫।୧୧(ଡି.ଏନ୍.ଏ.)

ରାଜ୍ୟ ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ୫ ଦଫା ଦାବି ପୂରଣ ନେଇ ଗତ ୧୪ ତାରିଖଠାରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ଆନ୍ଦୋଳନରେ ଆଳି ବ୍ଲକରେ ଥିବା ୧୧ଟି ସମବାୟ ସମିତିର କର୍ମଚାରୀମାନେ ୧୨ ଦିନ ହେବ ଆନ୍ଦୋଳନ ଜାରି ରଖିଛନ୍ତି। ଦୁଇଦିନ ହେବ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସି ବ୍ୟାଙ୍କ କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସେମାନେ ସମସ୍ତ କାର୍ଯ୍ୟକୁ ବନ୍ଦ କରି ଦେଇଛନ୍ତି। ପାଖାପାଖି ଦୁଇ ସପ୍ତାହ ହେବ ଆନ୍ଦୋଳନ ଜାରି ରହିଥିବାରୁ ଚାଷୀମାନେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଆସି ଫେରୁଛନ୍ତି। ଏଣୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଉଛି। ଚଳିତବର୍ଷ ବର୍ଷା ଅଭାବରୁ ବିଳମ୍ବରେ ଚାଷ ହୋଇଥିବା ବେଳେ ଲଗାଣ ବର୍ଷାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଚାଷଜମିରେ ପାଣି ଜମି ରହି ଧାନଗଛରେ ଗଜା ମାରିଲାଣି, ଯାହାକୁ ଦେଖି ଚାଷୀ ଚିନ୍ତାରେ ପଡ଼ିଛନ୍ତି। ୨୦୨୦ ଫସଲ ବୀମା ଟଙ୍କା ଚାଷୀଙ୍କୁ ଦେବା ନିମନ୍ତେ ଆସିଥିବା ବେଳେ ସମିତି କର୍ମଚାରୀ ଓ ବ୍ୟାଙ୍କ ବନ୍ଦ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମବାୟ ସମିତିର ସମସ୍ତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ସପ୍ତମ ବେତନ କ୍ରମେ ଦରମା ଓ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ମହଙ୍ଗା ଭତ୍ତା ସେମାନଙ୍କ ପାଇଁ ଲାଗୁ କରିବା ଆଦି ୫ ଦଫା ଦାବିରେ ସମବାୟ କାର୍ଯ୍ୟାଳୟର ସମ୍ପାଦକ, ସହସମ୍ପାଦକ ଆଦି ସମସ୍ତ କର୍ମଚାରୀ ସମବାୟ ସଂସ୍ଥାର କୌଣସି କାର୍ଯ୍ୟ ନ କରି ଆନ୍ଦୋଳନ ଜାରି ରଖିଛନ୍ତି।

## ପ୍ରକାଶ ପାଇଲା ସଂରକ୍ଷଣ ଚିଠା ପ୍ରସ୍ତାବ

### କେନ୍ଦ୍ରାପଡ଼ା ପୌର ନିର୍ବାଚନ

କେନ୍ଦ୍ରାପଡ଼ା ଅଫିସ, ୨୫।୧୧

ଆଗାମୀ ପୌର ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ପୌରାଞ୍ଚଳ ସୀମା ଓ ସଂରକ୍ଷଣ ସମ୍ପର୍କରେ ଚିଠା ପ୍ରସ୍ତାବ ଗୁରୁବାର ପ୍ରକାଶ ପାଇଛି। ଏ ନେଇ ଜିଲାପାଳ ଅମୃତ ଋତୁରାଜ ବିଜ୍ଞପ୍ତି ନଂ. ୧୨୧୫ରେ ପୌରାଞ୍ଚଳ ଅଧୀନ ୨୧ ୱାର୍ଡର ସଂରକ୍ଷଣ ତାଲିକା ପ୍ରକାଶ କରିଛନ୍ତି। ଏହି ବିଜ୍ଞପ୍ତି ଅନୁଯାୟୀ, ୧ ନଂ. ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ସେହିପରି ୨ ନଂ. ୱାର୍ଡ ପାଇଁ ପଛୁଆବର୍ଗ ମହିଳା, ୩ ନଂ. ପାଇଁ ଅନୁସୂଚିତ ଜନଜାତି ମହିଳା, ୪ ନଂ. ପାଇଁ ମହିଳା, ୫ ଓ ୬ ନଂ. ପାଇଁ ପଛୁଆବର୍ଗ, ୭ ଓ ୮ ନଂ. ପାଇଁ ମହିଳା, ୯ ନଂ. ପାଇଁ ଅନୁସୂଚିତ ଜାତି, ୧୦ ନଂ. ପାଇଁ ପଛୁଆବର୍ଗ ମହିଳା, ୧୧ ଓ ୧୨ନଂ. ପାଇଁ ମହିଳା, ୧୩ ନଂ. ପାଇଁ ଅଣସଂରକ୍ଷିତ, ୧୪ ନଂ. ପାଇଁ ମହିଳା, ୧୫ ନଂ. ପାଇଁ ପଛୁଆବର୍ଗ, ୧୬ ନଂ. ପାଇଁ ମହିଳା ଓ ୧୭ରୁ ୨୧ ନଂ. ୱାର୍ଡକୁ ଅଣସଂରକ୍ଷିତ ତାଲିକାରେ ରଖାଯାଇଛି। ଏ ନେଇ କାହାର ଆପତ୍ତି ଅଭିଯୋଗ କରିବାର ଥିଲେ ଡିସେମ୍ବର ୪ ମଧ୍ୟରେ ଆବେଦନ ପତ୍ର ଦେବାକୁ ଜିଲାପାଳ ଋତୁରାଜ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି।

## ନାବାଳିକା ଅପହରଣ ମାମଲାରେ ଦମ୍ପତି ଗିରଫ

ରସୁଲପୁର,୨୫।୧୧(ଡି.ଏନ.ଏ.)

ନାବାଳିକା ଅପହରଣ ମାମଲାରେ ସମ୍ପୃକ୍ତି ଅଭିଯୋଗରେ କୁଆଖିଆ ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଥାନା ଅନ୍ତର୍ଗତ ଯାବରା କଣ୍ଡିଆକଣ ଗାଁର ସୁକଦେବ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ବାସନ୍ତୀ। ଏହି ଘଟଣାରେ ପୂର୍ବରୁ ପୋଲିସ ଦମ୍ପତିଙ୍କ ପୁଅ ଅନିଲଙ୍କୁ ଗିରଫ କରିଥିଲା। ଗତ ୧୫ ତାରିଖରେ ଅନିଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିଲେ। ସେ ନାବାଳିକାଙ୍କ ସହ ଦାନଗଦି ବ୍ଲକର ଯଖପୁରା ଅଞ୍ଚଳରେ ରହୁଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଅନିଲଙ୍କ ମା'ବାପା ଯାଇ ତାଙ୍କୁ ଘରକୁ ଆଣିଥିଲେ। ମାତ୍ର ସେଠାରେ ନାବାଳିକାଙ୍କୁ ଛାଡ଼ି ଆସିଥିଲେ। ଏ ନେଇ ନାବାଳିକାଙ୍କ ମା'ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୫୧/୨୧ରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା।

## ଘରପୋଡ଼ି, ଲୁଟ୍ ମାମଲାରେ ଜଣେ କୋର୍ଟଚାଲାଣ

ସିଂହପୁର,୨୫।୧୧(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଜରି ଫାଣ୍ଡି ଅନ୍ତର୍ଗତ ଜରି ଗ୍ରାମରେ ପୂର୍ବ ଶତ୍ରୁତାରୁ କ୍ଷେତ୍ରବାସୀ ମଲ୍ଲିକ ଓ ନିତ୍ୟାନନ୍ଦ ମଲ୍ଲିକଙ୍କ ଘରକୁ ଦୁର୍ବୃତ୍ତ ଗତ ୧୫ ତାରିଖରେ ପୋଡ଼ିଦେବା ସହ ଲୁଟ୍ କରି ଫେରାର ହୋଇ ଯାଇଥିଲେ। ଏହି ଘରପୋଡ଼ିରେ ବହୁ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ସନ୍ତୋଷ ମଲ୍ଲିକଙ୍କୁ ବୁଧବାର ଜରି ଫାଣ୍ଡି ଅଧିକାରୀ ଅଶୋକ ସ୍ୱାଇଁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି।

# ମହିଳା ସବୁ କ୍ଷେତ୍ରରେ ଅଗ୍ରସର

ଜଗତ୍‌ସିଂହପୁର ଅଫିସ, ୨୫।୧୧

ପରିବାର ଓ ସମାଜରେ ମହିଳାମାନେ ସବୁ କ୍ଷେତ୍ରରେ ବିକାଶ ଆଡକୁ ଅଗ୍ରସର ହେଉଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ମହିଳାମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି ବୋଲି ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଧବାର କହିଛନ୍ତି। ସ୍ଥାନୀୟ କଣ୍ଠାବଲ୍ଲଭପୁର ଗାଁସ୍ଥିତ ମିଶନ ଶକ୍ତି ଭବନରେ ଆନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ନିରୋଧ ଦିବସରେ ଉପରୋକ୍ତୋ ମନ୍ତବ୍ୟ ଦେଇଥିଲେ। ଜିଲା ପ୍ରଶାସନ ସହାୟତାରେ ରାଧାକୃଷ୍ଣ କ୍ଲବ ଦ୍ୱାରା ପରିଚାଳିତ ସଖୀ-ୱାନ ଷ୍ଟପ ସେଣ୍ଟର ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। କ୍ଲବ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମଲ୍ଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସାରଦା ପ୍ରସାଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମା', ଭଉଣୀଙ୍କ ପାଇଁ ଥିବା ଆଇନ ବିଷୟରେ ସଚେତନ ରହିବା ସହ ଘର ଚାରିକାନ୍ଥ ବାହାରକୁ ବାହାରି ନିଜ ଅଧିକାର ପାଇଁ ଲଢିବାକୁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଖୀ ସେଣ୍ଟର ପକ୍ଷରୁ କେନ୍ଦ୍ର ସଂଯୋଜକ ମେନକା ସିଂ ଧନ୍ୟବାଦ ଦେଇଥିଲେ। ସଙ୍ଗୀତା ବେହେରା, ସୁସ୍ମିତା ଦାସ, ମଧୁସ୍ମିତା ଓଝା ପ୍ରମୁଖ ସଭା ପରିଚାଳନା କରିଥିଲେ।

### ଆନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ନିରୋଧୀ ଦିବସ




ସଭାରେ ଯୋଗଦେଇଥିବା ଅତିଥିମାନେ।

# ଶିଶୁ କନ୍ୟାକୁ ସହାୟତା କଲା ଯୁବକ ସଂଘ

ଜଗତ୍‌ସିଂହପୁର ଅଫିସ, ୨୫।୧୧

ଜଗତ୍‌ସିଂହପୁର ପୁନଙ୍ଗ ଗ୍ରାମର ଦୀପକ ଭଟ୍ଟାଚାର୍ଯ୍ୟଙ୍କ ଆର୍ଥିକସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବାବେଳେ ଗତ ସେପ୍ଟେମ୍ବର ୨ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରଠୁ ସ୍ତ୍ରୀ ରେଖା ଭଟ୍ଟାଚାର୍ଯ୍ୟ ଓ ଏକମାତ୍ର ଶିଶୁକନ୍ୟା ଲକ୍ଷ୍ମୀପ୍ରିୟା ଭଟ୍ଟାଚାର୍ଯ୍ୟ(୩)ଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି। ରେଖା ବଞ୍ଚିବା ପାଇଁ ସଂଗ୍ରାମ କରୁଥିବାବେଳେ ଏହି ଗ୍ରାମର ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଝିଅ ଲକ୍ଷ୍ମୀପ୍ରିୟାଙ୍କ ଜନ୍ମଦିନ ଅବସରରେ ସଂଘ ତରଫରୁ ତାଙ୍କ ନାମରେ ୧ ଲକ୍ଷ ଟଙ୍କା ଜୀବନ ବୀମା ଆକାରରେ ସଞ୍ଚୟ କରାଯାଇଛି। ଫଳରେ ଲକ୍ଷ୍ମୀପ୍ରିୟାଙ୍କ ଜୀବନ ବୀମାଭୁକ୍ତ ହେବା ସହ ୧୮ ବର୍ଷ ପରେ ୩ ଲକ୍ଷ ଟଙ୍କା ହୋଇଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସଂଘ ସମ୍ପାଦକ ରଜନୀକାନ୍ତ ଚୌଧୁରୀ କହିଛନ୍ତି, ସଭ୍ୟମାନଙ୍କ ମିଳିତ ସହଯୋଗରେ ୧ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଥିଲା। ଏହି ଅର୍ଥ ରାଶିଶିଶୁଟିସାବାଳକ ହେବା ପରେ ସହାୟକ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କିନ୍ତୁ ଏବେ ଭଟ୍ଟାଚାର୍ଯ୍ୟଙ୍କ ବିଧବା ସ୍ତ୍ରୀଙ୍କୁ ସରକାର ସହାୟତା ଜରୁରୀ ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ରେଖାଙ୍କୁ ରାଶନ କାର୍ଡ, ବିଧବା ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବା ଉଚିତ। ଜିଲାପାଳ ଏଥିପ୍ରତି ବିଶେଷ ଦୃଷ୍ଟିଦେଲେ ପରିବାରଟି ସୁରକ୍ଷିତ ରହିପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅସୀମ ବାନାର୍ଜୀ, ତ୍ରିଲୋଚନ ବେହେରା, ବଦ୍ରି ନାରାୟଣ ମହାନ୍ତି, ଲକ୍ଷ୍ମୀନାରାୟଣ ମିଶ୍ର, ଶାରଦା ରଣା, କୃଷ୍ଣଚନ୍ଦ୍ର ଦାସ, ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଣୀ ଚିକିତ୍ସାଳୟରେ ଏକ୍ସପାଏରି ଔଷଧ

ନାଉଗାଁ,୨୫।୧୧(ସ୍ୱ.ପ୍ର.)




ନାଉଗାଁ ପ୍ରାଣୀ ଚିକିତ୍ସାଳୟରେ ଗୋଚାଷୀଙ୍କୁ ଏକ୍ସପାଏରି ଔଷଧ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଚିକିତ୍ସାଳୟର ଜଣେ ଅଧିକାରୀ ଦେଇଥିବା ନେଇ ଦହିପାଳ ଗ୍ରାମର ଗୋଚାଷୀ ବୈରାଗୀ ଦାସ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ୩ଟି ଗାଈର ମଳ ପରୀକ୍ଷା କରିବା ପାଇଁ ନାଉଗାଁ ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ଗୋବର ପରୀକ୍ଷା କରିବା ପରେ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ କ୍ଲୋଜାଂଟେଲ ବଟିକାର ତିନୋଟି ଷ୍ଟ୍ରିପ ଦେଇଥିଲେ। ଏସବୁ ବଟିକା ଗତ ଏପ୍ରିଲରୁ ଏକ୍ସପାଏରି ହୋଇଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରିଥିଲେ। ଅଧିକାରୀ ଜଣକ ଏହାକୁ କୃମି ଔଷଧ କହି ଖାଇଲେ କୌଣସି ଅସୁବିଧା ହେବ ନାହିଁ ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠେ ଯଦି କୃମି ଔଷଧର କୌଣସି ଏକ୍ସପାଏରି ନାହିଁ। ତାହା ହେଲେ କ'ଣ ପାଇଁ ଉକ୍ତ ଔଷଧ ଖୋଳରେ ଏକ୍ସପାଏରି ତାରିଖ ଦର୍ଶାଯାଇଛି। ଏହି ଔଷଧ ଖାଇ ଗୋରୁଙ୍କୁ କୌଣସି ଅଘଟଣ ଘଟିଲେ ସେଥିପାଇଁ କିଏ ଦାୟୀ ରହିବେ ବୋଲି ବୈରାଗୀ ପ୍ରଶ୍ନ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡା. ରାଜା ଉଦୟ ଭାନୁ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ରାସ୍ତା ନିର୍ମାଣ ଦାବିରେ ଆମରଣ ଅନଶନ

ନାଉଗାଁ,୨୫।୧୧(ସ୍ୱ.ପ୍ର.)



ଅନଶନରେ ବସିଥିବା ଲୋକେ।

### ଅନଶନକାରୀ ଅସୁସ୍ଥ, ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

ନାଉଗାଁ ବ୍ଲକ କାର୍ଯ୍ୟାଳୟଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନର ଜିଲା କମିଟି ସଦସ୍ୟ ନବକିଶୋର ମହାନ୍ତି ଗୁରୁବାରରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସନ୍ଧ୍ୟାରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ସେ ଅନଶନରୁ ଓହରିବେ ନାହିଁ ବୋଲି ମହାନ୍ତି କହିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ସଙ୍ଗଠନର ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ କୈଳାସ ପରିଡା, ନାଉଗାଁ ଜନସ୍ୱାର୍ଥ କମିଟିର ସଭାପତି ବଂଶୀଧର ବେହେରା, ଏଆଇକେକେଏମ୍ଏସ୍‌ର ଜିଲା ସଭାପତି ସୁବାସ ସ୍ୱାଇଁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଅନଶନରେ ସାମିଲ ହୋଇଥିଲେ। ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଆମରଣ ଅନଶନସ୍ଥଳରେ ପହଞ୍ଚି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜି ଥିଲେ। ଖବର ଲେଖା ହେବାବେଳକୁ ଅନଶନସ୍ଥଳରେ ଜିଲା ସହ ସଂଯୋଜକ ସ୍ୱାଇଁ, ବ୍ଲକ ସଂଯୋଜକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ରାସ୍ତାକୁ କଂକ୍ରିଟ କରିବା ଦାବିରେ ସଙ୍ଗଠନ ପକ୍ଷରୁ ଗତ ୧୫ ତାରିଖରେ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆମରଣ ଅନଶନ କରାଯିବ ବୋଲି କୁହାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ଅନଶନ କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଜିଲା ବିଜେଡି ସମ୍ପାଦକଙ୍କ ପରଲୋକ

ଡେରାବିଶ,୨୫।୧୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ବିଜେଡି ସମ୍ପାଦକ ତଥା ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହିର ପୂର୍ବତନ ସରପଞ୍ଚ ଅମୀୟ କୁମାର ମିଶ୍ର (୫୨)ଙ୍କ ବୁଧବାର ରାତିରେ ପରଲୋକ ହୋଇଛି। ସେ ମଧୁମେହ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଏହା ପ୍ରଚାରିତ ହେବା ପରେ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଗୁରୁବାର ତାଙ୍କ ମୃତଦେହକୁ ଗାଁ ରତାଦିଆ ଖଣ୍ଡସାହିରେ ପହଞ୍ଚିବା ପରେ ଶତାଧିକ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଅମୀୟଙ୍କ ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତ ସହ ସ୍ଥାନୀୟ ବାଲିଆ ବଜାର, ଚଣ୍ଡୀବଜାର ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସରପଞ୍ଚ ଗୀତାଞ୍ଜଳି ସେଠୀ, ଗୌତମ ପରିଡାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମୀମାନେ ସାମିଲ ହୋଇଥିଲେ। ଅମୀୟଙ୍କ ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସମ୍ପାଦକ ରାଜେଶ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ ପ୍ରମୁଖ ବହୁ ରାଜନୈତିକ ନେତୃବୃନ୍ଦ ଶୋକ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭଉଣୀ ଭାଇଙ୍କ ଝୁଲନ୍ତା ମୃତଦେହ ଜବତ

ବାରିପଦା ଅଫିସ/ବେତନଟୀ,୨୫।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକ ଅଧୀନ ଧାନଶୋଳ ଉପକଣ୍ଠ ଲୋଧାସାହିରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସମ୍ପର୍କୀୟ ନାବାଳକ ଭଉଣୀଭାଇଙ୍କ ଝୁଲନ୍ତା ମୃତଦେହ ଠାବ ହେବା ପରେ ଅଞ୍ଚଳରେ ଆଲୋଡ଼ନ ଖେଳିଯାଇଛି। ମୃତକ ଦ୍ୱୟ ହେଲେ ଗ୍ରାମର ସନାତନ ନାଏକଙ୍କ ପୁଅ ରାଜୁ(୧୬) ଓ ବିଶାଳ ନାଏକଙ୍କ ଝିଅ ସୀମା(୧୪)। ଉଭୟ ସମ୍ପର୍କରେ ମାଉସୀ ପୁଅ ଭାଇ ଓ ଭଉଣୀ। ଖବରପାଇ ବେତନଟୀ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୨/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସକାଳେ ଗାଁ ନିକଟ କେନାଲ ପାର୍ଶ୍ୱ ଆମ୍ବଗଛରେ ଭଉଣୀଭାଇଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀଙ୍କ ଭିଡ ଜମିଥିଲା। ପରିବାର ଲୋକେ ଧାନ କାଟିବାକୁ ପଡ଼ୋଶୀ ଜିଲାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି। ଉଭୟେ ବେକରେ ରଶୀ ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ତଦନ୍ତକାରୀ ଅଫିସର କହିଛନ୍ତି।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ଯୁବକ ଗିରଫ

କଟକ ଅଫିସ,୨୫।୧୧: କଟକ ଜିଲା ଟାଙ୍ଗୀ ଥାନା ଅଧୀନ ପୁରୁଣା ଟୋଲ ଫାଟକ ନିକଟରେ ଗୁରୁବାର ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ୧ କୁଇଣ୍ଟାଲ ଗଞ୍ଜେଇ ସହ ଏକ କାରକୁ ଜବତ କରାଯାଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ହାୱଡା ଅଞ୍ଚଳର ରାହୁଲ ଗୁପ୍ତାଙ୍କୁ ଗିରଫ କରାଯାଇଛି। ସ୍କ୍ୱାଡ୍ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ସୂଚନା ଅନୁଯାୟୀ, ଏକ କାରରେ ଗଞ୍ଜେଇ ଚାଲାଣ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ସକାଳ ୬ଟାରେ ଟୋଲ୍ ଫାଟକ ନିକଟରେ ଟିମ୍ ଜଗି ରହିଥିଲା। ଉକ୍ତ କାର ପହଞ୍ଚିବାପରେ ଟିମ୍‌ର ସଦସ୍ୟମାନେ ଅଟକାଇ ଯାଞ୍ଚ କରିବାରୁ ୪ଟି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ରାହୁଲ ଏହାକୁ କନ୍ଧମାଳ ଅଞ୍ଚଳରୁ ପଶ୍ଚିମବଙ୍ଗକୁ ନେଉଥିବା ସ୍ୱୀକାର କରିଥିଲା। ଏହି ଚଢ଼ାଉରେ ଅଧୀକ୍ଷକ ପଟେଲଙ୍କ ସମେତ ଆଇଆଇସି ସରୋଜ କୁମାର ପରିଡା, ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ ଓ ଅନ୍ୟମାନେ ସାମିଲ ଥିଲେ।

# ପାକୁଙ୍କ ୨.୩୪ କୋଟିର ସମ୍ପତ୍ତି ଜବତ




ଜବତ ହୋଇଥିବା ଗାଡ଼ି। ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା ସୂଚନା ଦେଉଛନ୍ତି।

## ବାପାଙ୍କ ସହ ମିଶି ନିଶା ବେପାରରୁ ସମ୍ପତ୍ତି ଠୁଳ

- ବିଭିନ୍ନ ସ୍ଥାନରେ ଚଢ଼ାଉ କଲେ ୩ ଟିମ୍
- କୋଠା, ୧୧ ଗାଡ଼ି, ବ୍ୟାଙ୍କଜମା, ସୁନାଗହଣା ଜବତ
- ବାଜ୍ୟାପ୍ତି ପାଇଁ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଲା ପୋଲିସ

ଖୋର୍ଦ୍ଧା ଅଫିସ, ୨୫।୧୧

ଭୁବନେଶ୍ୱର କମିଶନରେଟ ପୋଲିସର ହ୍ୱାଇଟ୍ ସ୍ୱାଇଡର ଅପରେଶନ ପରେ ଖୋର୍ଦ୍ଧା ପୋଲିସ ସ୍କାନରରେ ଏବେ ନିଶା ବେପାରୀ। ବ୍ରାଉନସୁଗାର ବେପାରକରି ରାତାରାତି କୋଟିପତି ପାଲଟିଥିବା ଖୋର୍ଦ୍ଧା ଟାଉନଥାନା ଅଧୀନ ସାମନ୍ତରାପୁର ଶାଗୁଆନ ବଜାର ଅଞ୍ଚଳର ସୋମନାଥ ଭୁଜବଳ ଓରଫ ପାକୁଙ୍କ ସମେତ ତାଙ୍କ ସମ୍ପର୍କୀୟ ଓ ସହଯୋଗୀ ମାନଙ୍କ ଘରେ ଗୁରୁବାର ପୋଲିସ ଚଢ଼ାଉ କରିଛି। କେନ୍ଦ୍ରାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶକ୍ରମେ ୩ଟି ଟିମ୍ ଚଢ଼ାଉ କରି ଗାଡ଼ି, ବ୍ୟାଙ୍କ ଜମାଖାତା ଏବଂ ଅନ୍ୟାନ୍ୟ ସମ୍ପତ୍ତି ଜବତ କରିଛି। ସୋମନାଥ ଓ ତାଙ୍କ ବାପା କୃଷ୍ଣଚନ୍ଦ୍ର ଦୀର୍ଘ ୬ବର୍ଷ ହେଲା ବ୍ରାଉନସୁଗାର ବେପାର କରି ବେଆଇନ ଭାବେ ୨କୋଟି ୩୪ଲକ୍ଷ ୫୨ହଜାର ୫୯୪ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠୁଳ କରିଥିବା ଚଢାଉବେଳେ ଜଣାପଡ଼ିଛି। ଉଭୟ ବାପ ପୁଅ ଏବେ ପୁରୀ ଜେଲ୍‌ରେ ଅଛନ୍ତି। ନିଶା କାରବାରରୁ ମିଳିଥିବା ଅର୍ଥକୁ ବିନିଯୋଗକରି ପାକୁ ଓ କୃଷ୍ଣଚନ୍ଦ୍ର ବେଆଇନ ଭାବେ ଏହି ସବୁ ସମ୍ପତ୍ତି କରିଛନ୍ତି। ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟି (ସକ୍ଷମ ଅଧିକାରୀ)ଙ୍କ ନିକଟରେ ପ୍ରମାଣ ଉପସ୍ଥାପନ କରାଯିବ। ଜବତ ସମ୍ପତ୍ତି ମଧ୍ୟରେ ୧କୋଟି ୧୦ଲକ୍ଷ ଟଙ୍କା (ଆନୁମାନିକ ମୂଲ୍ୟ)ର କୋଠାଘର, ୧୩ଲକ୍ଷ ୫୦ ହଜାର ଟଙ୍କାର ସୁନାଗହଣା, ୭୯ ହଜାର ୬ଶହ ଟଙ୍କାର ବ୍ୟାଙ୍କଜମା, ନଗଦ ୩ଲକ୍ଷ ୪୫ ହଜାର ଟଙ୍କା, ୫୦ ହଜାର ଟଙ୍କା ମୂଲ୍ୟର ଦାମୀ କୁକୁର, ୨୪ଲକ୍ଷ ୫୦ହଜାର ଟଙ୍କାର ଦୋକାନ ଏବଂ ୧୧ଟି ଗାଡ଼ି ଜବତ କରାଯାଇଛି ବୋଲି ଗୁରୁବାର ଖୋର୍ଦ୍ଧା ଆଦର୍ଶ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି। ଏହି ଅବସରରେ ସଦର ଡିଏସ୍‌ପି ସୁଶୀଲ କୁମାର ମିଶ୍ର, ବାଲୁଗାଁ ଡିଏସ୍‌ପି ମାନସ ରଞ୍ଜନ ବାରିକ, ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବିନାନୁମତିରେ ସମ୍ପତ୍ତି ବିକ୍ରି ମନା

ଜବତ ସମ୍ପତ୍ତି ସମେତ ଅଭିଯୁକ୍ତମାନଙ୍କର ଅନ୍ୟ ସମ୍ପତ୍ତିକୁ ଅଚଳ ଘୋଷଣା କରାଯାଇଛି। ସେହି ସମ୍ପତ୍ତିକୁ ଅଦାଲତ କିମ୍ବା ସକ୍ଷମ ଅଧିକାରୀଙ୍କ ବିନାନୁମତିରେ ଅଭିଯୁକ୍ତ ପାକୁ ଓ ତାଙ୍କ ପରିବାରବର୍ଗ, ସମ୍ପର୍କୀୟ କିମ୍ବା ସହଯୋଗୀ କେହି ବିକ୍ରି କରିପାରିବେନାହିଁ। ଏପରି କି ଅନ୍ୟତ୍ର ସ୍ଥାନାନ୍ତର ଏବଂ ସମ୍ପତ୍ତିର ସ୍ୱତ୍ୱ ପରିବର୍ତ୍ତନ କରିପାରିବେ ନାହିଁ। ଯଦି କରନ୍ତି ତେବେ ସେଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଆଇନ ଦ୍ୱାରା ଦଣ୍ଡିତ ହେବେ। ଏନେଇ ଆଦର୍ଶ ଥାନା ପକ୍ଷରୁ ଚିଠି ନଂ. ୪୧୨୫/୨୪.୧୧.୨୦୨୧ରେ ନୋଟିସ କରାଯାଇଛି। ସେହିପରି ସମ୍ପତ୍ତି ବାଜ୍ୟାପ୍ତି ଲାଗି କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କୁ ଚିଠି ଲେଖାଯାଇଛି।

### ଜିଲାର ପ୍ରଥମ ଅର୍ଥନୈତିକ ତଦନ୍ତ

କୌଣସି ଅପରାଧୀ ବେଆଇନ ଭାବେ ଉପାର୍ଜନ କରିଥିବା ସମ୍ପତ୍ତି ଜବତ ଓ ବାଜ୍ୟାପ୍ତି ପାଇଁ ଆରମ୍ଭ ହୋଇଥିବା ଏଭଳି ଅର୍ଥନୈତିକ ତଦନ୍ତ ହେଉଛି ଖୋର୍ଦ୍ଧା ଜିଲାରେ ପ୍ରଥମ। ଏ ନେଇ ଆଦର୍ଶ ଥାନାରେ ଅର୍ଥନୈତିକ ତଦନ୍ତ ନମ୍ବର ୧/୨୦୨୧ (ଥାନା କେସ୍ ନଂ. ୩୪୫/୧୯ ଦଫା ୨୦ (ଖ)/୨୯ ଏନ୍‌ଡିପିଏସ୍ ଆକ୍ଟ ସହିତ ସମ୍ପର୍କିତ) ରୁଜୁ ହୋଇଛି।

### ତଦନ୍ତରେ ସାମିଲ ଥିଲେ ୩ ଟିମ୍

ଖୋର୍ଦ୍ଧା ଜିଲାର ଅପରାଧୀମାନଙ୍କ ଅର୍ଥନୈତିକ ସର୍ଭେ ପାଇଁ କେନ୍ଦ୍ରାଞ୍ଚଳ ଆଇଜି ନିର୍ଦ୍ଦେଶ ଦେଇଥିଲେ। ତାଲିକା ଯାଞ୍ଚ ବେଳେ ପାକୁ ଓ କୃଷ୍ଣଚନ୍ଦ୍ର ନଜରକୁ ଆସିଥିଲେ। ଏହାପରେ ତାଙ୍କ ଘରେ ଚଢ଼ାଉ ଲାଗି ସ୍ଥିର ହୋଇଥିଲା। ଏସ୍‌ପି ରାଜକିଶୋର ଦୋରାଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ସୁରେଶ କୁମାର ଦାଶ, ସଦର ଡିଏସ୍‌ପି ସୁଶୀଲ କୁମାର ମିଶ୍ର, ବାଲୁଗାଁ ଡିଏସ୍‌ପି ମାନସ ରଞ୍ଜନ ବାରିକ, ୩ ଥାନାର ଅଧିକାରୀ ଏବଂ ଏକ ପ୍ଲାଟୁନ ଫୋର୍ସଙ୍କୁ ନେଇ ୩ଟି ଟିମ୍ ପାକୁ, ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ଘରେ ଚଢ଼ାଉ କରିଥିଲେ। ତଦନ୍ତ ଦାୟିତ୍ୱରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ ରହିଥିଲେ।

### ପାକୁଙ୍କ ନାଁରେ ରହିଛି ୧୮ କେସ୍

ପାକୁଙ୍କ ନାମରେ ପୁରୀ ଓ ଖୋର୍ଦ୍ଧା ଜିଲାରେ ମୋଟ ୧୮ଟି କେସ୍ ରହିଛି। ସେଥିରୁ ୪ଟି ନିଶା କାରବାର ସମ୍ପର୍କିତ। ପାକୁ ଓ କୃଷ୍ଣଚନ୍ଦ୍ର ନିଶା କାରବାର ମାମଲା (ପୁରୀ ବାସେଳିସାହି ଥାନା କେସ୍ ନଂ. ୨୫୮/୨୦)ରେ ବିଚାରାଧୀନ କଏଦୀ ଭାବେ ୨୦୨୦ ଅକ୍ଟୋବର ୪ରୁ ପୁରୀ ଜେଲରେ ଅଛନ୍ତି।

# କିରୋସିନ ପାଇଁ ବୃଦ୍ଧା ହଟହଟା

ସମ୍ବଲପୁର,୨୫।୧୧(ବ୍ୟୁରୋ)

ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ଧମାକଟା ଗାଁର ଅଇଁଲା ମାଝି। ବୟସ ୬୦ରୁ ଉର୍ଦ୍ଧ୍ୱ ହେବ। ରାଶନ କାର୍ଡ ପାଇଥିବା ଅଇଁଲା କିରୋସିନ ନେବାକୁ ଆସି ହଟହଟା ହୋଇଛନ୍ତି। ବ୍ଲକ ଅଫିସ ସମ୍ମୁଖରେ ସେ ଗୁରୁବାର ସରକାର ମୋ ପାଇଁ ଦେଇଥିବା କୋଟାର କିରୋସିନ କିଏ ନେଲା ବୋଲି ପ୍ରଶ୍ନ କରିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ତାଙ୍କ ଅଭିଯୋଗକ୍ରମେ କିରୋସିନ ପାଇଁ ସେ ପ୍ରାୟ ୪ କି.ମି. ରାସ୍ତା ଚାଲି ଚାଲି ପଞ୍ଚାୟତ ଅଫିସରେ ପହଞ୍ଚିଥିଲେ। ସାଙ୍ଗରେ କାର୍ଡ ଓ କିରୋସିନ ନେବାକୁ ଡବା ଆଣିଥିଲେ। ପଞ୍ଚାୟତ ଅଫିସରେ ସେ ଯୋଗାଣ ସହାୟକଙ୍କୁ କିରୋସିନ ଦେବା ପାଇଁ କହିଥିଲେ। ହେଲେ ଯୋଗାଣ ସହାୟକ କିରୋସିନ ସରିଯାଇଛି, ଆସିଲେ ଦିଆଯିବ ବୋଲି କହି ଫେରାଇ ଦେଇଥିଲେ। ଯେତେ କାକୁତିମିନତି କଲେ ମଧ୍ୟ ଦେଲେ ନାହିଁ। ବୟସ୍କ ମହିଳା ହୋଇଥିବାରୁ କିରାସିନ ପାଇଁ ପୁଣି ୪ କି.ମି. ଦୂରରୁ ଆସିବାକୁ ପଡିବ ବୋଲି କହି ଅସନ୍ତୋଷ ଜାହିର କରିଥିଲେ। ସେ ଆହୁରି କହିଥିଲେ, ହିତାଧିକାରୀଙ୍କ ଅନୁସାରେ କିରୋସିନ ଷ୍ଟକ ସରକାର ଦିଅନ୍ତି। ହେଲେ କୋଟା କିଭଳି ସରିଗଲା। ଗତ ୧୭ ତାରିଖରେ ଚାଉଳ ନେବାକୁ ଆସିଥିଲି। କିଛିଦିନ ପରେ ପୁଣି ପଞ୍ଚାୟତକୁ ଆସିବା କଷ୍ଟକର ବୋଲି କହିଥିଲେ। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଯୋଗାଣ ସାମଗ୍ରୀ ଯୋଗାଇ ଦିଅନ୍ତୁ ବୋଲି ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକ ବିଷ୍ଣୁଚରଣ ପ୍ରଧାନ କହିଛନ୍ତି, କିରୋସିନ ଷ୍ଟକ ସରିଯାଇଛି। ପୁଣି ଉଠାଇବା ପରେ ହିତାଧିକାରୀଙ୍କୁ ଡାକି ଦିଆଯିବ। ଅନ୍ୟପକ୍ଷେ ଯୁଯୁମୁରା ଡିଲର କହିଛନ୍ତି, ଲିପିଣ୍ଡା ପଞ୍ଚାୟତ ପାଇଁ ଆସିଥିବା ନଭେମ୍ବର ମାସର କିରୋସିନ କୋଟା ବହୁ ଦିନରୁ ନେଇ ଯାଇଛନ୍ତି। କିରୋସିନ ନେବା ପାଇଁ ବକେୟା ନାହିଁ। କିଭଳି ବଣ୍ଟା ଯାଇଛି ଓ କେଉଁମାନେ ପାଇନାହାନ୍ତି ସେ ଜାଣି ନ ଥିବା କହିଛନ୍ତି। ଯୋଗାଣ ନିରୀକ୍ଷକ ଷ୍ଟକ ବାକି ଥିବା କହୁଥିବା ବେଳେ ଡିଲର କୋଟା ନେଇଯାଇଥିବା କହୁଛନ୍ତି। ଉଭୟଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ଗରିବ ଲୋକଙ୍କ ପାଇଁ ଆସୁଥିବା ପିଡିଏସ୍ ସାମଗ୍ରୀ ବାଟମାରଣା ହେଉଥିବା ସ୍ପଷ୍ଟ ହୋଇଯାଇଛି। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ଯୁଯୁମୁରା ବ୍ଲକ ଅଫିସ ସମ୍ମୁଖରେ ଅଇଁଲା ମାଝି।

# ରସୁଲପୁର ବିଇଓଙ୍କ କାର୍ଯ୍ୟାଳୟରେ ଗଣ୍ଡଗୋଳ

ରସୁଲପୁର,୨୫।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ମୁଖ୍ୟ କିରାଣି ଓ ବିତ୍ତ ଅଧିକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଅବସରପ୍ରାପ୍ତ ଶିକ୍ଷକ ବଳରାମ ସେଠୀଙ୍କ ବକେୟା ବାବଦକୁ ଡିଏର ୫୦ ପ୍ରତିଶତ ପାଉଣା ପ୍ରଦାନ କରିବାକୁ ନେଇ କାର୍ଯ୍ୟାଳୟ ମୁଖ୍ୟକିରାଣି ଦିଲୀପ ବେହେରା ଓ ବିତ୍ତ ଅଧିକାରୀ ତପନ ନାୟକଙ୍କ ମଧ୍ୟରେ ବଚସା ହେବା ସହ ଠେଲାପେଲା ହୋଇଥିଲା। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ଘଟଣା ପ୍ରଘଟ ଭୟରେ ଅଧିକାରୀମାନେ ଚପାଇଦେବାକୁ ଉଦ୍ୟମ କରିଥିଲେ। ସୂଚନା ଅନୁସାରେ, ସପ୍ତାହ ତଳେ ଅବସରପ୍ରାପ୍ତ ଶିକ୍ଷକ ସେଠୀ ବିଇଓଙ୍କ କାର୍ଯ୍ୟାଳୟକୁ ଆସି ଡିଏ ବାବଦକୁ ବକେୟା ଦରମା ସମ୍ପର୍କରେ ମୁଖ୍ୟ କିରାଣିଙ୍କ ସହ ଆଲୋଚନା କରିଥିଲେ। ତାଙ୍କ କାମ କରିଦେବେ ବୋଲି କିରାଣି କହିଥିଲେ। ଏସମ୍ପର୍କରେ ବୁଝିବା ପାଇଁ ପୁଣି ଗୁରୁବାର ଶିକ୍ଷକ ସେଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତାଙ୍କ ବକେୟା ଟଙ୍କା ହୋଇଛି କି ନାହିଁ ବୋଲି ବିତ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ କାମସାରି ସେ ମୁଖ୍ୟ କିରାଣିଙ୍କ ପାଖକୁ ଯାଇଥିଲେ। ତାଙ୍କ କାଗଜପତ୍ର କାମ ସରି ଯାଇଛି। କେବଳ ବିଇଓଙ୍କ ଦସ୍ତଖତ ବାକି ରହିଛି। ବିଇଓ ଆସିଲେ ଦସ୍ତଖତ କରାଇ ବିଲ ପଠାଇ ଦେବେ ବୋଲି କିରାଣି କହିଥିଲେ। ଏଥିସହ ଏକଥା କାର୍ଯ୍ୟାଳୟରେ ଅନ୍ୟମାନଙ୍କୁ କାହିଁକି କହୁଛନ୍ତି ବୋଲି ପଚାରିଥିଲେ। ଯଦି କହୁଛନ୍ତି ତେବେ ବିଇଓଙ୍କୁ କହିଥାନ୍ତେ। ଅନ୍ୟମାନଙ୍କୁ କହିବା କ'ଣ ଆବଶ୍ୟକ ବୋଲି କିରାଣି ଶିକ୍ଷକଙ୍କୁ କହିଥିଲେ। ଶିକ୍ଷକ ଓ କିରାଣିଙ୍କ ମଧ୍ୟରେ ଆଲୋଚନାକୁ ବିତ୍ତ ଅଧିକାରୀ ନାୟକ ଶୁଣିବାକୁ ପାଇଥିଲେ। ସେଥିରେ ସେ ହସ୍ତକ୍ଷେପ କରି ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉଭୟଙ୍କ ମଧ୍ୟରେ ଧକ୍କା ମରାମରି ପର୍ଯ୍ୟନ୍ତ ଯାଇଥିଲା। ତପନ ରାଗି ଯାଇ ଚେୟାର ଫୋପାଡିବା ସହ କାର୍ଯ୍ୟାଳୟ ଗ୍ରିଲ ବାଡ଼ାବାଡ଼ି କରିଥିଲେ। ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ଜଣେ ସହକାରୀ ବ୍ଲକ ଶିକ୍ଷାଧିକାରୀ ହୋଇଥିଲେ ବି ସେ ଏନେଇ କୌଣସି ମତ ରଖିବାକୁ ମନା କରିଥିଲେ। ଘଟଣା ସମ୍ପର୍କରେ କିରାଣି ବେହେରାଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ଯାହାକିଛି ଘଟିଥିଲା ତାହା ଆପୋସ ସମାଧାନ ହୋଇଯାଇଛି। ବିତ୍ତ ଅଧିକାରୀ ନାୟକ ଘଟଣାକୁ ଅସ୍ୱୀକାର କରିଛନ୍ତି। ସେ ଫୋନରେ କିଛି କହିବେ ନାହିଁ ବରଂ ସାକ୍ଷାତରେ ଯାହାକିଛି ମତ ରଖିବେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଏଥି ପୂର୍ବରୁ ତପନ ନାୟକଙ୍କ ନାମରେ ଅନେକ ଅଭିଯୋଗ ରହିଛି। ସେ ଶିକ୍ଷକଙ୍କଠାରୁ ନାନା ଆଳରେ ଉତ୍କୋଚ ନେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏହାର ତଦନ୍ତ ପାଇଁ ଦାବି ହୋଇଛି।

- ଅବସରପ୍ରାପ୍ତ ଶିକ୍ଷକଙ୍କ ବକେୟା ପାଉଣାକୁ ନେଇ ମୁଖ୍ୟ କିରାଣି, ବିତ୍ତ ଅଧିକାରୀ ଠେଲାପେଲା।

# 'ଭଗବତ ଗୀତା: ଦି ସଙ୍ଗ୍ ଅଫ୍ ଗଡ୍' ଉନ୍ମୋଚିତ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଭଗବତ ଗୀତା: ଦି ସଙ୍ଗ୍ ଅଫ୍ ଗଡ୍' ଗୁରୁବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାମୀଜୀ ପୁସ୍ତକ ଉନ୍ମୋଚନ କରିବା ସହ 'ଭଗବତ ଗୀତାର ଜୀବନ ଉପଯୋଗୀ ଶିକ୍ଷା' ସମ୍ବନ୍ଧିତ ପ୍ରବଚନ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଚେୟାରମ୍ୟାନ୍ ତଥା କୁଳପତି ଡ. ଏସ୍.କେ.ଦାସ ଓ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. କିଶନଲାଲ ଭରତିଆ ଯୋଗ ଦେଇଥିଲେ। ଭୁବନେଶ୍ୱରର ସତ୍‌ସଙ୍ଗୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍ଥାର ସଂଯୋଜକ ଦୋଳଗୋବିନ୍ଦ ରଥ ଧନ୍ୟବାଦ ଦେଇଥିଲେ। ସ୍ୱାମୀ ମୁକୁନ୍ଦାନନ୍ଦ ଆସନ୍ତା ୨୭ ତାରିଖରେ ପୁରୀ ଚକ୍ରତୀର୍ଥ ରୋଡସ୍ଥିତ କୃପାଳୁ ବନ୍ଦେ ଜଗଦ୍‌ଗୁରୁମ୍ ପୁରୁଷୋତ୍ତମ ବାଟିକାରେ ଭଗବତ୍ ଗୀତା ସମ୍ପର୍କରେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଚଢ଼ାଉବେଳେ ତହସିଲଦାର ...

ମନରେ ଛନକା ପଶିଥିଲା। ସେମାନେ ଅଧାବାଟରେ ଟ୍ରାକ୍ଟର ଛାଡ଼ି ପଳାଇଥିଲେ। ହେଲେ ନଂ.ଓଡି୦୧-ୱାଇ-୩୯୧୬ ନମ୍ବର ବିଶିଷ୍ଟ ଟ୍ରାକ୍ଟରଟି ଷ୍ଟାର୍ଟ ଅବସ୍ଥାରେ ଥିବାରୁ ଡ୍ରାଇଭର ପଳାଇବା ପରେ ଏହା ଗଡ଼ିଗଡ଼ି ତହସିଲଦାର ବସିଥିବା ବୋଲେରୋକୁ ଧକ୍କା ଦେଇଥିଲା। ଫଳରେ ବୋଲେରୋଟି କ୍ଷତିଗ୍ରସ୍ତ ହେବା ସହ ତହସିଲଦାର ଓ ଅନ୍ୟମାନେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ପରେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ତହସିଲ ଅଫିସ୍‌କୁ ଅଣାଯାଇ ଏହାର ମାଲିକଙ୍କୁ ଡକାଯାଇଛି। ବାଲି ଚୋରାଚାଲାଣ ପ୍ରତ୍ୟହ ଚାଲୁଥିବାବେଳେ ଏହାକୁ ସ୍ଥାନୀୟ ପ୍ରଶାସନ ରୋକିବାରେ ବିଫଳ ହେଉଛି। ତେଣୁ ଏଥିପାଇଁ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କୁ ବାଦ୍ ଦେଇ ଜିଲାସ୍ତରୀୟ ଏକ ଟାସ୍କଫୋର୍ସ ଗଠନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ତହସିଲ୍‌ଦାରଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ତାଙ୍କର କୌଣସି ମତାମତ ମିଳିପାରି ନାହିଁ। ଅପରପକ୍ଷରେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

### ଲାଗୁନି ପର୍ଯ୍ୟବେକ୍ଷଣ ...

ନିମନ୍ତେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକୁ ଅଧିକ କ୍ଷମତା ବିକେନ୍ଦ୍ରୀକରଣ ପ୍ରସ୍ତାବ ବୈଠକରେ ଅନୁମୋଦିତ ହୋଇଛି। ପରିବେଶ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ, ବଏଲର ଏବଂ ଫ୍ୟାକ୍ଟ୍ରିଜ୍ ନିର୍ଦ୍ଦେଶକ ଏନ୍. ଥିରୁମାଲା ନାୟକ, ବିଶେଷଜ୍ଞ ସଦସ୍ୟ ଅଜିତ ପଟ୍ଟନାୟକ, ପ୍ରଫେସର ଅତନୁ ପତି, ଜି.କେ. ରାୟଙ୍କ ସହ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

### କରୋନାର ଲକ୍ଷଣ ...

ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ରାଜ୍ୟରେ ପୁଣି କରୋନା ଉପରମୁହାଁ ହେଉଥିବା ଦେଖାଯାଇଛି। ଗତ ୨୪ ଘଣ୍ଟାରେ ୬୨,୬୧୯ ନମୁନା ପରୀକ୍ଷା କରାଯାଇଥିବାବେଳେ ୩୩୫ଜଣ ପଜିଟିଭ୍ ଚିହ୍ନଟ ହେଉଛି। ଏମାନଙ୍କ ମଧ୍ୟରେ ୪୭ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବେ ୧୦,୪୮,୦୦୯ରେ ପହଞ୍ଚିଛି। ସେହିଭଳି ରାଜ୍ୟରେ ଆଉ ଦୁଇଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ଭୁବନେଶ୍ୱରର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ କରୋନା ଜନିତ ମୃତ୍ୟୁ ୮,୪୦୧କୁ ବୃଦ୍ଧି ପାଇଛି।

### ସଡ଼କ ଦୁର୍ଘଟଣାରେ ଦୁର୍ଦ୍ଦାନ୍ତ ...

ଏନ୍‌କାଉଣ୍ଟର କରି ପୋଲିସ ଗିରଫ କରିଥିଲା। ୧୯୯୭ରେ ଦିଲୀପଙ୍କୁ ଆଜୀବନ ସଜା ହୋଇଥିଲା। ପରେ ସେ ଜେଲର ତତ୍କାଳୀନ ୱାର୍ଡେନ୍‌ଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

୧୯୯୮ରେ ପୋଲିସ ପୁଣିଥରେ ତାଙ୍କୁ ଗିରଫ କରିଥିଲା। ପ୍ରାୟ ୨୫ବର୍ଷ ପର୍ଯ୍ୟନ୍ତ ଜେଲରେ ରହିବା ପରେ ଗତ ମେ' ୨୬ ତାରିଖରେ ତାଙ୍କୁ ପାରୋଲରେ ଛଡ଼ା ଯାଇଥିଲା। କରୋନା କଟକଣା ଯୋଗୁ ୩ ମାସ ପାଇଁ ସେ ଛାଡ ପାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୭ମାସ ଅର୍ଥାତ୍ ୨୧୦ ଦିନ ପାଇଁ ସେ ପାରୋଲରେ ଯାଇଥିଲେ। ଡିସେମ୍ବର ୨୨ରେ ଦିଲୀପ ଜେଲ ଫେରିବା ପାଇଁ ନିର୍ଦ୍ଦେଶ ରହିଥିଲା ବୋଲି ଜେଲର ସତ୍ୟନାରାୟଣ ବେହେରା ସୂଚନା ଦେଇଛନ୍ତି।

# ଝାଟିମାଟି କୁଡ଼ିଆରେ ନିଷ୍ପେଷିତ ଜୀବନ

**ସମାଜରୁ ବାସନ୍ଦ ହୋଇ ଅକର୍ମଣ୍ୟ ଅବସ୍ଥାରେ ଅଭିଶପ୍ତ ଜୀବନ ବିତାଉଛନ୍ତି କୁଷ୍ଠରୋଗୀ। ସରକାରୀ ଉଦାସୀନତା ଯୋଗୁ ନିଷ୍ପେଷିତ ଜୀବନ ବିତାଉଥିବା ଏହି ମଣିଷମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ନାହିଁ। ଜଙ୍ଗଲର ନିଛାଟିଆ ପରିବେଶରେ ଛାଟିମାଟି କୁଡ଼ିଆରେ ଦିନ କାଟୁଥିବା ଏହି ମଣିଷମାନେ କେବଳ ବଞ୍ଚିବାର ରାହା ଖୋଜୁଛନ୍ତି। ସରକାରଙ୍କ ବିଭିନ୍ନ ଆବାସ ଯୋଜନାରୁ ଏହି ଅନ୍ତେବାସୀ ବଞ୍ଚିତ ହୋଇଛନ୍ତି। ଶେଷରେ ସେମାନଙ୍କ ଥଇଥାନ ପାଇଁ ହାଇକୋର୍ଟ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।**

- କୁଷ୍ଠରୋଗୀଙ୍କୁ ସେବା ନାମରେ ପ୍ରହସନ
- ୨୨ ଜିଲାରେ ୮୭ କଲୋନିରେ ୮୦୩୨ ଅନ୍ତେବାସୀ
- ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ, ଥଇଥାନ କରିବ କମିଟି

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୫।୧୧**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଲେପ୍ରୋସି ସେଲ୍‌ର ରିପୋର୍ଟ ଅନୁସାରେ ଓଡ଼ିଶାର ୨୨ ଜିଲାର ୮୭ କଲୋନିରେ ୮,୦୩୨ ଅନ୍ତେବାସୀ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏହି କୁଷ୍ଠରୋଗୀଙ୍କ ଥଇଥାନ ଏବଂ ରକ୍ଷଣାବେକ୍ଷଣ ପାଇଁ ୨୦୧୫ରେ ବିପିନ ବିହାରୀ ପ୍ରଧାନ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ୧୩୪୦୩ ନମ୍ବରରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ଚିଫ୍ ଜଷ୍ଟିସ ଡ.ଏସ୍.ମୁରଲୀଧର ୩।୧୧।୨୦୨୧ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏହି ରାୟ ଆଧାରରେ ରାଜ୍ୟ ସରକାରଙ୍କ ସୋସିଆଲ ସିକ୍ୟୁରିଟି ଆଣ୍ଡ ଏମ୍‌ପାୱାରମେଣ୍ଟ ଅଫ୍ ପର୍ସନ ୱିଥ ଡିଜାବିଲିଟି(ଏସ୍‌ଏସ୍‌ଇପିଡି) ବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ବିଭିନ୍ନ କଲୋନିରେ ଅସ୍ଥାୟୀ ଭାବେ ରହୁଥିବା କୁଷ୍ଠରୋଗୀଙ୍କ ଥଇଥାନ ପାଇଁ ଏସ୍‌ଏସ୍‌ଇପିଡିର ସଚିବ ଭାସ୍କର ଶର୍ମା ୨୩।୧୧।୨୦୨୧ରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଜିଲାସ୍ତରରେ ଏକ ସବ୍‌କମିଟି ଗଠନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ସବ୍‌କମିଟି ବ୍ୟକ୍ତିଗତ ଭାବେ କଲୋନିଗୁଡ଼ିକର ପରିଦର୍ଶନକରି ନିର୍ଦ୍ଦେଶମତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଉକ୍ତ କମିଟିରେ ଅତିରିକ୍ତ ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି), ଜିଲା ଯୋଗାଣ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଲେପ୍ରୋସି ଆବାହକ ରହିବେ। ଏହି କମିଟି ୨ ମାସ ମଧ୍ୟରେ ୪୦%ରୁ ଉର୍ଦ୍ଧ୍ୱ ଅସମର୍ଥ ଥିବା କୁଷ୍ଠରୋଗୀଙ୍କ ରିପୋର୍ଟ ପ୍ରଦାନ କରିବେ। ଏହାବାଦ ରୁରାଲ ହାଉସିଂ ସ୍କିମ୍, ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡ, ଆବଶ୍ୟକସ୍ଥଳେ ଅସ୍ତ୍ରୋପଚାର, ମଧୁବାବୁ ପେନ୍‌ସନ ଯୋଜନାରେ ପେନ୍‌ସନ ଏବଂ ଫିଜିଓଥୋରାପି ପାଉଛନ୍ତି କି ନାହିଁ ସେନେଇ ମାସିକ ରିପୋର୍ଟ ପ୍ରସ୍ତୁତ କରିବେ। ମାସିକ ସମୀକ୍ଷାକରି ରାଜ୍ୟ କମିଟିକୁ ଜଣାଇବେ। କଲୋନିରେ ରହୁଥିବା କୁଷ୍ଠରୋଗୀଙ୍କ ଜୀବନଶୈଳୀ ଉପରେ ପର୍ଯ୍ୟାଲୋଚନା କରିବାକୁ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକସ୍ତରରେ ଉକ୍ତ କମିଟି ପୁରୀ ଓ ଖୋର୍ଦ୍ଧା ଜିଲାର ୨ଟି କଲୋନି ଗସ୍ତକରି କୋର୍ଟରେ ରିପୋର୍ଟ ଦାଖଲ କରିବେ। ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦।୧୧।୨୦୨୧ରେ ହେବ ବୋଲି ଦିନ ଧାର୍ଯ୍ୟ ହୋଇଛି।

ଲେପ୍ରୋସି ସେଲ୍‌ର ରିପୋର୍ଟ ଅନୁସାରେ ରାଜ୍ୟର ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୧ଟି କୁଷ୍ଠ କଲୋନି ରହିଥିବାବେଳେ ଅନୁଗୋଳରେ ୩, ବରଗଡ଼ ୯, ବଲାଙ୍ଗୀର ୮, ବୌଦ୍ଧ ୧, ବାଲେଶ୍ୱର ୬, ଭଦ୍ରକ ୧, କଟକରେ ୪, ଢେଙ୍କାନାଳ ୧, ଦେବଗଡ଼ ୨, ଗଞ୍ଜାମ ୫, ଗଜପତି ୧, ଯାଜପୁର ୧, ଜଗତ୍‌ସିଂହପୁର ୨, ଝାରସୁଗୁଡ଼ା ୫, କେନ୍ଦ୍ରାପଡ଼ା ୧, ମୟୂରଭଞ୍ଜ ୭, ନବରଙ୍ଗପୁର ୧, ପୁରୀ ୪, ସମ୍ବଲପୁର ୫, ସୁବର୍ଣ୍ଣପୁର ୨ ଓ ସୁନ୍ଦରଗଡ଼ ଜିଲାରେ ୬ଟି କୁଷ୍ଠ କଲୋନି ରହିଛି। ଏଠାରେ ଯାଜପୁର ଜିଲାର ବ୍ୟାସନଗର ସହରରେ ଥିବା ଅବହେଳିତ ଗାନ୍ଧୀ କୁଷ୍ଠାଶ୍ରମକୁ ଉଦାହରଣ ଭାବେ ନିଆଯାଇପାରେ। ଏହି କଲୋନିରେ ୧୫୬ ଜଣ ଅନ୍ତେବାସୀ ରହୁଛନ୍ତି। ତେବେ ଜଙ୍ଗଲ ଜମିରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ସେଠାରେ ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାରେ ଝାଟିମାଟି କୁଡ଼ିଆଘରେ ସେମାନେ କାଳାତିପାତ କରୁଛନ୍ତି। ପକ୍କାଘର ସେମାନଙ୍କ ପାଇଁ ସାତସପନ ହୋଇଛି। ନିୟମିତ ଭାବେ ଔଷଧ ଓ ଚିକିତ୍ସା ସୁବିଧା ପାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ବ୍ୟାସନଗର ପୌର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଯୋଡ଼ାବର ନିକଟସ୍ଥ ଗଣ୍ଡାନାଳ କୂଳରେ ଥଇଥାନ କରିବାକୁ ଯୋଜନା କରାଯାଇଛି। ହେଲେ ବର୍ଷାଦିନେ ସେହି ସ୍ଥାନକୁ ପାଣି ମାଡୁଥିବାରୁ ଅନ୍ତେବାସୀ ସେଠାରେ ରହିବାକୁ ଅରାଜି ହୋଇଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ କିମ୍ବା ପ୍ରସ୍ତାବିତ କମିଟି ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ କୁଷ୍ଠରୋଗୀମାନେ ଉପକୃତ ହୋଇପାରିବେ ବୋଲି ସାମାଜିକ କର୍ମୀ ରାଜେଶ ରାଉତ ପ୍ରକାଶ କରିଛନ୍ତି।



# ପୁଣି ଇଡିରେ ହାଜର ହେଲେ ଅଭୟକାନ୍ତ ପାଠକ

ଭୁବନେଶ୍ୱର,୨୫ା୧୧(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଗୁରୁବାର ପୁଣିଥରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ସମ୍ପତ୍ତି ଠୁଳ ମାମଲା ସହ ଟାଟା କମ୍ପାନୀରେ ଚାକିରି ନାଁରେ ଠକେଇ ଘଟଣାକୁ ନେଇ ଇଡି ପକ୍ଷରୁ ତାଙ୍କୁ ଏକାଧିକ ପ୍ରଶ୍ନ ପଚରାଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ମଧ୍ୟ ଅଭୟକାନ୍ତ ଥରେ ଇଡିରେ ହାଜର ହୋଇଥିଲେ। ଗତ ଅକ୍ଟୋବର ୫ରେ ତାଙ୍କୁ ଇଡି କାର୍ଯ୍ୟାଳୟରେ ଜେରା କରାଯାଇଥିଲା। ଦୁଇ ମାମଲାରେ ତଥ୍ୟ ହାସଲ କରାଯାଇଥିଲା। ସୂଚନାଯୋଗ୍ୟ, ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଅଭୟକାନ୍ତଙ୍କ ପୁଅ ଆକାଶ ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି। ତାଙ୍କୁ ମଧ୍ୟ ନଭେମ୍ବର ୧୧ରେ ଝାରପଡ଼ା ଜେଲରେ ଇଡି ଜେରା କରି ଚାକିରି ନାଁରେ ଠକେଇ ମାମଲାରେ ହୋଇଥିବା ବେଆଇନ ଅର୍ଥ କାରବାର ସମ୍ପର୍କରେ ତଥ୍ୟ ହାସଲ କରିଥିଲା। ତେବେ ଏହି ଘଟଣାରେ ଆକାଶଙ୍କ ଭାବୀ ଶ୍ୱଶୁର ତଥା ପୂର୍ବତନ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ଝିଅଙ୍କୁ ଇଡିରେ ହାଜର ହେବା ପାଇଁ ସମନ ପଠାଇଥିଲେ ମଧ୍ୟ ସେମାନେ ଏଥିପାଇଁ ସମୟ ମାଗିଛନ୍ତି।


ଅଭୟକାନ୍ତ ପାଠକ

# ଅନୁସୂଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୨୫ା୧୧(ବ୍ୟୁରୋ)

ଓଡ଼ିଶା ଅନୁସୂଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ, ସଚିବାଳୟ ଶାଖାର ସାଧାରଣ ପରିଷଦ ବୈଠକ ସଭାପତି ସୁକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୁରୁଣା ସଚିବାଳୟ ସେବା ସଂଘଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଓଡ଼ିଶା ଅନୁସୂଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ, ସଚିବାଳୟ ଶାଖାର ସଭାପତି ଭାବେ ଅନନ୍ତ କିଶୋର ମାଝିଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ବାଗୁନ ମୁଣ୍ଡା, ଅତିରିକ୍ତ ସାଧାରଣ ସମ୍ପାଦକ ମିର୍ଜା ମୁର୍ମୁ ଓ ମଙ୍ଗତ ପ୍ରସାଦ ସୋରେନ, ସାଙ୍ଗଠନିକ ସମ୍ପାଦକ ବିଜୟିନୀ ହେମ୍ବ୍ରମ ଓ ଗିରିଧର ଶବର, ଅର୍ଥ ସମ୍ପାଦକ ବିଶ୍ୱମ୍ଭର ସେଠୀ, ସାଂସ୍କୃତିକ ସମ୍ପାଦକ ସଂଗ୍ରାମ କିଶୋର ପଲେଇ, ଉପଦେଷ୍ଟା ଭାବେ ପ୍ରକାଶ ଚନ୍ଦ୍ର ଜେନା ଓ ଜୋହନ କେରକେଟ୍ଟାଙ୍କୁ ଚୟନ କରାଯାଇଛି।

# ୧୪୦ କୋଟିର ଠକେଇ ଅଭିଯୋଗ

## ଜଗତପୁର ଶିଳ୍ପାଞ୍ଚଳରେ ସିବିଆଇ ଚଢ଼ାଉ

କଟକ ଅଫିସ,୨୫ା୧୧

ଜଗତପୁର ଶିଳ୍ପାଞ୍ଚଳର ଏସ୍‌ଆର ଆଲ୍‌କୋଭେବ ପ୍ରାଇଭେଟ୍ ଲିମିଟେଡ ସଂସ୍ଥା ୧୪୦କୋଟି ଠକେଇ କରିବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ଚଢ଼ାଉ କରାଯାଇଛି। ସିବିଆଇ ଟିମ୍ ଏକକାଳୀନ ଜଗତପୁର ଶିଳ୍ପାଞ୍ଚଳର କାରଖାନା କ୍ୟାମ୍ପସ, କଟକ ବିଜୁ ପଟ୍ଟନାୟକ ଛକସ୍ଥିତ କାର୍ଯ୍ୟାଳୟ, କନିକାରୋଡସ୍ଥିତ କାର୍ଯ୍ୟାଳୟ, ବିହାର ନାଳନ୍ଦା ଅରୱାନ, ମାହାଙ୍ଗାସ୍ଥିତ ଘର, ଗ୍ୟାରେଣ୍ଟର ପଡ଼ିଥିବା ୨କମ୍ପାନୀର କୋଲକାତାସ୍ଥିତ କାର୍ଯ୍ୟାଳୟ ଓ ମାଲିକଙ୍କ ଘର, ହିମାଚଳ ପ୍ରଦେଶରେ ଥିବା ସପ୍ଲାୟର୍ସ କାର୍ଯ୍ୟାଳୟ ସମେତ ଅନ୍ୟ ଅଭିଯୁକ୍ତଙ୍କ ଘର, କାର୍ଯ୍ୟାଳୟ ସମେତ ୮ଟି ସ୍ଥାନରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ, ଅର୍ଥ ଦେଣନେଣର ଡକ୍ୟୁମେଣ୍ଟ, କମ୍ପ୍ୟୁଟର ହାର୍ଡଡିସ୍କ ଜବତ କରିଛି। ଅନ୍ୟପଟେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୨ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବକ୍ସିବଜାର ଶାଖାରୁ ଏସ୍‌ଆର ଆଲ୍‌କୋଭେବ ପ୍ରାଇଭେଟ୍ ଲିମିଟେଡ ସଂସ୍ଥା ବିୟର କାରଖାନା ପାଇଁ ୨୦୧୩ରେ ୪୦କୋଟି ଟଙ୍କା ନେଇଥିଲା। ସେହିପରି ଭୁବନେଶ୍ୱର ଆଲ୍ଲାହାବାଦ ବ୍ୟାଙ୍କରୁ ମଧ୍ୟ ୩୩ କୋଟି ଟଙ୍କା ଋଣ ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଋଣ ପରିଶୋଧ କରି ନ ଥିଲା। ସୁଧମୂଳ ସହ ଏହା ଏବେ ୧୪୦ କୋଟି ଟଙ୍କାରୁ ଅଧିକ ହୋଇଛି। ଏନେଇ ସିବିଆଇ ନିକଟରେ ବ୍ୟାଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏସ୍‌ଆର ଆଲକୋଭେବ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ କୁମାର ପାଢ଼ୀ, ନିର୍ଦ୍ଦେଶିକା ସାଇନା କରଙ୍କ ନାମରେ ବ୍ୟାଙ୍କ ଋଣ ଦେଇଥିଲା। ନୈନା ଦେବୀ ସପ୍ଲାୟର୍ସ ପ୍ରାଇଭେଟ ଲିମିଟେଡ ଓ ଚନ୍ଦ୍ରଗ୍ରନ୍ଥ ଆଇରନ୍ ଆଣ୍ଡ ଷ୍ଟିଲ୍ ଟ୍ରେଡର୍ସ ପ୍ରାଇଭେଟ ଲିମିଟେଡ କର୍ପୋରେଟ୍ ଗ୍ୟାରେଣ୍ଟର ପଡ଼ିଥିଲେ। ଗତ ୨୩ ତାରିଖରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଭିଯୋଗ ଆଧାରରେ ସିବିଆଇ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟରେ ଆଇପିସି ଦଫା, ୧୨୦(ବି), ୪୨୦ ଓ ଦୁର୍ନୀତି ନିବାରଣ ଆଇନର ଦଫା ୧୩(୧),୧୩(୨) ଢିରେ ଏକ ମାମଲା ରୁଜୁ ସହ ଚଢ଼ାଉ ହୋଇଥିଲା। ଏହି ଘଟଣାରେ ସଂସ୍ଥର ୩ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି ବୋଲି ସିବିଆଇର ଜଣେ ଅଧିକାରୀ କହିଛନ୍ତି।










See Career Appointment on every Wednesday & Saturday

# ମହିଳାଙ୍କ ଅଶ୍ଲୀଳ ଫଟୋ ଭାଇରାଲ: ଯୁବକ ଗିରଫ

ଧର୍ମଶାଳା/ଜେନାପୁର, ୨୫ା୧୧(ଡି.ଏନ.ଏ.): ଜେନାପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଲୀଳ ଫଟୋ ଭାଇରାଲ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ମହିଳା ଜଣକ ଗତ ୨ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ଅଣ୍ଟିଆ ଗ୍ରାମର ସଞ୍ଜୟ ମଲ୍ଲିକ। ସଞ୍ଜୟ ସମ୍ପୃକ୍ତା ମହିଳାଙ୍କ ଫଟୋ ଭାଇରାଲ କରିବା ସହ ତାଙ୍କୁ ହଇରାଣ କରୁଥିଲେ ବୋଲି ମହିଳା ଅଭିଯୋଗରେ ଦର୍ଶାଇଥିଲେ। ଘଟଣା ପରେ ଅଭିଯୁକ୍ତ ସଞ୍ଜୟ ଫେରାର ହୋଇଯାଇଥିଲେ। ବୁଧବାର ରାତିରେ ସେ ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା ନଂ.୩୨୪/୨୧ ରୁଜୁ ହୋଇଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।









# ପ୍ରଥମ ଟେଷ୍ଟ: ଶ୍ରୀଲଙ୍କାର ବୃହତ୍ ବିଜୟ

**ଗାଲେ,୨୫।୧୧**

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ବୃହତ୍ ବିଜୟ ହାସଲ କରିଛି। ୧୮୭ ରନରେ ବିଜୟୀ ହେବା ସହ ଶ୍ରୀଲଙ୍କା ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ପ୍ରଥମ ଇନିଂସରେ ଶ୍ରୀଲଙ୍କା ୧୩୩.୫ ଓଭରରେ ୩୮୬ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ୮୫.୫ ଓଭରରେ ୨୩୦ ରନକରି ଅଲଆଉଟ ହୋଇ ୧୫୬ ରନ ପଛରେ ପଡିଥିଲା। ଏହାପରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଆରମ୍ଭ କରି ୪୦.୫ ଓଭରରେ ୪ ଉଇକେଟ ହରାଇ ୧୯୧ ରନକରି ଇନିଂସ ଘୋଷଣା କରିବା ପରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୪୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଜବାବରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ ଆରମ୍ଭ କରି ଗୁରୁବାର ପଞ୍ଚମ ତଥା ଅନ୍ତିମ ଦିବସରେ ୭୯ ଓଭରରେ ୧୬୦ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଛି। ପ୍ରଥମ ଇନିଂସରେ ୧୪୭ ରନର ଶତକୀୟ ଇନିଂସ ଖେଳିଥିବା ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ବୁଧବାରର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୨/୬ରୁ ୱେଷ୍ଟଇଣ୍ଡିଜ ଖେଳ ଆରମ୍ଭ କରି ସଂଘର୍ଷ କରି ପରାଜୟକୁ ବିଳମ୍ବିତ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଏନ୍‌କ୍ରୁମା ବୋନର ୧୮ ଓ ଜୋଶୁଆ ଡା ସିଲଭା ୧୫ ରନରୁ ଖେଳ ଆରମ୍ଭ କରିଥିଲେ। ବୋନର ୨୨୦ଟି ବଲ ଖେଳି ୭ ଚୌକା ସହ ୬୮ ରନର ଅପରାଜିତ ଇନିଂସ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଡା ସିଲଭା ୧୨୯ଟି ବଲ୍ ଖେଳି ୫ ଚୌକା ସହ ୫୪ ରନକରି ସ୍ପିନର ଲାସିଥ ଏମ୍ବୁଲଡାନିୟାଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ଡା ସିଲଭାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ରାହକିମ କର୍ନୱାଲ ୧୩, ଜୋମେଲ ୱାରିକାନ ୧ ଓ ଶାନନ ଗାବ୍ରିଏଲ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋନର ଓ ଡା ସିଲଭା ଲଢେଇ କରିବା ସହ ଘରୋଇ ବୋଲରଙ୍କୁ ନିରାଶ କରିଥିଲେ। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜର ୮ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଏମ୍ବୁଲଡେନିୟା ସର୍ବାଧିକ ୫, ରମେଶ ମେଣ୍ଡିସ୍ ୪ ଓ ପ୍ରବୀଣ ଜୟବିକ୍ରମା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ବର୍ଷା ଯୋଗୁ ଏହି ମ୍ୟାଚ୍ ଏକାଧିକ ବାର ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ଫଳାଫଳ ମିଳିପାରିଛି। ୨୯ ତାରିଖରେ ଗାଲେରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆରମ୍ଭ ହେବ।


ବିଜୟ ହାସଲ ପରେ ଶ୍ରୀଲଙ୍କା କ୍ରିକେଟର ଖୁସି ମନାଉଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ- ୩୮୬ ଅଲଆଉଟ। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୨୩୦ ଅଲଆଉଟ। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ- ୪୦.୫ ଓଭରରେ ୧୯୧/୪ (ଇନିଂସ ଘୋଷଣା)। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ- ୭୯ ଓଭରରେ ୧୬୦ ଅଲଆଉଟ (ଏନ୍‌କ୍ରୁମା ବୋନର- ୬୮*, ଜୋଶୁଆ ଡା ସିଲ୍‌ଭା- ୫୪, ଲାସିଥ ଏମ୍ବୁଲଡେନିୟା- ୫/୪୬, ରମେଶ ମେଣ୍ଡିସ- ୪/୬୪, ପ୍ରବୀଣ ଜୟବିକ୍ରମା- ୧/ ୨୮)।

# ଆନ୍ତଃ ବିଶ୍ୱବିଦ୍ୟାଳୟ ହକି: କିଟ୍‌ର ବିଜୟ ଅଭିଯାନ

**ଭୁବନେଶ୍ୱର,୨୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଛତିଶଗଡ଼ର ବିଳାସପୁରରେ ଆରମ୍ଭ ହୋଇଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ଟୁର୍ନାମେଣ୍ଟରେ କିଟ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ କିଟ୍ ୨-୦ ଗୋଲରେ କୋଲକାତା ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଅଟଳ ବିହାରୀ ବାଜପାୟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କିଟ୍ ପ୍ରଭାବ ବିସ୍ତାର କରି ଖେଳିଥିଲା। ଏହି ଟୁର୍ନାମେଣ୍ଟ ୨୭ ତାରିଖରେ ଶେଷ ହେବ।

କିଟ୍ ତା'ର ପରବର୍ତ୍ତୀ ମୁକାବିଲାରେ ଶୁକ୍ରବାର ବାରାଣସୀର ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ବିଶ୍ୱବିଦ୍ୟାଳୟକୁ ଭେଟିବ। ବିଜୟୀ କିଟ୍ ଦଳକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି ଓ ଆଗାମୀ ମ୍ୟାଚ୍‌ଗୁଡ଼ିକରେ ଭଲ ପ୍ରଦର୍ଶନ କରିବାକୁ ଶୁଭେଚ୍ଛା ଜଣାଇଛନ୍ତି।


ବିଜୟୀ କିଟ୍ ବିଶ୍ୱବିଦ୍ୟାଳୟ ହକି ଦଳ।




# ଯୋଗ୍ୟତା ହାସଲରେ ଲକ୍ଷ୍ୟ ସର୍ବକନିଷ୍ଠ ଭାରତୀୟ

**ନୂଆଦିଲ୍ଲୀ, ୨୫।୧୧ (ପି.ଟି.)**

ଡିସେମ୍ବର ୧ରୁ ଇଣ୍ଡୋନେସିଆର ବାଲିଠାରେ ହେବାକୁ ଥିବା ସିଜନ ଶେଷ ଏଚ୍ଏସ୍‌ବିସି ବିଡବ୍ଲ୍ୟୁବିସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଲାଗି ଯୋଗ୍ୟତା ହାସଲ କରିବାରେ ଲକ୍ଷ୍ୟ ସେନ୍ ଭାରତର ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି। ଆଲମୋରାର ଏହି ୨୦ ବର୍ଷୀୟ ପ୍ରତିଭା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍‌ରେ ପ୍ରଭାବୀ ପ୍ରଦର୍ଶନ କରିବା ଦ୍ୱାରା ବର୍ତ୍ତମାନ ୱାର୍ଲ୍ଡ ଟୁର୍ ର୍‍ୟାଙ୍କିଙ୍ଗ ତାଲିକାର ୫ମ ସ୍ଥାନରେ ରହିଛନ୍ତି। ସିଜନ ଶେଷ ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ଭାରତୀୟ ଖେଳାଳିମାନେ ହେଲେ ପୁରୁଷ ସିଙ୍ଗଲ୍ସରେ କିଦାମ୍ବି ଶ୍ରୀକାନ୍ତ (୩ୟ ର୍‍ୟାଙ୍କିଙ୍ଗପ୍ରାପ୍ତ), ମହିଳା ସିଙ୍ଗଲ୍ସରେ ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ (୪ର୍ଥ) ଏବଂ ମହିଳା ଡବଲ୍ସ ଯୋଡ଼ି ଅଶ୍ୱିନ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ (୬ଷ୍ଠ)। ଏହି ଇଭେଣ୍ଟ ପ୍ରକୃତରେ ଗୁଆଙ୍ଗଝୋଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର କୋଭିଡ୍ ମହାମାରୀ ଯୋଗୁ ଏହା ବାଲିକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀକାନ୍ତ, ସମୀର ବର୍ମା, ସିନ୍ଧୁ ଓ ଲଣ୍ଡନ ବ୍ରୋଞ୍ଜ ବିଜୟିନୀ ସାଇନା ନେହ୍ୱାଲ ଅତୀତରେ ବର୍ଷ ଶେଷର ଏହି ଟୁର୍ନାମେଣ୍ଟରେ ଭାଗ ନେଇ ସାରିଛନ୍ତି। ମାତ୍ର ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ୨୦୧୮ରେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଚାମ୍ପିୟନ ହୋଇପାରିଛନ୍ତି। ସାଇନା ୨୦୧୧ରେ ସୁପରସିରିଜ ଫାଇନାଲ୍ସର ଟାଇଟଲ ମୁକାବିଲାକୁ ଉନ୍ନୀତ ହୋଇପାରିଥିଲେ। ଶ୍ରୀକାନ୍ତ ଓ ସମୀର ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଥିଲେ ମଧ୍ୟ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ। କୋଭିଡ୍ ଯୋଗୁ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟ ସସ୍‌ପେଣ୍ଡ କରାଯିବା ପୂର୍ବରୁ ଲକ୍ଷ୍ୟ ୫ ଟାଇଟଲ ଜିତିସାରିଥିଲେ। ନିକଟ ଅତୀତରେ ସେ ଦୁବାଇ ଓପନ ଫାଇନାଲରେ ପ୍ରବେଶ କରିପାରିଥିବାବେଳେ ଡେନ୍‌ମାର୍କ ମାଷ୍ଟର୍ସ ଓ ହାଇଲୋ ଓପନ ସେମିଫାଇନାଲକୁ ଉନ୍ନୀତ ହୋଇପାରିଥିଲେ।


ଲକ୍ଷ୍ୟ ସେନ୍

# ସିନ୍ଧୁ, ପ୍ରଣିଥ୍ କ୍ୱାର୍ଟରଫାଇନାଲରେ

**ବାଲି, ୨୫।୧୧ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଓ ବି. ସାଇ ପ୍ରଣିଥ୍ ଏଠାରେ ଚାଲିଥିବା ୮୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ଇଭେଣ୍ଟ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ଚାମ୍ପିୟନ କିଦାମ୍ବି ଶ୍ରୀକାନ୍ତ କିନ୍ତୁ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଗୁରୁବାର ମହିଳା ସିଙ୍ଗଲ୍ସରଏକ ତୃତୀୟ ରାଉଣ୍ଡ ମ୍ୟାଚରେ ସିନ୍ଧୁ ବିଶ୍ୱର ୨୬ ନମ୍ବର ଖେଳାଳି ଜର୍ମାନୀର ୱାଇଭୋନ୍ ଲି'ଙ୍କୁ ୨୧-୧୨, ୨୧-୧୮ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ସେ ମାତ୍ର ୩୭ ମିନିଟ ସମୟ ନେଇଥିଲେ। ସିନ୍ଧୁ କ୍ୱାର୍ଟରଫାଇନାଲରେ ସ୍ପେନର ବିଟ୍ରିଜ୍ କୋରାଲେସ୍ ଓ ଦକ୍ଷିଣ କୋରିଆର ସିମ୍ ୟୁଜିନ୍‌ଙ୍କ ସହ ମୁକାବିଲା କରିବେ। ପ୍ରଣିଥ ବିଶ୍ୱର ୭୦ ନମ୍ବର ମାନ୍ୟତାପ୍ରାପ୍ତ ଫ୍ରାନ୍ସର ଖ୍ରିଷ୍ଟୋ ପୋପୋଭ୍‌ଙ୍କୁ ୨୧-୧୭, ୧୪-୨୧, ୨୧-୧୯ରେ ହରାଇ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ଜିତିବା ଲାଗି ସେ ୧ ଘଣ୍ଟା ୨୩ ମିନିଟ ସମୟ ନେଇଥିଲେ। ଭାରତର ଏହି ବିଶ୍ୱର ୧୬ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ପରବର୍ତ୍ତୀ ରାଉଣ୍ଡରେ ଅଲିମ୍ପିକ ଚାମ୍ପିୟନ ଡେନମାର୍କର ଭିକ୍ଟର ଏକ୍ସେଲସେନ୍‌ଙ୍କୁ ଭେଟିବେ।

# ଶ୍ରେୟାସଙ୍କୁ ଟେଷ୍ଟ କ୍ୟାପ୍ ଦେଲେ ଗାଭାସ୍କର

**କାନପୁର, ୨୫।୧୧ (ପି.ଟି.):** ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାଭିଡ କ୍ରିକେଟର ଏକ ପୁରୁଣା ପରମ୍ପରାକୁ କାର୍ଯ୍ୟକାରୀ କରିଛନ୍ତି। ଫଳସ୍ୱରୂପ ସୁନୀଲ ଗାଭାସ୍କର ଗୁରୁବାର ପଦାର୍ପଣକାରୀ ଶ୍ରେୟାସ ଆୟାରଙ୍କୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଛନ୍ତି। ଅତୀତରେ ନବାଗତଙ୍କୁ ଭାରତୀୟ କ୍ରିକେଟର ମହାନ୍ ଖେଳାଳିମାନେ ଟେଷ୍ଟ କ୍ୟାପ ପ୍ରଦାନ କରିବାର ପରମ୍ପରା ରହିଥିଲା। ଗୁରୁବାର ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ପାଇଁ ଟସ୍ ପଡ଼ିବା ପୂର୍ବରୁ ଆୟାର ୩୦୨ତମ ଖେଳାଳି ଭାବେ ଜାତୀୟ ଦଳ ପାଇଁ ତାଙ୍କ ଟେଷ୍ଟ ପଦାର୍ପଣ କରିଛନ୍ତି।

# ଟି୨୦ ବିଶ୍ୱକପ୍ ଦେଖିଛନ୍ତି ରେକର୍ଡ ଦର୍ଶକ

**ଦୁବାଇ, ୨୫।୧୧ (ପି.ଟି.):** ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପୁରୁଷ ଟି୨୦ କ୍ରିକେଟ ବିଶ୍ୱକପ୍‌କୁ ବିଶ୍ୱବ୍ୟାପୀ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିଛନ୍ତି। ଟେଲିଭିଜନ ଜରିଆରେ ଏହି ଇଭେଣ୍ଟକୁ ୧୬୭ ନିୟୁତ ଦର୍ଶକ ଦେଖିଥିବା ଖେଳ ପରିଚାଳନା ପରିଷଦ ଗୁରୁବାର ସୂଚନା ଦେଇଛି। ୫ବର୍ଷ ବ୍ୟବଧାନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ସିଧାପ୍ରସାରଣ ଟିଭି ଓ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ୨୦୦ଟି ଦେଶକୁ କରାଯାଇଥିଲା। ମୋଟ ୧୦,୦୦୦ ଘଣ୍ଟା ପ୍ରସାରଣ କରାଯାଇଥିଲା। ଭାରତ, ପାକିସ୍ତାନ, ୟୁକେ, ଅଷ୍ଟ୍ରେଲିଆ ଓ ୟୁଏସଏରେ ଅଧିକ ସଂଖ୍ୟକ ଦର୍ଶକ ଖେଳକୁ ଦେଖିଛନ୍ତି। ଷ୍ଟାର ଇଣ୍ଡିଆ ନେଟୱର୍କ ଜରିଆରେ ଭାରତ-ପାକିସ୍ତାନ ମୁକାବିଲାକୁ ଭାରତରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିଛନ୍ତି। ଅନ୍ତର୍ଜାତୀୟ ଟି୨୦ ଇତିହାସରେ ଏହା ସର୍ବାଧିକ। ପୂର୍ବରୁ ଏହି ରେକର୍ଡ ଆଇସିସି ଇଭେଣ୍ଟର ୨୦୧୬ ସଂସ୍କରଣରେ ଭାରତ-ୱେଷ୍ଟଇଣ୍ଡିଜ ମ୍ୟାଚ ନାମରେ ରହିଥିଲା ବୋଲି ଆଇସିସି କହିଛି।

# ରାଉଣ୍ଡ ଅଫ୍ ୩୨ରେ ସାଥିୟାଁ

**ହ୍ୟୁଷ୍ଟନ, ୨୫।୧୧ (ପି.ଟି.):** ବିଶ୍ୱ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ରୁଷିଆର ଭ୍ଲାଡିମିର ସିଦୋରେଙ୍କୋଙ୍କୁ ୪-୦ରେ ପରାସ୍ତ କରି ଭାରତର ଜି. ସାଥିୟାଁ ପ୍ରତିଯୋଗିତାର ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି। ବିଶ୍ୱର ୩୭ ନମ୍ବର ଖେଳାଳି ସାଥିୟାଁ ୧୭୯ ର୍‍ୟାଙ୍କିଙ୍ଗପ୍ରାପ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୧୧-୯, ୧୧-୯, ୧୧-୮, ୧୧-୬ରେ ବିଜୟ ହାସଲ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ବିଶ୍ୱର ୧୭ ନମ୍ବର ଖେଳାଳି ନାଇଜେରିଆର ଅରୁଣ କ୍ୱାଦ୍ରିଙ୍କୁ ଭେଟିବେ। ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ତଥା ବିଶ୍ୱର ୩୦ନମ୍ବର ଶରଥ କମଲ ମଙ୍ଗଳବାର ନୈରାଶ୍ୟଜନକ ପ୍ରଦର୍ଶନ ସହ ଓପନିଂ ରାଉଣ୍ଡରୁ ବିଦାୟ ନେଇସାରିଛନ୍ତି। ହେଲେ ସାଥିୟାଁଙ୍କ ସହ ଶରଥ ପୁରୁଷ ଡବଲ୍ସରେ ଏବଂ ଅର୍ଚ୍ଚନା କାମାଥଙ୍କ ସହ ମିକ୍ସଡ ଡବଲ୍ସରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଜବତ

**ଦଶପଲ୍ଲା,୨୫।୧୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍ କୁଲୁରୁକୁମ୍ପା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଲଡିପ ବୃତ୍ତଙ୍ଗ ନଦୀ ନିକଟରୁ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିପୁଳ ପରିମାଣର ବିଦ୍ୟୁତ୍ ତାର ଜବତ ହୋଇଛି। ଦଶପଲ୍ଲା ବିଦ୍ୟୁତ୍ ବିଭାଗ ଏ ସଂକ୍ରାନ୍ତରେ ସୂଚନା ପାଇବା ପରେ ବାଣୀଗୋଛା ବନବିଭାଗ ( ବନ୍ୟପ୍ରାଣୀ) କର୍ମଚାରୀଙ୍କ ସହାୟତାରେ ବୁଧବାର ରାତିରେ ସେଠାରେ ଚଢ଼ଉ କରିଥିଲା। କୌଣସି ବ୍ୟକ୍ତି ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ସେହି ତାରକୁ ସେଠାରେ ବାନ୍ଧିଥିଲେ। ବାର୍ହା ଶିକାର ପାଇଁ ବିଦ୍ୟୁତ୍ ତାର ବ୍ୟବହାର କରାଯାଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

### ରଘୁନାଥ ଜୀଉଙ୍କ ମନ୍ଦିର,ବିଗ୍ରହ ପ୍ରତିଷ୍ଠା

**ଖଣ୍ଡପଡ଼ା,୨୫।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତସ୍ଥିତ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ୪ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ସୋମବାର ଅଙ୍କୁରାରୋପଣ ଗର୍ଭାଦାନ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, ମହାସ୍ନାନ ଓ ଠାକୁରଙ୍କ ଶୟନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବୁଧବାର ବିଗ୍ରହମାନଙ୍କ ନ୍ୟାସ ପ୍ରାଣ ପ୍ରତିଷ୍ଠା ପାରମ୍ପରିକ ରୀତିରେ ସରିଥିଲା। ଗୁରୁବାର ପ୍ରାସାଦ ନ୍ୟାସ ପରେ ଶ୍ରଦ୍ଧାଳୁମାନେ ନଗର ପରିକ୍ରମା କରିଥିଲେ। ପୂର୍ଣ୍ଣାହୁତି ଅପରାହ୍ନରେ ସମ୍ପନ୍ନ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ, ଗ୍ରାମବାସୀ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ।

### ଭଙ୍ଗା ବୋତଲରେ ଆକ୍ରମଣ, ଯୁବକ ଗିରଫ

**ବୁଗୁଡ଼ା,୨୫।୧୧(ଡି.ଏନ.ଏ.):** ବୁଗୁଡ଼ା ଥାନା ଅନ୍ତର୍ଗତ କାଞ୍ଚିଆପଲ୍ଲୀ ଗ୍ରାମରେ ଭଙ୍ଗା ବୋତଲରେ ଆକ୍ରମଣ କରିବା ଘଟଣାରେ ପୋଲିସ ଗୁରୁବାର ଜଣକୁ ଗିରଫ କରିଛି। ସେ ହେଲେ କାଞ୍ଚିଆପଲ୍ଲୀ ଗ୍ରାମର ଏ.ମିଟୁ ରେଡ୍ଡି। ଏ ନେଇ ଥାନାରେ କେସ୍ ନଂ ୬୧୯/୨୧ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ସୋମବାର ରାତିରେ ଶତ୍ରୁଘ୍ନ ରେଡ୍ଡିଙ୍କ ପୁଅ ବାହାଘର ଶୋଭାଯାତ୍ରାରେ ଡିଜେ ବାଜୁଥିଲା। ଶୋଭାଯାତ୍ରା ସରିବା ପରେ ପୁଣି ଡିଜେ ବଜାଇବାକୁ ଜିଦ୍ କରି ମିଟୁ ପାଟିତୁଣ୍ଡ କରିଥିଲେ। ଏଥିରେ ଲୋକେ ହସ୍ତକ୍ଷେପ କରି ମିଟୁଙ୍କୁ ବୁଝାଶୁଝା କରି ଘରକୁ ଫେରାଇ ଦେଇଥିଲେ ହେଁ ପୁଣି ସେ ଏକ ଭଙ୍ଗା ବୋତଲ ଆଣି ବିଦ୍ୟାଧର ରେଡ୍ଡି ଓ କୈଳାସ ପାତ୍ରଙ୍କୁ ଆକ୍ରମଣ କରିଥିଲେ।

### ଗଡ଼ିଲା ପୋଷ୍ୟସନ୍ତାନ ସଚେତନତା ରଥ

**ବେଗୁନିଆପଡା,୨୫।୧୧(ଡି.ଏନ୍.ଏ.) :** ରାଜ୍ୟ ଶିଶୁ ସୁରକ୍ଷା ସମିତି, ମହିଳା ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ପକ୍ଷରୁ ପୋଷ୍ୟ ସନ୍ତାନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବେଗୁନିଆପଡ଼ା ବ୍ଲକ ପକ୍ଷରୁ ବୁଧବାର ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜିଲାରେ ପରିକ୍ରମା କରିବ।

# ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହେବ ମିଶନ ଶକ୍ତି ଗୃହ

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଜିଦ୍ ରହିଲା

**ଖଣ୍ଡପଡ଼ା,୨୫।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଗ୍ରାମରେ ମିଶନ ଶକ୍ତି ଗୃହ ନିର୍ମାଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହି ବିବାଦର ୪୫ ଦିନ ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଦାବିକୁ ବ୍ଲକ ପ୍ରଶାସନ ଗ୍ରହଣ କରିଛି । ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଛାତ ଉପରେ ମିଶନ ଶକ୍ତି ଗୃହ ନିର୍ମାଣ ହେବ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସେହି ଗୃହ ନିର୍ମାଣ ହେବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏଥିସହିତ ମିଶନ ଶକ୍ତି ଗୃହକୁ ଠିକାଦାରଙ୍କ ବଦଳରେ ମହିଳା ଗୋଷ୍ଠୀର ସଦସ୍ୟାମାନେ ନିର୍ମାଣ କରିବେ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

କୁମ୍ଭାରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଛାତ ଉପରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ହେଲେ ଏହାକୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ବିରୋଧ କରିଥିଲେ, ଯାହାକୁ ନେଇ ବିବାଦର ସୂତ୍ରପାତ ହେବା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ମୁଖ୍ୟ ଫାଟକରେ ତାଲା ଝୁଲାଇ ଦେଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ଚନ୍ଦନ କୁମାର ତରାଇ ଓ ଅଧିକାରୀମାନେ କୁମ୍ଭାରପଡ଼ା ଗ୍ରାମରେ ପହଞ୍ଚି ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ସମସ୍ୟାର ସମାଧାନ ହୋଇଥିଲା । ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହ ନିର୍ମାଣ ଆରମ୍ଭ ହେବା ପରେ ମହିଳାମାନେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ପକାଇଥିବା ତାଲାକୁ ଖୋଲିଛନ୍ତି ।

ସୂଚନାଯୋଗ୍ୟ, କୁମ୍ଭାରପଡ଼ା ଗ୍ରାମରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ସ୍ଥିର ହୋଇଥିବା ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରା ନ ଯାଇ ଅନ୍ୟତ୍ର ନିର୍ମାଣ ପାଇଁ ଚେଷ୍ଟା ଚାଲିଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ମହିଳାଗୋଷ୍ଠୀ ସଦସ୍ୟାମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇ ଥିଲେ। ବିଡିଓଙ୍କ ନିର୍ଦ୍ଦେଶ କ୍ରମେ କୁମ୍ଭାରପଡ଼ା ଗ୍ରାମର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଉପରେ ଏହି ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ପ୍ରୟାସ କରୁଥିବା ଜଣାପଡ଼ିବା ପରେ ମହିଳା ଗୋଷ୍ଠୀର ସଦସ୍ୟାମାନେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ମୁଖ୍ୟ ଫାଟକରେ ଗତ ଅକ୍ଟୋବର ୨୮ରେ ତାଲା ଝୁଲାଇ ଦେଇଥିଲେ। ଏହି ବିବାଦର ସମାଧାନ ନ ହେଲେ କୁମ୍ଭାରପଡା ଗ୍ରାମର ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟ ଘେରାଉ କରି ହରତାଳ କରିବେ ବୋଲି ଚେତାବନୀ ଦେଇଥିଲେ ।



ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଫାଟକରେ ପକାଯାଇଥିବା ତାଲାକୁ ମହିଳାମାନେ ଖୋଲୁଛନ୍ତି।

## ଓଡ଼ିଆ ବିଭାଗ ପାଠଚକ୍ର

**ପାରଳାଖେମୁଣ୍ଡି,୨୫।୧୧(ଡି.ଏନ.ଏ.)**

ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓଡିଆ ବିଭାଗରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସ୍ୱାଧୀନତା ପରବର୍ତ୍ତୀ ଓଡିଆ ନାଟକ' ଶୀର୍ଷକ ଏହି ପାଠଚକ୍ରରେ ଅନ୍ୟ ଦୃଷ୍ଟି ଏକ ଉତାଙ୍ଗ ସାହିତ୍ୟ ପତ୍ରିକା ବ୍ରହ୍ମପୁରର ସମ୍ପାଦକ ସୋମନାଥ ବେହେରା ଯୋଗଦେଇ ନାଟକର ଇତିହାସ ଓ ସ୍ୱାଧୀନତା ପରବର୍ତ୍ତୀ ଓଡିଆ ନାଟକ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଅତିଥିଭାବେ ରାଜ୍ୟପାଳ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଏବଂ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ଶିକ୍ଷକ ତଥା ଓଡିଶା ସାହିତ୍ୟ ଏକାଡେମୀ ଗଜପତି ଜିଲାର ସଭ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କଲେଜ ଓଡିଆ ବିଭାଗର ମୁଖ୍ୟ ଡ. ଚନ୍ଦ୍ରଶେଖର ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଅର୍ଜୁନ ଜେନା ସଭା ପରିଚାଳନା କରିଥିଲେ।

## ଚାଷ ଜମିରୁ ଜଳ ନିଷ୍କାସନ ଦାବି

**ଆସିକା,୨୫।୧୧(ଡି.ଏନ.ଏ.)**

ଆସିକା ବ୍ଲକର ଭେଟନଈ, ବଡଖୋଲି ଅଞ୍ଚଳରେ ଚାଷ ଜମିରୁ ଜଳ ନିଷ୍କାସିତ ହୋଇପାରୁନଥିବା ଯୋଗୁ ବର୍ଷାଦିନେ ଶହ ଶହ ଏକରର ଫସଲ ନଷ୍ଟ ହେଉଛି। ତେଣୁ ଜମିରୁ ଜଳ ନିଷ୍କାସନ ଲାଗି ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ସଂପୃକ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଗୁରୁବାର ଭେଟନଈ ସରପଞ୍ଚ ଅମୂଲ୍ୟ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ବହୁ ଚାଷୀ ଭଞ୍ଜନଗରସ୍ଥିତ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷଜମି ଦେଇ ଯାଇଥିବା ଘୁଙ୍ଗୁରି ନାଳର ଦ୍ୱିତୀୟ ଚେକ ଡ୍ୟାମ ଦେଇ ଉଦବୃତ୍ତ ଜଳ ବଡନଦୀରେ ମିଶିବା ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା କାର୍ଯ୍ୟରେ ଆସୁନି। ଏଥିଯୋଗୁ ଭେଟନଈ, ବଡଖୋଲି, ଧନିଜା, ଭେଜିପୁଟ ଆଦି ଗ୍ରାମର ବହୁ ଚାଷ ଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି।

# ଗୋଚର ଜମି ଦଖଲ ନେଇ ଅଭିଯୋଗ



ତହସିଲ କାର୍ଯ୍ୟାଳୟରେ ଚଡ଼କମରା ଗ୍ରାମବାସୀ ଅଭିଯୋଗ କରିବାକୁ ଆସିଛନ୍ତି।

## ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଚଡ଼କମରା ଗ୍ରାମବାସୀ

**ନୂଆଗାଁ,୨୫।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ତହସିଲ ଅଧୀନ ଚଡ଼କମରା ଗ୍ରାମର ଗୋଚର ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ନେଇ ଗୁରୁବାର ନୂଆଗାଁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ଗ୍ରାମବାସୀ। ସେମାନେ ଅଭିଯୋଗ କରିଛନ୍ତି ଗାଁର ଗୋରୁ ଚରିବା ପାଇଁ ଏକ ଗୋଚର ଜମି ଅଛି। ହେଲେ ସମ୍ପୃକ୍ତ ବ୍ୟକ୍ତି ସେହି ଗୋଚର ଜମି ପାଖରେ କିଛି ଜାଗା କିଣି ଫାର୍ମ ହାଉସ କରୁଛନ୍ତି । ସମ୍ପୃକ୍ତ ବ୍ୟକ୍ତି ଗୋଚର ଜମିକୁ ଜବରଦଖଲ କରି ପକ୍କା ରାସ୍ତା ନିର୍ମାଣ କରୁଛନ୍ତି । ଏପରିକି ସେହି ଗୋଚର ଜମିରେ ୫ ଫୁଟ ଗାତ ଖୋଳି ଡ୍ରେନ୍ ନିର୍ମାଣ କରାଯାଇଛି । ଫଳରେ ଗୋରୁ ଚରାଇବାରେ ଚଡ଼କମରାରେ ବାସ କରୁଥିବା ଆଦିବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବାବଦରେ ନୂଆଗାଁ ତହସିଲଦାର, ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଉକ୍ତ ଗ୍ରାମକୁ ଯାଇ ଅଭିଯୋଗର ତଦନ୍ତ କରିବା ପାଇଁ ନୂଆଗାଁ ରାଜସ୍ୱ ନିରୀକ୍ଷକଙ୍କୁ ତହସିଲଦାର ପ୍ରଲୟାନନ୍ଦ ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି।

# ଠକେଇ ଅଭିଯୋଗରେ ମହିଳା ଗିରଫ

**ନୂଆଗାଁ,୨୫।୧୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ପୋଲିସ ଠକେଇ ଅଭିଯୋଗରେ ଶୁକ୍ରବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ସେ ହେଲେ ଯଶୋବନ୍ତୀ ବାରିକ (୪୮)। ସୂଚନା ଅନୁଯାୟୀ, ବରଗଡ଼ ଜିଲାର ଯଶୋବନ୍ତୀ ଦୀର୍ଘବର୍ଷ ହେଲା ନୂଆଗାଁ ଥାନା ମହିପୁର ଅଞ୍ଚଳରେ ରହି ଆସୁଥିଲେ । ଏପରି କି ସେ ଏଠାରେ ନିଜର ଆଧାର କାର୍ଡ ମଧ୍ୟ କରିଛନ୍ତି । ଦୀର୍ଘବର୍ଷର ରହଣି ଭିତରେ ବିଭିନ୍ନ ମହିଳାଙ୍କ ସହ ମିଳାମିଶା କରି ସୁସମ୍ପର୍କ ରଖିଥିଲେ । ଏହି ସୁଯୋଗରେ ସେ ମହିଳାମାନଙ୍କ ମନରେ ବିଶ୍ୱାସ ସୃଷ୍ଟିକରି ସାହିପଡିଶା ଓ ମହିଳା ଗ୍ରୁପରୁ ପ୍ରାୟ ୮ ଲକ୍ଷ ଟଙ୍କା ଠକି ନେଇଥିବା ନୂଆଗାଁ ଥାନାରେ ଗତ ଅଗଷ୍ଟ ମାସରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୧୨/୨୧) ରୁଜୁ କରି ତାଙ୍କ ଉପରେ ନଜର ରଖିଥିଲା। ଗୁରୁବାର ତାଙ୍କୁ ବାଣିଗୋଛା ଥାନା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।



ଗିରଫ ମହିଳା ଯଶୋବନ୍ତୀ ବାରିକ।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

**ନୂଆଗାଁ,୨୫।୧୧(ଡି.ଏନ.ଏ.)**

ଶିଶୁ,ଗର୍ଭବତୀ ଓ ପ୍ରସୂତିମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସେମାନଙ୍କୁ ପୃଷ୍ଟିକର ଛତୁଆ ଯୋଗାଇ ଦେବା ପାଇଁ ସରକାର ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଲାଭଖୋର ବ୍ୟକ୍ତିଙ୍କ ପାଇଁ ପୃଷ୍ଟିକର ଖାଦ୍ୟ ବଦଳରେ ଅଖାଦ୍ୟ ବଣ୍ଟନ କରାଯାଉଛି । ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଏପରି ଛତୁଆ ବଣ୍ଟନ କରାଯାଉଥିବା ଅଭିଯୋଗ ହୋଇଛି । ଚଳିତ ମାସ ୨୨ ତାରିଖରେ ଚଡ଼କମରାରେ ଦିଆଯାଇଥିବା ପ୍ୟାକେଟ ଛତୁଆକୁ ଚଲେଇଲେ ସେଥିରୁ ଚୋକଡ ବାହାରୁ ଥିବା ଦେଖିବାକୁ ମିଳିଛି । ପୃଷ୍ଟିକର ଖାଦ୍ୟ ଦେବା ପରିବର୍ତ୍ତେ ଶିଶୁମାନଙ୍କୁ ଅଖାଦ୍ୟ ଦିଆଯାଉଥିବା ଗ୍ରାମବାସୀ କହିଛନ୍ତି । ଛତୁଆ ପାଇବା ପରେ ଛତୁଆ କେବେ ବଣ୍ଟନ କରାଗଲା, ଛତୁଆର ମାନ ଆଦି ସରକାରଙ୍କୁ ଅବଗତ କରାଇବା ପାଇଁ ଛତୁଆ ଆପ୍ କରାଯାଇଛି । କିନ୍ତୁ ନିଜ ମତାମତ ନ ଦେଇ ଅଧିକାରୀଙ୍କ ନିର୍ଦ୍ଦେଶରେ ଛତୁଆ ଆପ୍‌ରେ ମତ ଦେବାକୁ ପଡୁଛି ବୋଲି ଜଣେ ଅଙ୍ଗନୱାଡି କର୍ମୀ ନିଜ ନାମ ଗୋପନ ରଖି କହିଛନ୍ତି । ମିଲ୍ ମାଲିକ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ହାତ କରି ମହିଳା ଗୋଷ୍ଠୀଙ୍କ ନାମରେ ନିଜେ ଛତୁଆ ପ୍ରସ୍ତୁତ କରିଥାଆନ୍ତି। ମିଲମାଲିକ ଛତୁଆର ମାନ ଅପେକ୍ଷା ନିଜ ଲାଭକୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି । ଫଳରେ ମିଲମାଲିକ ଅଧିକ ଲାଭ ପାଇବା ଆଶାରେ ନିମ୍ନମାନର ଛତୁଆ ପ୍ରସ୍ତୁତ କରିଥାନ୍ତି । ପ୍ରତି ବ୍ଲକର ଛତୁଆ ନିଜ ବ୍ଲକରେ ପ୍ରସ୍ତୁତ କରିବାର ନିୟମ ରହିଥିବା ବେଳେ ତା'ର ବ୍ୟତିକ୍ରମ ନୂଆଗାଁ ବ୍ଲକରେ ଦେଖିବାକୁ ମିଳିଛି । ନୂଆଗାଁ ବ୍ଲକର ଛତୁଆ ପ୍ରସ୍ତୁତ କରିବା ପାଇଁ ନୂଆଗାଁ ବ୍ଲକରେ ଅନେକ ଆଗ୍ରହୀ ମହିଳା ଗୋଷ୍ଠୀ ଇଚ୍ଛୁକ ଥିବା ବେଳେ ସେମାନଙ୍କୁ ଦାୟିତ୍ୱ ନ ଦେଇ ଦଶପଲ୍ଲା ବ୍ଲକରେ ଛତୁଆ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଛତୁଆ ପ୍ରସ୍ତୁତ ହେଉଥିବା ମିଲ ପ୍ରତି କାହାର ଦୃଷ୍ଟି ରହୁନାହିଁ। ଏ ସଂକ୍ରାନ୍ତରେ ନୂଆଗାଁ ବ୍ଲକ ସିଡିପିଓ ଶୁଭ୍ରକେଶୀ ମଲିକଙ୍କୁ ପଚାରିବାରେ ମୁଁ ଛତୁଆ ପ୍ୟାକେଟ ଦେଖିବା ପରେ ଏ ସଂକ୍ରାନ୍ତରେ ମତାମତ ଦେବି ବୋଲି କହି ଏହି ଅଭିଯୋଗକୁ ଏଡ଼ାଇ ଯାଇଥିଲେ ।



ଛତୁଆ ମିଳିଥିବା ଚୋକଡ଼।

# ଅବକାରୀ ବିଭାଗରେ ଅଚଳାବସ୍ଥା

## ଅଧୀକ୍ଷକଙ୍କ ସମେତ ୪ ଅଧିକାରୀ ଛୁଟିରେ

**ନୟାଗଡ଼ ଅଫିସ,୨୫।୧୧**

ନୟାଗଡ଼ ଅବକାରୀ ଅଧୀକ୍ଷକଙ୍କ ସମେତ ୨ ଇନ୍ସପେକ୍ଟର ଓ ଜଣେ ସବଇନ୍ସପେକ୍ଟର ଏପରି ୪ଜଣ ଅଫିସର ଶାରୀରିକ ଅସୁସ୍ଥତା ଦର୍ଶାଇ ଛୁଟରେ ଅଛନ୍ତି । ଜଣେ ଇନ୍ସପେକ୍ଟର ନୟାଗଡ଼ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଚଳାଉଛନ୍ତି । ଏଣୁ ବିଭାଗ ପକ୍ଷରୁ ଚଢ଼ାଉ, ଧରପଗଡ ପ୍ରାୟ ନାହିଁ । ଜିଲାରେ ମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାର ବଢ଼ି ଚାଲିଛି । ଛୁଟିରେ ରହିଥିବା ଅଧିକାରୀଙ୍କ ବିରୋଧରେ ବିଭିନ୍ନ ପ୍ରକାରର ଅଭିଯୋଗ ଉଚ୍ଚପଦସ୍ଥ ଅଫିସରଙ୍କ ନିକଟରେ ହୋଇଛି। ଏଣୁ କାର୍ଯ୍ୟାନୁଷ୍ଠାନ ଭୟରେ ଶାରୀରିକ ଅସୁସ୍ଥତା ଦେଖାଇ ଛୁଟିରେ ରହିଥିବା କୁହାଯାଉଛି । ଏନେଇ ଇନ୍ସପେକ୍ଟର ମୃତ୍ୟୁଞ୍ଜୟ ବେହେରା କହିଛନ୍ତି, ଶାରୀରକି ଅସୁସ୍ଥତା ଦର୍ଶାଇ ଅବକାରୀ ଅଧୀକ୍ଷକଙ୍କ ସମେତ ୪ଜଣ ଛୁଟିରେ ଅଛନ୍ତି । ଅନ୍ୟ କିଛି ସେ ଜାଣି ନ ଥିବା କହିଛନ୍ତି । ଅବକାରୀ ଅଧୀକ୍ଷକ ଦିବ୍ୟ କିଶୋର ତଣ୍ଡେଲଙ୍କ ଫୋନ ସୁଇଚ୍ ଅଫ୍ ଥିବାରୁ ଯୋଗାଯୋଗ ହୋଇ ପାରି ନାହିଁ ।

# ମନ୍ଦିର କାର୍ଯ୍ୟକୁ ବିରୋଧ ପ୍ରତିବାଦରେ ବଜାର ବନ୍ଦ



ସଚେତନତା ଶୋଭାଯାତ୍ରା ।

**କ.ନୂଆଗାଁ,୨୫।୧୧(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ଠାରେ ଚାଲିଥିବା ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟକୁ ନୂତନ ଭାବେ ଗଠିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁରକ୍ଷା ମଞ୍ଚ ବିରୋଧ କରୁଛି। ଏହା ସ୍ୱାସ୍ଥ୍ୟକେନ୍ଦ୍ର ଜାଗାରେ ହେଉଛଇ ହେଉଛି ବୋଲି ମଞ୍ଚ ଅଭିଯୋଗ କରୁଛନ୍ତି। ମନ୍ଦିର କାର୍ଯ୍ୟକୁ ବିରୋଧ ପ୍ରତିବାଦରେ ଗୁରୁବାର ଦୁର୍ଗା ପୂଜା କମିଟି ଓ ବଜାର କମିଟି ପକ୍ଷରୁ ଦୋକାନ ବଜାର ବନ୍ଦ କରାଯାଇଛି। ପରେ ବ୍ଲକର ଶତାଧିକ ଜଗନ୍ନାଥପ୍ରେମୀ ଏକାଠି ହୋଇ ତହସିଲ ଅଫିସକୁ ଯାଇଥିଲେ। ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ଅନୁପସ୍ଥିତିରେ ନାଜିର ସୁଭେନ୍ଦ୍ର କୁମାର ସାହୁଙ୍କୁ ମନ୍ଦିର ଜାଗା ସମନ୍ଧୀୟ କାଗଜପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଜାଗା ବିବାଦ ସମାଧାନ ପାଇଁ ତହସିଲଦାର ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁରକ୍ଷା ମଞ୍ଚ ଓ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିବେ ବୋଲି ପୂର୍ବରୁ ଧାର୍ଯ୍ୟ କରିଥିଲେ। ମାତ୍ର ତହସିଲଦାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ସମୀକ୍ଷା ବୈଠକରେ ଯୋଗ ଦେବାକୁ ଯାଇଥିବାରୁ ଆସନ୍ତା ୩୦ ତାରିଖରେ ଶୁଣାଣି କରିବା ପାଇଁ ଧାର୍ଯ୍ୟ କରିଥିଲେ।

# ରହୁନି ଖାଦ୍ୟର ଗୁଣବତ୍ତା

- ବାସି,ଦୂଷିତ ଖାଦ୍ୟ ଯୋଗୁ ବଢୁଛି ପେଟ ରୋଗ
- ପ୍ରତିବାଦ କଲେ ଖରାପ ବ୍ୟବହାର କରୁଛନ୍ତି ବ୍ୟବସାୟୀ
- ୫ ନାମୀ ହୋଟେଲ ବିରୋଧରେ ମାମଲା

**ନୟାଗଡ଼ ଅଫିସ,୨୫।୧୧**

ନୟାଗଡ଼ ଜିଲାରେ ବିଭିନ୍ନ ହୋଟେଲ, ଢ଼ାବା, ଜଳଖିଆ ଦୋକାନ ବିକ୍ରି ହେଉଥିବା ଖାଦ୍ୟର ଗୁଣବତ୍ତା (ମାନ) ଠିକ୍ ରହୁନି ବୋଲି ଅଭିଯୋଗ ହୋଇ ଆସୁଛି । ସେଠାରେ ବାସୀ ଓ ଦୂଷିତ ଖାଦ୍ୟ ଅବାଧରେ ବିକ୍ରି ହେଉଛି । ସେପରି ଖାଦ୍ୟ ଖାଇ ପେଟ ରୋଗ ସହିତ ଅନ୍ୟାନ୍ୟ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଗତ ୧ବର୍ଷ ମଧ୍ୟରେ ୨୪୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପେଟ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ବେସରକାରୀ ଭାବେ ଜଣାପଡିଛି । ତେବେ ଖାଦ୍ୟର ଗୁଣବତ୍ତା ନେଇ ପ୍ରଶ୍ନ କରିଲେ କେତେଜଣ ଦୋକାନୀ ଗ୍ରାହକଙ୍କୁ ଖରାପ ବ୍ୟବହାର କରୁଛନ୍ତି । ଏପରିକି ମାର୍‌ପିଟ କରୁଥିବାର ଅଭିଯୋଗ ରହିଛି। ଅନ୍ୟପକ୍ଷେ ଖାଦ୍ୟର ଗୁଣବତ୍ତା ନ ଥିବା ନେଇ ନୟାଗଡ଼ ସହରର ୫ଟି ନାମୀ ହୋଟେଲ ବିରୋଧରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

ଉଠା ଓ ଅସ୍ଥାୟୀ ଦୋକାନୀ ଖାଦ୍ୟକୁ ବାହାରେ ରଖୁଥିଲେ ହେଁ ତାକୁ ଘୋଡାଉ ନାହାନ୍ତି । ଖାଦ୍ୟ ଉପରେ ମାଛି ବସିବା ସହ ଯାନବାହାନ ଓ ରାସ୍ତାର ଧୂଳି ମଧ ପଡୁଛି । ପୁଣି ଦୋକାନୀମାନେ ବ୍ୟବହାର କରୁଥିବା ପାଣି ପାତ୍ର ବହୁ ମାସ ଧରି ସଫା କରାଯାଉ ନାହିଁ । ଅନେକ ହୋଟେଲ ଓ ଢ଼ାବାରେ ବଳକା ଖାଦ୍ୟକୁ ଦୋରନ୍ଧା କରି ବିକ୍ରି କରାଯାଉଛି। ଅପରିଷ୍କାର ପରିବେଶରେ ଖାଦ୍ୟ ରନ୍ଧା ଯାଉଛି। ଅଇଁଠା ପାତ୍ରଗୁଡିକ ଠିକ୍ ଭାବେ ସଫା କରାଯାଉନାହିଁ । ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ହୋଇଥିଲେ ହେଁ ଏଥିପ୍ରତି ନଜର ଦିଆଯାଉ ନାହିଁ। ପୁଣି ନିମ୍ନମାନର, କମ୍ ଦାମର ତେଲ ବ୍ୟବହାର ଓ ପୋଡା ତେଲକୁ ବାରମ୍ବାର ବ୍ୟବହାର ରୋଗକୁ ଆମନ୍ତ୍ରଣ କରୁଛି । ବହୁ ହୋଟେଲ, ଢ଼ାବାରେ ଭାତ ଶୀଘ୍ର ହେବା ପାଇଁ ୟୁରିଆ ସାର, ମାଂସକୁ ସତେଜ ରଖିବା ପାଇଁ ଚୂନପାଣି ବ୍ୟବହାର କରାଯାଉଛି। ସେହିଭଳି ଗୁପଚୁପ୍, ଦହିବରା, ଆଳୁଦମରେ ବ୍ୟବହୃତ ଦୂଷିତ ପାଣି ରୋଗ ବଢ଼ାଉଛି। ଏନେଇ ଗୋଡିପଡା ଭାଲିଆଡିହିର ରବି ମହାନ୍ତି କୁହନ୍ତି, ଗତ ୩ଦିନ ତଳେ ନୟାଗଡ଼ର ଏକ ହୋଟେଲରେ ଆମେ କେତେଜଣ ସାଙ୍ଗ ଖାଇବାକୁ ଯାଇଥିଲୁ। ଆମ ଭାତରୁ ଚୁଟି ବାହାରିଲା । ତରକାରୀରୁ ପଚା ଆଳୁ ଓ ବାସୀ ମାଛ ଦେଇଥିବାରୁ ପ୍ରତିବାଦ କରିଥିଲୁ। ପ୍ରତିବାଦ ପରେ ପାଟି କରନି କିଛି ଟଙ୍କା କାଟି ଦେବୁ ବୋଲି କହିଥିଲେ। ହେଲେ ପରେ ମୋର ଜଣେ ସାଙ୍ଗକୁ ମାରପିଟ୍ କରି କ'ଣ କରୁଛ କର ବୋଲି କହି ହେଟେଲରୁ କାଢ଼ି ଦେଇଥିଲେ । ଖଲ୍ଲିକୋଟର ସୁଦାମ ମିଶ୍ର କୁହନ୍ତି, ଗତ ୧ମାସ ତଳେ ନୟାଗଡ଼ ଟ୍ରାଫିକ ଛକରେ ଓହ୍ଲାଇ ଏକ ହୋଟେଲରେ ଖାଇଥିଲି । ହେଲେ ବାସୀ ଖାଦ୍ୟ ମୋତେ ଦିଆ ଯାଇଥିଲା। ପ୍ରତିବାଦ କରିବାରୁ ମୋ ସହ ଓଲଟା ପାଟିତୁଣ୍ଡ କରି ମୋ ମୁହଁ ବନ୍ଦ କରି ଦେଇଥିଲେ। ନୟାଗଡ଼ରେ ହୋଟେଲ ଉପରେ ଲଗାମ ଲଗାଇବାକୁ ସୁଦାମ ନିବେଦନ କରିଛନ୍ତି। ଗଣିଆର ଉଦ୍ଧବ ପ୍ରଧାନ କୁହନ୍ତି, ନୟାଗଡ଼ର ଏକ ହୋଟେଲରୁ ତାଡିଆ ଖାଉଥିଲି । ହେଲେ ତାଡିଆ ଭିତରୁ ଅସରପା ବାହାରି ଥିଲା। କହିବାରୁ ଅସରପା ଫୋପାଡି ଦେଇ କିଛି ନୁହଁ କହି ଖାଇବାକୁ ପରାମର୍ଶ ଦେଲେ। ଏପରିକି ମୋ ସହ ପାଟିତୁଣ୍ଡ କଲେ। ନୟାଗଡର ରମେଶ ସ୍ୱାଇଁ କୁହନ୍ତି, ହୋଟେଲ, ଢ଼ାବା, ଜଳଖିଆ ଦୋକାନ ଉପରେ ଲଗାମ ଦେବା ପାଇଁ ସ୍ୱତନ୍ତ୍ର ଆଇନ ଅଣାଯିବା ଦରକାର । ଫୁଡ୍ ସେଫ୍ଟି ଅଫିସର ତାଗିଦ୍ ଏମାନଙ୍କୁ କାଟୁ କରୁନି। ନିମ୍ନମାନର ଖାଦ୍ୟ ଉପକରଣ ଓ ତେଲରେ ଖାଦ୍ୟ ପ୍ରସ୍ତୁତ କରି ଖାଦ୍ୟ ନାଁରେ ଲୋକଙ୍କୁ ଅଖାଦ୍ୟ ପରସୁଛନ୍ତି। ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିହାତି ଦରକାର। ଚଢ଼ାଉ, ଧରପଗଡ଼ ନ ଥିବାରୁ ଜିଲାର ୫ ସହର, ୮ ବ୍ଲକରେ ଭଲ ଖାଦ୍ୟ ମିଳୁ ନାହିଁ । ନୟାଗଡ଼ର ଜଣେ ପରିବା ଦୋକାନୀ କୁହନ୍ତି, ଅଧିକାଂଶ ହୋଟେଲ, ଢ଼ାବା ଓ ଜଳଖିଆ ଦୋକାନୀ ଶସ୍ତା ପନିପରିବା କିଣନ୍ତି । ମିଳା, ଶୁଖିଲା ପନିପରିବାରେ ଖାଦ୍ୟ ତିଆରି କଲେ ଭଲ ଖାଦ୍ୟ ଆସିବ କୁଆଡୁ । ଆମେ ମଧ ନାଚାର । ବ୍ୟବସାୟକୁ ଆଖି ଆଗରେ ରଖି ମୋ ପରି କେତେଜଣ ପରିବା ବ୍ୟବସାୟୀ କିଛି ନ କହିବାରୁ ଆମେ ମଧ ଭଲ ଖାଦ୍ୟ ପାଉ ନାହୁଁ ବୋଲି କହିଛନ୍ତି । ଏନେଇ ଫୁଡ୍ ସେଫ୍ଟି ଅଫିସର ନିବେଦିତା ଭଞ୍ଜ କୁହନ୍ତି, ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଖାଦ୍ୟ ସାମ୍ପୁଲ ସଂଗ୍ରହ କରାଯାଉଛି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୧୧୯ ଖାଦ୍ୟ ସାମ୍ପୁଲ ସଂଗ୍ରହ ହୋଇଛି । ନିମ୍ନମାନର ଖାଦ୍ୟ ପାଇଁ କେତେଜଣ ବ୍ୟବସାୟୀଙ୍କୁ ଫାଇନ କରାଯାଉଛି। ଗତ ବର୍ଷ ୧୦ ହଜାର ୪ଶହ ଓ ୨୦୨୧ ଅକ୍ଟୋବର ପର୍ଯ୍ୟନ୍ତ ୫ ହଜାର ୪ ଶହ ଟଙ୍କା ଫାଇନ ଆଦାୟ ହୋଇଛି ।

# ଜଙ୍ଗଲ ସଂରକ୍ଷଣ ଆଇନ ସଂଶୋଧନ ପ୍ରସ୍ତାବ ବାତିଲ ଦାବି




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଫୁଲବାଣୀ ଅଫିସ, ୨୫।୧୧

ପରିବେଶ ବିଧ୍ୱଂସକାରୀ, ଜନବିରୋଧୀ ତଥା ପୁଞ୍ଜିପତିଙ୍କ ସପକ୍ଷରେ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦କୁ ସଂଶୋଧନ କରାଯିବା ଲାଗି ପ୍ରସ୍ତାବ ଆଗତ ହୋଇଛି । ଏହାକୁ ବିରୋଧ କରି ଗୁରୁବାର ଆଦିବାସୀ ଓ ପାରମ୍ପରିକ ବନବାସୀମାନେ ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଦିବାସୀଙ୍କ ଜୀବନଜୀବିକା ଦାବି ନେଇ ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ(ସିଏସ୍‌ଡି) ଡାକରାରେ ଏହି ବିକ୍ଷୋଭ କରାଯାଇଛି। ସ୍ଥାନୀୟ ମାଦିକୁନ୍ଦା ଛକରୁ ଆଦିବାସୀମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା । ପରେ ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ କେନ୍ଦ୍ର ପରିବେଶ, ଜଳବାୟୁ ବିଭାଗ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ଆଇନ ସଂଶୋଧନ ନ କରି ଆଦିବାସୀଙ୍କୁ ସୁନିଶ୍ଚିତ ରୋଜଗାର ଯୋଜନାରେ ବ୍ୟାପକ ଫଳ, ଔଷଧୀୟ, ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ ଯୋଗାଉ ଥିବା ଚାରାରୋପଣ କରାଯିବାକୁ ଆଦିବାସୀମାନେ ଦାବି କରିଛନ୍ତି। ସେହିପରି ସିଏସ୍‌ଡିର ଜିଲା ଆବାହକ ବଳଭଦ୍ର ମଲିକ ଆଇନ ସଂଶୋଧନ ପ୍ରସ୍ତାବକୁ ବାତିଲ କରିବା ପାଇଁ ଦାବି ରଖିବା ସହ ଗ୍ରାମସଭାକୁ ସମସ୍ତ ପ୍ରାକୃତିକ ସମ୍ବଳର ସୁରକ୍ଷା, ପରିଚାଳନା ଏବଂ ଉପଯୋଗ ପାଇଁ ପ୍ରତ୍ୟକ୍ଷ ନିଷ୍ପତ୍ତି ନେବାର କ୍ଷମତା ଦିଆଯାଉ ବୋଲି ପ୍ରକାଶ କରିଛନ୍ତି। ବନବାସୀ ସୁରକ୍ଷା ପରିଷଦର ଶରତ ମଲ୍ଲିକ, ଉତ୍ସବ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ଛୋଟରାୟ ଦିଗାଲ, ଗୋକୁଳ କହଁର ପ୍ରମୁଖ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ବନବାସୀ ସୁରକ୍ଷା ପରିଷଦ, ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ସଂଗଠନ ଆଦି ବିକ୍ଷୋଭରେ ସାମିଲ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଛତ୍ରପୁର ବିଧାୟକ

## ମୁକ୍ତା ଯୋଜନାରେ ଗଞ୍ଜାମ ସହରକୁ ଅନୁଦାନ

ଗଞ୍ଜାମ,୨୫।୧୧(ଡି.ଏନ.ଏ.)

ମୁକ୍ତା ଯୋଜନାରେ ଗଞ୍ଜାମ ସହରାଞ୍ଚଳ ପାଇଁ ରାଜ୍ୟ ସରକାର ୧ କୋଟି ୨୯ ଲକ୍ଷ ୨୯ ହଜାର ଟଙ୍କା ଅନୁମୋଦନ କରିଛନ୍ତି। ଏ ନେଇ ଛତ୍ରପୁର ବିଧାୟକ ଓ ଗଞ୍ଜାମ ସହରାଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଗଞ୍ଜାମ ସହର ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଦଳୀୟ କର୍ମୀଙ୍କ ଗହଣରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

ସରକାରଙ୍କ ଏହି ଅନୁଦାନରେ ଶିଶୁ ଉଦ୍ୟାନ, ସ୍ମାର୍ଟ ପାର୍କ, ଶୌଚାଳୟ, ଜିମ ଆଦି ୨୧ ବିଭିନ୍ନ ପ୍ରକଳ୍ପ ନିର୍ମାଣ ହୋଇପାରିବ। ନଗର ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାଶ, ପୂର୍ବତନ ଏନଏସି ଅଧ୍ୟକ୍ଷା ଉର୍ମିଳା ପଲାଇ, ସଭାନେତ୍ରୀ ପ୍ରମିଳା ଦାଶ, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ପୂର୍ବତନ ଏମପି ପ୍ରତିନିଧି ସୁଦାମ ପଲାଇ, ନଗର ଛାତ୍ର ଡିଜିଟାଲ ସେକ୍ରେଟାରୀ ଆଶୁତୋଷ ଦାଶ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ଆଇଆର୍‌ଏଡି ଆପ୍ ଉଦ୍‌ଘାଟିତ

## ସଡ଼କ ଦୁର୍ଘଟଣାକୁ କରିବ ନିୟନ୍ତ୍ରଣ

ନୟାଗଡ଼ ଅଫିସ,୨୫।୧୧

କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲାରେ ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେଶ (ଆଇଆରଏଡି ଆପ୍) ପ୍ରସ୍ତୁତି କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଛି । ଜିଲାରେ ଘଟୁଥିବା ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବାକୁ ଅନ୍‌ଲାଇନ ମାଧ୍ୟମରେ ଏହି ଆପ୍‌ରୁ ସୂଚନା ମିଳିବ। ଏହାକୁ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ ଉଦ୍‌ଘାଟନ କରିଛନ୍ତି। ନୟାଗଡ ଟାଉନ ଥାନାରେ ଏହା ପ୍ରଥମେ କାର୍ଯ୍ୟକାରୀ ହୋଇଛି । ପରେ ଜିଲାର ଅନ୍ୟ ଥାନାରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ, ଡିଏସ୍‌ପି କିରଣ ହେମ୍ବ୍ରମ, ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା, ନ୍ୟାଶନାଲ ଇନଫରମେଟିକ୍ସ୍ ସେଣ୍ଟର(ଏନ୍‌ଆଇସି)ର ଡିଆରଏମ୍ ଦୀପକ ସୁତାର ଓ ଏନ୍‌ଆଇସିର ଡିଆଇଓ ମଞ୍ଜୁଶ୍ରୀ ମିଶ୍ର ଉପସ୍ଥିତ ଥିଲେ। ଦୁର୍ଘଟଣାର କାରଣ, କେଉଁ ସମୟରେ ଓ କେଉଁଠି ଦୁର୍ଘଟଣା ହେଲା, ଆହତଙ୍କ ସ୍ଥିତି ଓ ମୃତକଙ୍କ ସମ୍ପର୍କରେ ଫଟୋ ଓ ଭିଡିଓ ତଥ୍ୟ ରହିବ । ପୁଣି ଦୁର୍ଘଟଣାଗ୍ରସ୍ତ ଯାନବାହନର ବିବରଣୀ, ଚାଳକ ନିଶାସକ୍ତ ନାଁ ନାହିଁ ସେନେଇ ଉଲ୍ଲେଖ ରହିବ । ପୋଲିସ, ପରିବହନ କର୍ତ୍ତୃପକ୍ଷ, ସ୍ୱାସ୍ଥ୍ୟ, ଜାତୀୟ ରାଜପଥ ସମେତ ବିଭିନ୍ନ ରାସ୍ତା କର୍ତ୍ତୃପକ୍ଷ, ଏନ୍‌ଆଇସି ପ୍ରମୁଖ ଏଥିରେ ସହଯୋଗ କରି ତଥ୍ୟ ରଖିବେ। ଗୁରୁବାର ଏହା ନୟାଗଡ଼ ସମେତ ଫୁଲବାଣୀ, ରାୟଗଡା, ଢେଙ୍କାନାଳ, ସମ୍ବଲପୁର, ନବରଙ୍ଗପୁର, ଦେବଗଡ, ଯାଜପୁର, କଳାହାଣ୍ଡି ଓ ଝାରସୁଗୁଡ଼ା ଜିଲାରେ କାର୍ଯ୍ୟକାରୀ ହେବା ପାଇଁ ନିର୍ଦ୍ଦେଶ ରହିଥିଲା ।



ଏସ୍‌ପି ଆଇଆରଏଡି ଆପ୍‌ର ଉଦ୍‌ଘାଟନ କରୁଛନ୍ତି ।


**ODISHA STATE CIVIL SUPPLIES CORPORATION LTD. BARGARH**

No. 10771 **TENDER CALL NOTICE** Dt.24.11.2021

**No.CAD-1993:-** District Manager OSCSC Ltd., Bargarh invites sealed tenders from reputed Travel Agencies / Tour Operators of Private individuals for providing 1 (One) no of vehicle Bolero / Sumo Gold / Scorpio diesel with a mileage 10 KMs per liter of the maximum rate of @31000/- hire charge per month, which shall confirm to all the terms & conditions. The vehicles shall be utilized for supervision of Paddy Procurement Operation as per instructions of District Manager OSCSC Ltd., Bargarh.

The tender paper should be reached in the office of underisgned by speed post/Regd. Post/ Courier on or before 1st December 2021 by 11.00 A.M.

The non-refundable cost of tender application form is Rs.100/- (Rupees One Hundred) only to be the deposited in shape of demand draft drawn in favour of "District Manager OSCSC Ltd., Bargarh" Payable at Bargarh.

**Address for submission of Tender Paper:** District Manager OSCSC Ltd., Bargarh, Near Ghandhi Chowk, At/PO- Bargarh, District Bargarh.

The detail tender guideline is available in this office/District website.

| Programme of Tender Process | Date & Time |
|---|---|
| Date of advertisement | 25.11.2021 |
| Sale of tender paper | 25.11.2021 |
| Last date of receipt to tender application | 01.12.2021, 11.00 AM |
| Opening & finalization of tender | 01.12.2021, 3.00 PM |

OIPR-07036/11/0003/2122 Sd./- District Manager, OSCSC Ltd., Bargarh

**NOTICE INVITING TENDER**
**Office of Chief CSO-cum-District Manager**
**Odisha State Civil Supplies Corporation Ltd., District: BARGARH**
**TENDER No. 10757 to 10768 Dated: 24.11.2021**
**Cost of Tender Document:- Rs.5900/- Inclusive of GST for each UNIT.**

No.CAD-1995:- Online tenders are invited from eligible bidders for selection and appointment of transport contractors for transportation of paddy from paddy purchase centers (PPC) to rice mills within district or outside the district within the state of Odisha. **1. Availability of tender documents:** From Date 25.11.2021, Downloadable from website: www.oscsc.in, www.foododisha.in & www.tendersodisha.gov.in **2. Date, time and venue for pre-bid conference:** On dt28.11.21 at 5.00 PM, At: O/o CCSO-Cum-Dist. Manager, OSCSC Ltd., Bargarh. **3. Last date and time for online submission of completed Tender Documents with enclosures:** Through e-Procurement Portal: www.tendersodisha.gov.in Upto 11.00 AM of dt.30.11.2021. **4. Date, time and venue for opening of Technical Bid by the Tender Committee:** On dt.30.11.2021 at 4.00 PM, At: Conference Hall of Collectorate, Bargarh. **5. Date, time and venue of submission of original documents in support of scanned copies uploaded in the portal for verification:** On dt.01.12.2021 at 5.00 PM, At: Conference Hall of Collectorate, Bargarh. **6. Date & time of Financial Bid opening by the Tender Committee (Only of Technically Qualified Bidders):** To be announced after technical bid evaluation.

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.

OIPR-07049/11/0005/2122 Sd./- Chief CSO-cum-District Manager, OSCSC Ltd., Bargarh

**ZILLA SWASTHYA SAMITI, BALASORE** E-658

Office of the CDM & PHO-cum- Dist. Mission Director, Balasore

Advt. No. 19344 Dt.23.11.2021

**EXPRESSION OF INTEREST (EOI)**

Expression of Interest are invited from individual for rendering physiotherapy services at PHC-HWC level in Balasore District, Physiotherapy services include fixed day services at PHC-HWC level & Home visit to Home bound/bed ridden cases. The Interested candidates may visit the District Website www.baleswar.nic.in **for detail on eligibility, qualification, age, term & conditions of the Job.** The eligible Candidates may submit his/her filled up prescribed Applications on or before dt.06.12.2021 by 5 PM through **Registered Post/Speed Post only** to the Office of the undersigned. The undersigned reserves the right to accept or reject any or all the Applications without assiging any reason thereof. Undersigned will not respobsible for any postal delay.

Sd/- CDM & PHO-cum-District Mission Director, Balasore
OIPR-10032/11/0014/2122

MM-258

**OFFICE OF THE DIVISIONAL FOREST OFFICER, KALAHANDI NORTH DIVISION**

INFORNT OF THE OFFICE OF DISTRICT JUDGE KALAHANDI OLD GOVT. BUS STAND, BHAWANIPATNA, KALAHANDI, ODISHA-766001

E-mail ID: north_kalahandi@yahoo.co.in, dfokalahandinorth2003@gmail.com, Phone No. 06670-230526

**CANCELLATION ADVERTISEMENT**

The Notice Inviting Tender for the construction of 1 no. of Forest Guard Quarter at Paramanandpur in M.Rampur Range in Kalahandi North Division vide Bid Indentification No. BC-DFOKLDN-02/2021-22, Dt. 08.11.2021 is hereby cancelled due to **SINGLE BID.**

Sd/- Divisional Forest Officer, Kalahandi North Division
OIPR-08107/11/0002/2021-22

**DIRECTORATE OF TEXTILES**
**ODISHA, BHUBANESWAR-751007**
**SHORT QUOTATION TENDER CALL NOTICE FOR HIRING OF VEHICLE**

**No. PP-75:-** Sealed Quotations are invited in the prescribed format from Travel Agencies/ Tour Operator/ Individual Vehicle owners having valid up to date PAN/GSTN for providing 01 (One) No. of Vehicle (Tiago/ Bolt/Celerio) for engagement in office of the Directorate of Textiles, Odisha, Bhubaneswar on monthly rent basis. The details of the terms and conditions of the above services along with Tender documents can be downloaded from website ***https://textiles.odisha.gov.in***. Last date for submission of quotation is on or before 10.12.2021 by 5.00 P.M, through registered post/speed post. The undersigned reserves all rights either to accept or to reject the quotations without assigning any reasons whatever.

**Sd./- S.K. Dash,**
**Director of Textiles & Handloom, Odisha**
OIPR-31003/11/0019/2122

**OFFICE OF THE MUNICIPAL COUNCIL, BALANGIR**

No. 5179/BM Dt.22.11.2021

**e-Procurement Notice**

**BID IDENTIFICATION NUMBER - BLGRMPTY/05(01-01)/2021-22**

No. C-1394: Bid documents consisting of work, Estimated cost, cost of tender paper, EMD, Time of completion, class of contractor and the set of terms and conditons of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Civil Construction work as mentioned in DTCN
2. No. of works : 01 (One) No.
3. Estimated Cost : Rs.28,83,280/-
4. Period of Completion : 6 (Six) Calendar Months
5. Date and time of Online bidding : From 11.00 A.M. of 26.11.2021 to 5.00 P.M. of 04.12.2021
6. Online bids shall be open on : 06.12.2021 on 11.30 A.M.
7. Name & address of the Officer Inviting Bid : Executive Officer, Balangir Municipality
8. Further details can be seen from the website **www.tendersorissa.gov.in**.
9. Further any addendum/corrigendum/clarification issued in connection with the tenders shall be uploaded in the above website and no Newspaper advertisement shall be given. Bidders are advised to visit the website regularly for obtaining all such details.

**Sd./- Executive Officer, Balangir Municipality**
**OIPR-13169/11/0007/2122**

**ODISHA JOINT ENTRANCE EXAMINATION-2021 (OJEE - 2021)**

**No: OJEE / 452** **DATE : 25.11.2021**

**NOTICE FOR NEET (UG) 2021 QUALIFIED STATE CANDIDATES REGARDING COUNSELLING AND ADMISSION TO MBBS/BDS COURSES**

No. CAD-1997:- Congratulation to all NEET (UG) 2021 qualified candidates of the State.

Admission to MBBS/BDS seats of different Government and Hi-Tech Medical (Private) Colleges of the State will be done for the session 2021-22 on the basis of NEET (UG) 2021 merit list following rules and regulation of the State Govt.

The online counselling process will start from **29.11.2021** and the detailed schedule will be published in the OJEE website. Candidates are advised to keep in touch with websites www.ojee.nic.in / www.odishajee.com and OJEE Android App for latest information.

OIPR-14020/11/0021/2122 **Sd./- CHAIRMAN, OJEE**

**ODISHA MINING CORPORATION LIMITED** No. CAD-2001

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**NIT No. 45/OMC/CIVIL/2021**

Tender for the following works are invited online through e-procurement portal of Govt. of Odisha

| Sl. No. | Name of the Work | Estimated Cost (Rs. in Lakhs) | Time Period of the work (in month) | Class of Contractor | Cost of Bid Document (Rs.) Online |
|---|---|---|---|---|---|
| 1 | Construction of Security Barrack cum site office at Unchabali Mines of Barbil Region in the district of Keonjhar | 60.47 | 04 (Four) | B & A | 10,000/- + 18% GST |
| 2 | Construction of Security Barrack cum site office at Banspani Mines of Barbil Region in the district of Keonjahr | 60.43 | 04 (Four) | B & A | 10,000/- + 18% GST |

1. Available of Bid document in Govt. portal from Dt.29.11.2021 to 13.12.2021 upto 5.00 P.M.
2. Last date of Online submission of tender in the portal is Dt.13.12.2021 upto 5.00 P.M.
3. Date of opening of Technical Bid is Dt.14.12.2021 at 11.00 A.M.

All other details can be seen from DTCN available at Govt. website **www.tendersorissa.gov.in**. Odisha Mining Corporation Ltd. reserves the right to reject any or all tenders without assigning any reason thereof.

**CGM (Civil)**
**OIPR-30005/11/0143/2122**

**OFFICE OF THE MUNICIPAL COUNCIL, BALANGIR, ODISHA** No. C-1395

**INVITATIONS FOR BIDS (IFB)**
**E-mail ID: bgrmc1972@gmail.com**
**Tel.: (06652) 232700, Fax: (06652) 232720**

**Lr. No. 5172** **Dt. 22 Nov. 2021**

**Invitation for Bids**

**Bid Identification No. BLGRMPTY/05/(01-02)/2021-22**

| | | |
|---|---|---|
| 1 | The Executive Officer, Balangir Municipality invites percentage rate bids in Double Cover System in ONLINE MODE only as detailed below. | |
| 2 | Nature of work | : Renovation & Beautification of Pond Bank Works |
| 3 | No. of work | : 02 Nos. |
| 4 | Estimated Cost | : Rs.1,20,33,545/- & Rs.91,30,519/- |
| 5 | Bid Cost | : Rs.10,000/- (Each) |
| 6 | Class of Contractor | : "B" and "A" |
| 7 | Availability of Bid documents in the website | : From Dt.25.11.2021 to 17.00 hours of Dt.04.12.2021 |
| 8 | Date of Opening of Bid: | : Dt.06.12.2021 at 11.30 A.M. |
| 9 | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

**Executive Officer, Balangir Municipality**
**OIPR-13169/11/0006/2122**

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ**
**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୭୦୦୮ ତାରିଖ: ୨୮।୦୯।୨୧

**ବିଷୟ: ଜମି ଅଧିଗ୍ରହଣ Construction of Bridge over Ratnachira 1st Km on Siruli Karamala Road.**

No. XIII-15: ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀଙ୍କ ଅଧୀନରେ ପୁରୀ ତହସିଲ ଅନ୍ତର୍ଗତ ସୁଜନପୁର ମୌଜାର ୧ ଗୋଟି ପ୍ଲଟର ରତ୍ନଚିରା ନଦୀ ଉପରେ ଶିରୁଳି କରମଳା ରୋଡ ନିକଟସ୍ଥ ନିର୍ମିତ ହେଉଥିବା ସୁଉଚ୍ଚ ସେତୁ ଏବଂ ସଂଲଗ୍ନ ରାସ୍ତାର ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସିଧାସଳଖ କ୍ରୟ ଓ ବିକ୍ରୟ ମାଧ୍ୟମରେ କରାଯିବ, ଏହି ଜମିର ମାଲିକମାନଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଯାଇଛି। ଏହି ଜମି ମାଲିକମାନଙ୍କର ତାଲିକାରେ ଯଦି କାହାର କିଛି ଅଭିଯୋଗ ଥାଏ ତେବେ ତାହା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୦।୧୧।୨୦୨୧ରିଖ କିମ୍ବା ପୂର୍ବରୁ ଲିଖିତ ଆକାରରେ ଦର୍ଶାଇଲେ ତାହା ବିଚାରଯୋଗ୍ୟ ହେବ। ନଚେତ୍ ନିମ୍ନ ଜମି ମାଲିକମାନଙ୍କୁ ସ୍ୱତ୍ୱାଧିକାରୀଭାବେ ବିବେଚନା କରାଯାଇ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ଏଥିସହିତ ଜମି ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନଙ୍କର ଜମିର ବିକ୍ରି କବଲା କରିବା ନିମ୍ନ ପ୍ରଦତ୍ତ ଉପ-ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ, ଉପ ବିଭାଗ, ପୁରୀଙ୍କ କାର୍ଯ୍ୟାଳୟରେ ତା୧୦।୧୧।୨୦୨୧ ସୁଦ୍ଧା ଦାଖଲ କରନ୍ତୁ।

୧. ଜମିର ପଟ୍ଟା ଏବଂ ହାଲ ପାଉତିର କପି।
୨. ତା୧୦।୧୧।୨୦୨୧ ସୁଦ୍ଧା ଜମି ମାଲିକାନା ସ୍ୱତ୍ୱ ୧୩ବର୍ଷ ଅବଧିର ପ୍ରମାଣପତ୍ର (E.C.)।
୩. ଜମି ମାଲିକଙ୍କ ଫଟୋ ପରିଚୟପତ୍ର କିମ୍ବା ଆଧାର କାର୍ଡ଼।
୪. ୨ଟି ରଙ୍ଗିନ ପାସ୍‌ପୋର୍ଟ ସାଇଜ୍ ଫଟୋ।

| ଜମିର ବବରଣୀ | | | | | | |
|---|---|---|---|---|---|---|
| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ଅଧିଗ୍ରହଣ ରକବା | କିସମ | ଭୂମି ମାଲିକଙ୍କ ନାମ ଓ ଧାମ: ନାମ | ପିତା/ସ୍ୱାମୀଙ୍କ ନାମ |
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୫୦୧ | ୪୩୫ | ୦.୨୧ | ଶାରଦ ଦୋଫସଲି | ଚିତ୍ତରଞ୍ଜନ ମିଶ୍ର | ବୈଦ୍ୟନାଥ ମିଶ୍ର |

OIPR-25065/14/0033/2122 ସ୍ୱା./- ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ପୁରୀ

**ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା**
**ଇସ୍ତାହାର**

ସଂଖ୍ୟା: ୪୯୦୮ ତାରିଖ: ୨୪।୧୧।୨୦୨୧

No. F-226: ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା୩୧।୦୮।୧୯୯୮ରିଖ ପରିଶିଷ୍ଟ - VI ନିୟମ 2(C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟଗୁଡ଼ିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନ ଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ୍ ପ୍ଲଟ ଗୁଡ଼ିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟର ବିବରଣୀ ନିମ୍ନରେ ପ୍ରଦତ୍ତପୂର୍ବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର)ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | Conversion Case No. | Name of the Applicant | Khata No. | Mouza | Revenue Plot No. | House No./ Layout Lot No. | Area (in Ac.) | Location of Housing Project |
|---|---|---|---|---|---|---|---|---|
| 1 | 80/2021 | ମହାବୀର ଅଗ୍ରୱାଲ | 109 | R.T.U. - 41 | 253/P | N⁴ - 5 | 0.055 | ସିଭିଲ୍ ଟାଉନସିପ୍ |
| 2 | 76/2021 | ବିଦ୍ୟାଧର ରାଉତ | 176 | R.T.U. - 27 | 181/P | A - 253 | 0.022 | କୋଏଲନଗର |
| 3 | 64/2021 | କିଶୋର କୁମାର ଟିବ୍ରେୱାଲ | 111 | R.T.U. - 42 | 150/560/P | I - 16 | 0.1239 | ସିଭିଲ୍ ଟାଉନସିପ୍ |
| 4 | 68/2021 | ବିଜୟ କୁମାର ସିଂହ | 172 (176) | R.T.U. - 27 | 182 (P) | B - 209 | 0.035 | କୋଏଲନଗର |
| 5 | 60/2021 | ଶ୍ରୀମତୀ ଅଞ୍ଜୁ କେଡ଼ିଆ | 109 | R.T.U. - 41 | 278/P, 282/P | T³ - 13 | 0.060 | ସିଭିଲ୍ ଟାଉନସିପ୍ |
| 6 | 66/2021 | ରାକ୍ଷୀ କେଡ଼ିଆ | 109 | R.T.U. - 41 | 265/P | Q³ - 2 | 0.055 | ସିଭିଲ୍ ଟାଉନସିପ୍ |
| 7 | 31/2021 | ଅଜୟ କଦମୱାଲା | 109 | R.T.U. - 41 | 253/P | K⁴ - 9 | 0.055 | ସିଭିଲ୍ ଟାଉନସିପ୍ |
| 8 | 20/2021 | ଡ. ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ | 111 | R.T.U. - 42 | 92/P | KK - 30 | 0.055 | ସିଭିଲ୍ ଟାଉନସିପ୍ |
| 9 | 47/2021 | ବୀରେନ୍ଦ୍ର କୁମାର ରାଉତରାୟ | 109 | R.T.U. - 41 | 253/837 | YY - 2 | 0.055 | ସିଭିଲ୍ ଟାଉନସିପ୍ |
| 10 | 32/2021 | ଶ୍ରୀମତୀ ସୁଧା ପାଣ୍ଡେ | 90 | R.T.U. - 42 | 93/388 | JJ - 8 | 0.060 | ସିଭିଲ୍ ଟାଉନସିପ୍ |
| 11 | 08/2021 | କ୍ରାନ୍ତି ଅଗ୍ରୱାଲ ଏବଂ ଓଗେର | 111 | R.T.U. - 42 | 150/514 | S - 12 | 0.080 | ସିଭିଲ୍ ଟାଉନସିପ୍ |
| 12 | 45/2017 | ଆର୍ତ୍ତତ୍ରାଣ ତ୍ରିପାଠୀ | 109 | R.T.U. - 41 | 288/P | U³ - 9 | 0.086 | ସିଭିଲ୍ ଟାଉନସିପ୍ |

ସ୍ୱା./- ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା
OIPR-24217/11/0005/2122

No. A-657

**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES**
**ODISHA, BHUBANESWAR**
**'e' PROCUREMENT NOTICE NO. CEMKS 10 OF 2021-22**

1. Name of the work : **Bank protection work on right bank of river Budhabalanga near village Bada Nuapur**
2. Amount put to Tender : Rs. 13,32,52,194.00
3. Bid Document Cost : Rs. 10,000.00 (Online)
4. E.M.D. : Bid Security Declaration to be furnished as per Annexure-III of Section-6 of Technical Bid Document.
5. Class of Contractor : Special Class & Super Class
6. Period of Completion : 18 Calendar months (548 days)
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding: From | To | Date of Opening of Technical Bid (Cover-I) |
|---|---|---|---|---|
| Chief Engineer & BM, Mahanadi Kathajodi System, Bhubaneswar | CEMKS BID 03 OF 2021-22 | 30.11.2021 10.00 hrs | 15.12.2021 17.00 hrs | 16.12.2021 11.00 hrs |

8. e-mail id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**

**Sd./- Chief Engineer & Basin Manager,**
**Mahanadi Kathajodi System, Bhubaneswar.**
OIPR-32252/11/0011/2122